ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଗୁରୁବାର ୦୨ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 02 JANUARY 2025

Vol.No. 35 ■ No.350 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ନୂଆବର୍ଷ ପାଳନ ବେଳେ ଲୋକଙ୍କ ଉପରେ ଚଢ଼ିଗଲା ଟ୍ରକ: ୧୨ ମୃତ



ନୂଆଦିଲ୍ଲୀ, ୧/୧ : ଆମେରିକାର ନ୍ୟୁ ଅର୍ଲିୟନ୍ସରେ ଏକ ବଡ଼ ଦୁର୍ଘଟଣା ଘଟିଛି । ନୂଆବର୍ଷ ଉତ୍ସବ ପାଳନ ସମୟରେ ଜଣେ ଟ୍ରକ ଚାଳକ ଉପସ୍ଥିତ ଲୋକଙ୍କ ଉପରେ ଟ୍ରକ ଚଢ଼ାଇଦେଇଥିଲେ। ଏହି ଦୁର୍ଘଟଣାରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩୦ ଜଣ ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ବୁଧବାର ଦିନ ସହରର ଏକ ପ୍ରସିଦ୍ଧ ବାର୍ବନ୍ ଷ୍ଟ୍ରିଟ୍ ଅଞ୍ଚଳରେ ଏକ ଟ୍ରକ ହଠାତ ଭିଡ ଭିତରକୁ ପଶି ସେମାନଙ୍କୁ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ଏକ ଟ୍ରକ ଭିଡ଼ ଭିତରକୁ ପଶି ଆସିଥିଲା ଓ ଏହାର ଡ୍ରାଇଭର ଗାଡିରୁ ବାହାରି ଗୁଳି ଚଳାଇବା ଆରମ୍ଭ କରିଥିଲା, ଏହାର ଜବାବରେ ପୁଲିସ ମଧ୍ୟ ଗୁଳି ଚଳାଇଥିଲା। ପୁଲିସର କହିବା କଥା ଯେ ଏଥିରେ କାହାର ସମ୍ପୃକ୍ତି ଅଛି ସେନେଇ ଜଣାପଡିନାହିଁ ଓ ତଦନ୍ତ ଚାଲିଛି । ଲୋକମାନେ ନୂଆ ବର୍ଷ ଉତ୍ସବ ପାଳନରେ ମସଗୁଲ ଥିବାବେଳେ ବହୁ ସଂଖ୍ୟାରେ ଲୋକ ରୁଣ୍ଡ ହୋଇଥିଲେ ।

## ୧୫ ସୁଦ୍ଧା ସରିବ ରାସନକାର୍ଡ ଇ-କେଓ୍ୱାଇସି ଯାଂଚ: ରାଜ୍ୟ ବାହାରକୁ ଯାଉଛନ୍ତି ସରକାରୀ କର୍ମଚାରୀ



ଭୁବନେଶ୍ୱର, ୧/୧ : ଚଳିତମାସ ୧୫ତାରିଖ ସୁଦ୍ଧା ରାସନକାର୍ଡର ଆଧାରଭିତ୍ତିକ ଇ-କେଓ୍ୱାଇସି ଯାଂଚ ପ୍ରକ୍ରିୟା ଶେଷ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ରାଜ୍ୟ ଭିତରେ ରାସନକାର୍ଡ ହିତାଧିକାରୀ ଥିବା ବୃଦ୍ଧବୃଦ୍ଧା ଓ ଅସୁସ୍ଥ ଲୋକଙ୍କୁ ଭେଟି କେଓ୍ୱାଇସି ଯାଂଚ କରିବା ନିମନ୍ତେ ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ବାହାରେ ଥିବା ଶ୍ରମିକମାନେ ଯୋଗାଯୋଗ କଲେ ସେଠାକୁ ମଧ୍ୟ ସରକାରୀ କର୍ମଚାରୀଙ୍କୁ ପଠାଯିବ ବୋଲି ରାଜ୍ୟ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ରାସନକାର୍ଡ ଇ-କେଓ୍ୱାଇସି ଯାଂଚ ପ୍ରକ୍ରିୟା ୮୫ ପ୍ରତିଶତ ଶେଷ ▶▶ପୃଷ୍ଠା ୭

## ଭାରତ ଆସିବ ୨୬/୧୧ ମୁମ୍ବାଇ ଆକ୍ରମଣ ଅଭିଯୁକ୍ତ ତହବୁର ହୁସେନ

ନୂଆଦିଲ୍ଲୀ, ୧/୧ : ଆମେରିକୀୟ କୋର୍ଟରେ ଭାରତ ଏକ ବଡ଼ ବିଜୟ ହାସଲ କରିଛି। ବହୁ ଚର୍ଚ୍ଚିତ ୨୬/୧୧ ମୁମ୍ବାଇ ଆକ୍ରମଣରେ ସଂପୃକ୍ତ ଆତଙ୍କବାଦୀ ତହବୁର ହୁସେନ ରାଣାଙ୍କୁ ଖୁବଶୀଘ୍ର ଭାରତକୁ ଅଣାଯିବ। ଆତଙ୍କବାଦୀ ଆକ୍ରମଣରେ ସଂପୃକ୍ତ ଥିବା ତହବୁର ରାଣାର ପ୍ରତ୍ୟର୍ପଣ ପାଇଁ ଆମେରିକା ସବୁଜ ସଙ୍କେତ ଦେଇଛି। ଭାରତ-ଆମେରିକା ▶▶ପୃଷ୍ଠା ୭

## ନୂଆ ବର୍ଷରେ ୩ ଆଇପିଏସ୍‌ଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି



ଭୁବନେଶ୍ୱର, ୧/୧ : ଦୁଇ ଦିନ ତଳେ ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ୮ ଜଣ ଆଇପିଏସ୍ ଅଫିସରଙ୍କୁ ପଦୋନ୍ନତି ମିଳିଥିବା ବେଳେ ଆଜି ଇଂରାଜୀ ନୂଆ ବର୍ଷରେ ୩ ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ସରକାର ପଦୋନ୍ନତି ଦେଇଛନ୍ତି। ସେମାନେ ହେଉଛନ୍ତି ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର, ଆର.ପି କୋଚେ ଓ ସୁଶାନ୍ତ କୁମାର ନାଥ। ଏହି ତିନି ଅଫିସରଙ୍କୁ ଡିଜିପି ପାହ୍ୟାକୁ ପଦୋନ୍ନତି ମିଳିଛି। ବିନୟତୋଷ ମିଶ୍ର ଏବେ କ୍ରାଇମବ୍ରାଞ୍ଚ ଏଡିଜି ଭାବେ କାର୍ଯ୍ୟ କରୁଛନ୍ତି। ଆର.ପି କୋଚେ ଗୁଇନ୍ଦା ନିର୍ଦ୍ଦେଶକ ଅଛନ୍ତି। ସୁଶାନ୍ତ କୁମାର ନାଥ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି। ସେ ବିଏସ୍‌ଏଫରେ କାର୍ଯ୍ୟ କରୁଛନ୍ତି। ଏହା ପୂର୍ବରୁ ୨୦୦୦ ବ୍ୟାଚ୍ ଆଇପିଏସ୍ ▶▶ପୃଷ୍ଠା ୭

## ଆଜି ଓଡ଼ିଶାରେ ପହଞ୍ଚିବେ ନୂତନ ରାଜ୍ୟପାଳ: ୩ରେ ଶପଥ ସମାରୋହ



ଭୁବନେଶ୍ୱର, ୧/୧(ନି.ପ୍ର) : ଆସନ୍ତା ୩ରେ ଶପଥ ନେବେ ଓଡ଼ିଶାର ନୂଆ ରାଜ୍ୟପାଳ ହରିବାବୁ କମ୍ଭମପତି । ସେ ଆସନ୍ତାକାଲି ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ଥିବା ବେଳେ ୩ ତାରିଖରେ ଶପଥ ଗ୍ରହଣ ସମାରୋହର କାର୍ଯ୍ୟକ୍ରମ ରହିଛି। ରାଜଭବନରେ ନୂଆ ରାଜ୍ୟପାଳ ଶପଥ ନେବେ। ମିଜୋରାମର ପୂର୍ବତନ ରାଜ୍ୟପାଳ ଡଃ କମ୍ଭମପତିଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି। ଡ. କମ୍ଭମପତି ୨୦୨୧ ଜୁଲାଇ ୧୯ତାରିଖରେ ମିଜୋରାମର ରାଜ୍ୟପାଳ ଭାବେ ଶପଥ ନେଇଥିଲେ। ଛାତ୍ର ରାଜନୀତିରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ଡଃ କମ୍ଭମପତି ୧୯୭୪-୭୫ ମସିହାରେ ଜୟପ୍ରକାଶ ନାରାୟଣ ଆନ୍ଦୋଳନବେଳେ ଗିରଫ ହୋଇ ୬ମାସ ଜେଲ୍ ଯାଇଥିଲେ। ସେ ୧୯୯୯ ମସିହାରେ ବିଶାଖାପାଟଣାର ବିଧାୟକ ଭାବେ ଆନ୍ଧ୍ରପ୍ରଦେଶ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ୨୦୧୪ ମସିହାରେ ବିଶାଖାପାଟଣା ଲୋକସଭା ଆସନରୁ ସଂସଦକୁ ନିର୍ବାଚିତ ହୋଇଥିଲେ। ୧୯୫୩ ମସିହା ଜୁନ୍ ୧୫ତାରିଖରେ ଆନ୍ଧ୍ରପ୍ରଦେଶର ପ୍ରକାଶମ୍ ଜିଲ୍ଲାର ଟିମାସମୁଦ୍ରମ ଗାଁରେ ଜନ୍ମିତ କମ୍ଭମପତି ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରିକାଲ ଆଣ୍ଡ କଂଟ୍ରୋଲ ସିଷ୍ଟମରେ ମାଷ୍ଟର ଡିଗ୍ରୀ ଓ କଂଟ୍ରୋଲ ସିଷ୍ଟମରେ ଡକ୍ଟରେଟ ଡିଗ୍ରୀ ହାସଲ କରିଛନ୍ତି। ସେ ଆନ୍ଧ୍ରପ୍ରଦେଶ ୟୁନିଭରସିଟି ଇଞ୍ଜିନିୟରିଂ କଲେଜରେ ୨୪ବର୍ଷ ଧରି ଆସୋସିଏଟ୍ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ଅନ୍ୟପକ୍ଷରେ, ଓଡ଼ିଶାର ରାଜ୍ୟପାଳ ଥିବା ଝାଡ଼ଖଣ୍ଡର ବିଜେପି ନେତା ରଘୁବର ଦାସଙ୍କୁ ହଟାଇ ଦିଆଯାଇଛି। ଝାଡ଼ଖଣ୍ଡରେ ବିଜେପିର ପରାଜୟ ପଛରେ ରଘୁବର ଦାସ ଓ ଅନ୍ୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ମୂଳ କାରଣ ବୋଲି ଚର୍ଚ୍ଚା ହେଉଛି। ତା'ଛଡ଼ା ଜଣେ ଓଡ଼ିଆ ଏଏସଓଙ୍କ ପ୍ରତି ରାଜ୍ୟପାଳଙ୍କ ପୁଅର ଅମାନବୀୟ ଆଚରଣକୁ ନେଇ ରାଜ୍ୟର ବିଜେପି ସରକାରକୁ ମଧ୍ୟ ବଦନାମ ମୁଣ୍ଡାଇବାକୁ ପଡ଼ିଥିଲା।

## ତଥାଗତଙ୍କ ଲେଖାକୁ ନେଇ ଚର୍ଚ୍ଚା: ନବୀନଙ୍କୁ ଘାଇଲା କଲେ



ଭୁବନେଶ୍ୱର, ୧/୧(ନି.ପ୍ର) : ଦୀର୍ଘ ଦିନର ନିରବତା ଭାଙ୍ଗିଛନ୍ତି ପୂର୍ବତନ ସାଂସଦ ତଥାଗତ ସତପଥୀ। ନୂଆବର୍ଷର ପହିଲି ଦିନରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଘାଇଲା କରିଛନ୍ତି। ନିଜ ଖବର କାଗଜର ସମ୍ପାଦକୀୟରେ ସେ ନିର୍ବାଚନ ପରାଜୟ ପାଇଁ ସିଧାସିଧା ନବୀନଙ୍କୁ ଦାୟୀ କରିଛନ୍ତି। ଯାହାକୁ ନେଇ ରାଜନୈତିକ ମହଲରେ ନାନା ଚର୍ଚ୍ଚା ହେଉଛି। ତଥାଗତ ନିଜ ସମ୍ପାଦକୀୟରେ ଲେଖିଛନ୍ତି, ୨୦୨୪ ଓଡ଼ିଶା ପାଇଁ ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ। ବିଜେଡିର ୨୪ ବର୍ଷ ଶାସନର ଅବସାନ ଘଟିଥିଲା। ଲୋକଙ୍କର ଏକ ନିରବ ବିପ୍ଳବ ନିର୍ବାଚନରେ ପ୍ରତିଫଳିତ ହୋଇଥିଲା। ଭୋଟର ସ୍ପଷ୍ଟ କରିଦେଲେ ଯେ, ଗଣତନ୍ତ୍ରରେ ସମାନ୍ତବାଦର ସ୍ଥାନନାହିଁ। କେତେକ ଗୋଷ୍ଠୀ ଏହି ନିର୍ବାଚନୀ ବିପର୍ଯ୍ୟୟ ଭି.କେ ପାଣ୍ଡିଆନ୍ ଯୋଗୁ ହୋଇଥିବା କହୁଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାଜୟ ପାଇଁ ଭାଜପାକୁ ଶ୍ରେୟ ଦେଇଛନ୍ତି। ନିଜଟରେ ବିଜେଡିର ପ୍ରତିଷ୍ଠା ଦିବସରେ ଦଳୀୟ ସଭାପତି ▶▶ପୃଷ୍ଠା ୭

## ଆଜି ଆସିବ ଡବଲ ଡେକର ବସ୍: ହେବ ଟ୍ରାଏଲ୍ ରନ୍

ଭୁବନେଶ୍ୱର, ୧/୧(ନି.ପ୍ର) : ଆସନ୍ତାକାଲି ଓଡ଼ିଶାରେ ପହଞ୍ଚିବ ଇଲେକ୍ଟ୍ରିକ ଡବଲ ଡେକର ବସ୍। ଏ ନେଇ ସୂଚନା ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ଦୁଇଟି ଇଲେକ୍ଟ୍ରିକ ଡବଲ ଡେକର ବସ୍ ମୁମ୍ବାଇରୁ ଭୁବନେଶ୍ୱର ଅଭିମୁଖେ ବାହାରି ସାରିଥିବା ବେଳେ ଆସନ୍ତାକାଲି ପହଞ୍ଚିବ ବୋଲି କହିଛନ୍ତି ମନ୍ତ୍ରୀ। ଏହି ଅବସରରେ ସେ କହିଛନ୍ତି, ଆସନ୍ତା ୮ରୁ ୧୦ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ▶▶ପୃଷ୍ଠା ୭

## ବଡ଼ଦାଣ୍ଡରେ ଅସମ୍ଭାଳ ଭିଡ଼: ବ୍ୟାରିକେଡ୍ ଭାଙ୍ଗିଲେ ଶ୍ରଦ୍ଧାଳୁ



ପୁରୀ, ୧/୧ (ନି.ପ୍ର): ନୂଆବର୍ଷରେ କାଳିଆ ଦର୍ଶନ ପାଇଁ ବଡ଼ଦାଣ୍ଡ ପାଲଟିଛି ଜନସମୁଦ୍ର । ପ୍ରବଳ ଭିଡ଼ ଯୋଗୁଁ ଉପୁଜିଛି ଠେଲାପେଲା ପରିସ୍ଥିତି । ସ୍ଥିତି ଅଣାୟତ୍ତ ହେବାରୁ ବ୍ୟାରିକେଡ୍ ଭାଙ୍ଗିଲେ ଭକ୍ତ। ନୂଆବର୍ଷ ଅବସରରେ ଆଜି ସକାଳୁ ସକାଳୁ ଶ୍ରୀଜିଉଙ୍କୁ ଦର୍ଶନ ପାଇଁ ବଡ଼ ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଦୂର ଦୂରାନ୍ତରୁ ଆସିଥିବା ଭକ୍ତ ବଡ଼ ଠାକୁରଙ୍କ ଦର୍ଶନ ପାଇଁ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ▶▶ପୃଷ୍ଠା ୭

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଘୋଷଣା: ପୁରୁଷଙ୍କୁ ୫ ମହିଳାଙ୍କୁ ମିଳିବ ୧୦ ଲକ୍ଷର ବୀମା





ଆୟୁଷ୍ମାନ ଭାରତରେ ମହିଳାଙ୍କୁ ୧୦ ଲକ୍ଷର ବୀମା ସୁବିଧା ମିଳିବ । ଏହି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ର-କଣଉ ଡାଟାବେସକୁ ଆଧାର କରି କାର୍ଡ ଦିଆଯିବ । ୧ କୋଟି ପରିବାରର ତଥ୍ୟ ସରକାରଙ୍କ ପାଖରେ ରହିଛି । ଫେବ୍ରୁଆରୀରୁ ଆୟୁଷ୍ମାନ ଲାଗୁ ହେଉଥିବାରୁ ଏହା ସରକାରଙ୍କ ପାଇଁ ବେଶୀ ଗୁରୁତ୍ୱପୂର୍ଣ୍ଣ । କେନ୍ଦ୍ରୀୟ ଟିମ୍ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ଫେରିଛନ୍ତି । ପରିବାରର ପୁରୁଷଙ୍କୁ ୫ ଲକ୍ଷ, ମହିଳାଙ୍କୁ ୧୦ ଲକ୍ଷ ବୀମା ମିଳିବ । ଗୋପବନ୍ଧୁ ଜନ ଆରୋଗ୍ୟ ଓ ଆୟୁଷ୍ମାନ ଭାରତ ମିଶ୍ରଣରେ ଏହି ସୁବିଧା ମିଳିବ । ୩୦ ହଜାର ହସ୍ପିଟାଲରେ ଏହି ସୁବିଧା ମିଳିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ । ଆସନ୍ତା ଫେବ୍ରୁଆରୀରୁ ରାଜ୍ୟରେ ଆରମ୍ଭ ହେବ ସରକାରଙ୍କ ବହୁ ପ୍ରତୀକ୍ଷିତ ଫ୍ଲାଗ ସିପ୍ ସ୍କିମ- ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା । ଉଭୟ ଯୋଜନାକୁ ମିଶାଇ ଗାଇଡଲାଇନ୍ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ । ରାଜ୍ୟର କୋଟିଏ ପରିବାରର ସାଢେ ୩ କୋଟି ଲୋକଙ୍କ ପାଖରେ ପହଞ୍ଚିବ ଡବଲ୍ ଇଞ୍ଜିନ ସରକାରର ଏହି ବଡ଼ ଉପଲବ୍ଧି । ଫେବ୍ରୁଆରୀରୁ ଓଡ଼ିଶାରେ ଆୟୁଷ୍ମାନ ଭାରତ । ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ବି ହେବ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ । ▶▶ପୃଷ୍ଠା ୭

## କ୍ରିୟାନୁଷ୍ଠାନ କମିଟିର ପ୍ରାକ୍ତନ ସଭାପତି ୰ ଡା. ହରିଶ୍ଚନ୍ଦ୍ର ଜେନାଙ୍କ ଜୟନ୍ତୀ ଓ ନବବର୍ଷରେ ବନ୍ଧୁମିଳନ ଉତ୍ସବ



ବାଲେଶ୍ୱର, ୧/୧ (ନି.ପ୍ର): ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ପ୍ରାକ୍ତନ ସଭାପତି ସ୍ୱର୍ଗତ ଡା. ହରିଶ୍ଚନ୍ଦ୍ର ଜେନାଙ୍କ ୯୧ତମ ଜୟନ୍ତୀ ଓ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନବବର୍ଷର ବନ୍ଧୁମିଳନ ଉତ୍ସବ ବୁଧବାରଦିନ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଡା. ଜେନାଙ୍କ ବାସଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ନିରଞ୍ଜନ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ସାଧାରଣ ସଂପାଦକ ପ୍ରଦୀପ ଦାସ ସ୍ୱର୍ଗତ ଡାକ୍ତର ଜେନାଙ୍କ ସ୍ମୃତିଚାରଣ କରି କ୍ରିୟାନୁଷ୍ଠାନ କମିଟିର ଗତ ବାର୍ଷିକ ସମ୍ମିଳନୀରେ ଗୃହୀତ ୧୭ ଦଫା ଦାବିପତ୍ର ପାଠ କରି ଜିଲ୍ଲାବାସୀଙ୍କୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ସରକାରଙ୍କ ଚରମ ବିଫଳତା ବିରୋଧରେ ପୁନଶ୍ଚ ଜିଲ୍ଲାବାସୀ ଗଣତାନ୍ତ୍ରିକ ଧାରାରେ ପର୍ଯ୍ୟାୟକ୍ରମେ ଆନ୍ଦୋଳନକୁ ଓହ୍ଲାଇବାକୁ ପଡ଼ିବ ବୋଲି ମତ ଦେଇଥିଲେ। ସମସ୍ତ ଅତିଥି ଓ ବକ୍ତାମାନେ ଡାକ୍ତର ଜେନାଙ୍କ ବହୁବିଧ ପ୍ରତିଭା ଓ ସମାଜପ୍ରତି ତାଙ୍କର ଅବିସ୍ମରଣୀୟ ଅବଦାନ ପ୍ରତି ଗଭୀର ସମ୍ମାନ ଜଣାଇ ଜିଲ୍ଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇପାରିଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱର୍ଗତ ଡା. ଜେନାଙ୍କ ଫଟୋଚିତ୍ରରେ ଓ ଡାକ୍ତର ଦମ୍ପତିଙ୍କ ପ୍ରତିମୂର୍ତ୍ତିରେ ଉପସ୍ଥିତମାନେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। 'ସମାଜ' ଉତ୍ତର ଓଡ଼ିଶା ସଂସ୍କରଣର ବରିଷ୍ଠ ସହ ସଂପାଦକ ଶଶିରଞ୍ଜନ ମଲ୍ଲିକ ଓ 'ଧ୍ୱନି ପ୍ରତିଧ୍ୱନୀ'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ ଉପଦେଷ୍ଟା ବୈଦ୍ୟନାଥ ଷଡ଼ଙ୍ଗୀ, ଶମ୍ଭୁନାଥ ମହାନ୍ତି, ମମତା ମହାପାତ୍ର, ଗିରିଶ ଚନ୍ଦ୍ର ଦାଶ, କୁମୁଦରଞ୍ଜନ ଗିରି, ଗୌରୀଶଙ୍କର ପ୍ରଧାନ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଇଂ. ବନମାଳୀ ▶▶ପୃଷ୍ଠା ୭

## ବିଜେପି ବିରୋଧରେ ମୋହନ ଭାଗବତଙ୍କୁ ଚିଠି ଲେଖିଲେ କେଜ୍ରିୱାଲ: ଦଳ ଦେଲା ଜବାବ



ନୂଆଦିଲ୍ଲୀ, ୧/୧ : ଦୁଇ ଦିନ ତଳେ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ଏଥିରେ ସେ ବିଜେପି ନାଁରେ କିଛି ଅଭିଯୋଗ ଆଣିଥିବା ବେଳେ ସେଗୁଡ଼ିକୁ ଆରଏସଏସ କେମିତି ନଜରରେ ଦେଖୁଛି ବୋଲି ମୋହନ ଭାଗବତଙ୍କୁ ପ୍ରଶ୍ନ କରିଛନ୍ତି କେଜ୍ରିୱାଲ। ଅନ୍ୟପକ୍ଷରେ ଆଜି ଏହାକୁ କାଉଣ୍ଟର କରି ଦିଲ୍ଲୀ ବିଜେପି ପକ୍ଷରୁ ଅରବିନ୍ଦ କେଜ୍ରିୱାଲଙ୍କ ନିକଟକୁ ▶▶ପୃଷ୍ଠା ୭

# ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକଙ୍କୁ ଉଚ୍ଛ୍ୱସିତ ବିଦାୟ ସମ୍ବର୍ଦ୍ଧନା



ରାଉରକେଲା, ୧/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ବରିଷ୍ଠ ଅଧିକାରୀମାନେ ଡିସେମ୍ବର ୩୧ ତାରିଖରେ 'ମନ୍ଥନ' ସମ୍ମିଳନୀ ହଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଶ୍ରୀ ଅତନୁ ଭୌମିକଙ୍କୁ ଉଚ୍ଛ୍ୱସିତ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଆରଏସପିର ଡ଼ିଆଇସି ରୂପେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିବା ବୋକାରୋ ଇସ୍ପାତ କାରଖାନାର ଡ଼ିଆଇସି ଶ୍ରୀ ବିରେନ୍ଦ୍ର କୁମାର ତିୱାରୀ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ଅପରେସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱ ରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏମ ପି ସିଂ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀଙ୍କ ସମେତ ବହୁ ମୁଖ୍ୟ ମହା ପ୍ରବନ୍ଧକ, ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ବିଦାୟୀ ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କୁ ସେବା ପ୍ରମାଣପତ୍ର ହସ୍ତାନ୍ତର କରିଥିଲେ।

ବୋକାରୋରେ ଶ୍ରୀ ଭୌମିକଙ୍କ ସଂକ୍ଷିପ୍ତ କାର୍ଯ୍ୟଜୀବନ ସମୟରେ ଶ୍ରୀ ତିୱାରୀ ତାଙ୍କ ସହ ବିତାଇଥିବା ସ୍ମରଣୀୟ ମୂହୁର୍ତ୍ତ ବିଷୟରେ ଉଲ୍ଲେଖ କରିଥିଲେ ଏବଂ ତାଙ୍କ ବ୍ୟକ୍ତିତ୍ୱ କିଭଳି ତାଙ୍କୁ ବୋକାରୋରେ କିପରି ଅଧିକ ଲୋକପ୍ରିୟ କରାଇଥିଲା ସେ ବିଷୟରେ କହିଥିଲେ। ସେ ମଧ୍ୟ ବୋକାରୋରେ କାର୍ଯ୍ୟ ସଂସ୍କୃତିର ପରିବର୍ତ୍ତନର ଶ୍ରେୟ ଶ୍ରୀ ଭୌମିକଙ୍କୁ ଦେଇଥିଲେ। "ବିନା କ୍ରୋଧରେ ଏବଂ ଦଣ୍ଡବିଧାନ ନକରି ସ୍ନେହ, ଶ୍ରଦ୍ଧା ଓ କରୁଣାକୁ ଆଧାର କରି କିପରି କାର୍ଯ୍ୟ ସମ୍ପାଦନା କରାଯାଇପାରିବ, ତାହାର ଉଦାହରଣ ଶ୍ରୀ ଭୌମିକ ସୃଷ୍ଟି କରିଛନ୍ତି।" ସେଲ ସାମୁଦାୟିକଙ୍କ ତରଫରୁ ସେ ଶ୍ରୀ ଭୌମିକଙ୍କୁ କମ୍ପାନୀ ପ୍ରତି ତାଙ୍କର ଅତୁଳନୀୟ ସେବା ତଥା ଅନେକ ଅବିସ୍ମରଣୀୟ ଛାପ ଛାଡିଯିବା ପାଇଁ ଗଭୀର କୃତଜ୍ଞତା ଜଣାଇଥିଲେ।

ସମସ୍ତ ନିର୍ବାହୀ ନିର୍ଦ୍ଦେଶକ ଏବଂ ସିଜିଏମମାନେ ମଧ୍ୟ ଶ୍ରୀ ଭୌମିକଙ୍କ ସହ କାମ କରିବାର ସେମାନଙ୍କର ଅଭିଜ୍ଞତା ସହଭାଗିତା କରିଥିଲେ ଏବଂ ତାଙ୍କର ଅବସରପରବର୍ତ୍ତୀ ଜୀବନର ସୁଖ ସମୃଦ୍ଧି କାମନା କରିଥିଲେ।

ଏହି ଅବସରରେ ଶ୍ରୀ ଭୌମିକ କହିଥିଲେ ଯେ, "ପିଲାଦିନରୁ ମୁଁ ସବୁବେଳେ ଆରଏସପିରେ ଯୋଗଦେବା ପାଇଁ ସ୍ୱପ୍ନ ଦେଖିଥିଲି କିନ୍ତୁ ମୁଁ କଳ୍ପନା କରି ନ ଥିଲି ଯେ ମୁଁ ଏହି ସଂଗଠନର ଦିନେ ନେତୃତ୍ୱ ନେବି।" ନିଜର ସଫଳତାର ଶ୍ରେୟ ନିଜର ସହକର୍ମୀ ଓ ଜୁନିୟରଙ୍କ ଅକୁଣ୍ଠ ସମର୍ଥନକୁ ଉତ୍ସର୍ଗ କରି ସେ ଆହୁରି ମଧ୍ୟ କହିଥିଲେ ଯେ, "ଏହି ଯାତ୍ରାରେ ଆମେ ଅନେକ ଆହ୍ୱାନ ଏବଂ ବାଧାବିଘ୍ନର ସାମ୍ନା କରିଛୁ। କିନ୍ତୁ ଆରଏସପି ସାମୂହିକଙ୍କ ନିଷ୍ଠାପରତା ଏବଂ ଦଳଗତ କାର୍ଯ୍ୟ ହେତୁ ଆମେ ସେଗୁଡିକୁ ସଫଳତାର ସହ ଅତିକ୍ରମ କରିଛୁ।" ଉତ୍କର୍ଷତା ପାଇଁ ପ୍ରୟାସ ଜାରି ରଖିବାକୁ ସେ ଆରଏସପି ସାମୂହିକଙ୍କୁ ଉତ୍ସାହିତ କରିଥିଲେ।

ଲୋକ ସମ୍ପର୍କ ବିଭାଗର ଜିଏମ ତଥା ସଞ୍ଚାରମୁଖ୍ୟ ଶ୍ରୀମତୀ ଅର୍ଚ୍ଚନା ଶତପଥୀ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଏଚଆର ଓଡ଼ି ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ସିମ୍ପି ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଟେଲିକମ୍ପାନୀମାନେ ସେବାରେ ଅବହେଳା କଲେ ଅର୍ଥଦଣ୍ଡ ଓ ସେବା ନିଷେଧାଦେଶ : ଟ୍ରାଇ

ସମ୍ବଲପୁର, ୧/୧ (ନି.ପ୍ର): ଭାରତ ସରକାରଙ୍କ ଟ୍ରାଇ ସହଯୋଗରେ ଉପଭୋକ୍ତା ଓକିଲାତି ସଂଘ ବାର୍ଡ ଜିଲ୍ଲାପରିଷଦ ସଭା ଗୃହ ଠାରେ ଟେଲିକମ ଗ୍ରାହକ ସଚେତନତା କର୍ମଶାଳଓକୁ ଶିଶୁ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ମିନତୀ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଉଦ୍ଘାଘାଟନ କରିଥିଲେ ଓ ଡିଜିଟାଲ ସାକ୍ଷରତା ଓ ଇ ସେବା ସମସ୍ତ ଇନ୍ଟରନେଟ ସେବା ଉପରେ ନିର୍ଭର, ସମସ୍ତ ବର୍ଗର ଲୋକେ ମୋବାଇଲ ଓ ଇନ୍ଟରନେଟ ବ୍ୟବହାର ଯାହା ଜୀବନର ଅପରିହାର୍ଯ୍ୟ ହେବାକୁ ଲାଗିଲାଣି ସେ ମତ ରଖିଥିଲେ ଓ ଟ୍ରାଇ ସିଏଜି ବାର୍ଡ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ସାଧନ କର୍ମୀ ଭାବେ ଯୋଗ ଦେଇ ବିଭିନ୍ନ ପାୱାରପୟେନ୍ଟ ମାଧ୍ୟମରେ ଉପସ୍ଥିତ ଖାଉଟିଙ୍କୁ ସଚେତନତା କରି ମୋବାଇଲ ଏସଏମଏସ, ୱାଟସ ଅପ୍ପ , ସରକାରଙ୍କ ସଂଚାରସାଥି, ଚକ୍ଷୁ ଆପ ବ୍ୟବହାର ଓ ଡ଼ିଏନଡ଼ି, ମାଇସ୍ପୀଡ ଆପ, ଅଭିଯୋଗ ପ୍ରକାରଭେଦ ଉପରେ ତାଲିମପ୍ରଦାନ କରିଥିଲେ ଓ ସାଇବାର ସେଲ ଥାନା ଅଧିକାରୀ ଶ୍ରୀମତୀ ଅମିୟ ଡୁଙ୍ଗୁଡୁଙ୍ଗୁ ସାଇବର ନିରାପତଓ ଉପରେ ଓ ମହେଶ୍ୱର ସାହୁ ସାଇବର ନିରାପତର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ମମତା, ଓ ସରକାରୀ ଯୋଜନାରେ ଅଧିକାଂଶ ସମ୍ବଲପୁର ଜିଲ୍ଲାରେ ସାଇବରଜନିତ କେଶ ରୁଜୁ ହୋଇଛି ବୋଲି ସେ କହିଥିଲେ ଓ ଜିଲ୍ଲା ବରିଷ୍ଠ ନାଗରିକ ସଭାପତି ରତ୍ନ ଭୂଷଣ ପୁରୁସେଟ ସଭାରେ ଅଧକ୍ଷତାରେ ଗ୍ରାହକ ସଚେତନତା ସର୍ବତ୍ର ହେବା ଉପରେ ଗୁରୁତ୍ୱ ଦେଇଥିଲେ। ନେଟୱର୍କ ସମସ୍ୟା, ଫେକ ମେସେଜ ଓ ସରକାର ଡିଜିଟାଲ ସାକ୍ଷର, ଇ ଗଭର୍ଣାସଜନିତ, ଉମାଙ୍ଗ, ଜନ ସମର୍ଥ, ଡିଗି ଲକାର, ଆଧାର, ଇ-ସଞ୍ଜୀବନୀ ସ୍ୱାସ୍ଥ୍ୟ ସେବା, ଇ ଶ୍ରମ କାର୍ଡ, ଇ-ବେଙ୍କିଙ୍ଗ, ସମସ୍ତ ଇ-ସେବା ପାଇଁ ଆବଶ୍ୟକ ଭିତିଭୂମିର ଅଭାବ, ଅଞ୍ଚଳରେ ଟେଲିକମ କମ୍ପାନୀଙ୍କ କଷ୍ଟମାର କେର ନମ୍ବର ମଓଧମରେରେ ସାଇବାର ଅପରାଧ ବୃଦ୍ଧି ଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହୋଇଛନ୍ତି ଓ ସାଇବାର କ୍ରାଇମ ଆକାର ଓ ନିରାକରଣ ଉପରେ ଉପସ୍ଥିତ ଗ୍ରାହକଙ୍କୁ ତାଲିମ ଦେଇଥିଲେ ଓ ସମ୍ବଲପୁର ଶତଓଧିକ ପଂଚାୟତରେ ଓ ବାମାର ଲଇକିରଓ ବ୍ଲକରେ ମୋବାଇଲ ଟାୱାର ଅସୁବିଧା ଉପରେ ଅଭିଯୋଗ କରିଥିଲେ ଓ ଟ୍ରାଇ ନିୟମ କଡାକଡି ଥିଲେ ମଧ ଟେଲିକମ କମ୍ପାନୀ ଅଣଦେଖା କରୁଛନ୍ତି, ରଓତାରଓତି କମ୍ପାନୀ ମାନେ ରିଚାର୍ଜ ପ୍ଲାନ ଭଡା ବଢେଇ ଦେଇଛନ୍ତି, କିନ୍ତୁ ତା ତୁଳନାରେ ସେବା ନଦେବା, ଅଭିଯୋଗ ପ୍ରଣାଳୀକୁ ସରଳ କରିବା, ଅଧିକ ଟୋଲ ଫ୍ରୀ ନମ୍ବର, ୱାଟସ ଆପ୍ପ ନମ୍ବର ଓ ଓଡିଆ ଭାଷଓରେ ସୁଗମ୍ୟ କରିବା ଅଧିକରୁ ଅଧିକ ଗ୍ରାହକ ସଚେତନତା କର୍ମଶଳଓ କମ୍ପାନୀଗୁଡିକ କରିବା ଉପରେ ସମସ୍ତେ ଦାବୀ କରିଥିଲେ ଓ ଟ୍ରାଇ ନିୟମ ଓ ନିର୍ଦେଶଓବଳୀ ଟେଲିକମ୍ପାନୀ ମାନନ୍ତୁ, ଖିଲାପ ହେଲେ ଅର୍ଥ ଦଣ୍ଡ ସହ ସେବା ନିଷେଧାଦେଶ ବଳବତର ଅଛି ଓ କର୍ମଶାଳାରେ ଅଙ୍ଗନବାଡିକର୍ମୀ, ଭିନ୍ନକ୍ଷମ ନେତା, ବରିଷ୍ଠ ନାଗରିକ ମଂଚ, ମହିଳା ସ୍ୱୟଂ ସହାୟକ ଦଳ, ଶତଓଧିକରୁ ଉପସ୍ଥିତ ଥିଲେ ଓ ବିଏସଏନଏଲ, ଜିଓ କ୍ଷେତ୍ର ଅଧିକାରୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।ବିକଳାଙ୍ଗ ନେତା ବଦ୍ରି ନାରାୟଣ ହୋତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଇନ୍ଦିରା ନଗର ମଧ୍ୟରେ ମାଗଣା ଅଣ ସଂକ୍ରମଣ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ବଲାଙ୍ଗିର, ୧/୧ (ନି.ପ୍ର): ଆଜି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ) ଶାସ୍ତ୍ରୀ ନଗର ପକ୍ଷରୁ ଇନ୍ଦିରା ନଗର ଠାରେ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ ମାନଙ୍କ ସହାୟତାରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ କ୍ଲବ ପରିସରରେ ଆଜି ଏକ ଅଣ ସଂକ୍ରମଣ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ସର୍ବମୋଟ ଏକଶହ ପଂଚାବନ (୧୫୫) ରୁ ଉର୍ଦ୍ଧ ବିଭିନ୍ନ ବର୍ଗ ର ରୋଗୀ ଯଥା ଉଚ୍ଚ ରକ୍ତ ଚାପ, ମଧୁମେହ,ଓରାଲ କେନସର, ଥାଇରଡ଼ ଜନିତ ରୋଗ ର ଚିକିତ୍ସା ଓ ପରାମର୍ଶ ଇତ୍ୟାଦି ର ସୁବିଧା ପାଇପାରିଥିଲେ । ରୋଗୀ ମାନ ନିଜକୁ ଚିକିତ୍ସା ତଥା ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଏଭଳି ଉନ୍ନତ ମାନର ସ୍ୱାସ୍ଥ୍ୟ ଶିବିର କ୍ରମାଗତ କରିବା ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ମାନ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ବଲାଙ୍ଗିର ଜିଲ୍ଲା ମୁଖ୍ୟକୁ ଅନୁରୋଧ କରିଥିଲେ ।

ଏହି ସ୍ୱାସ୍ଥ୍ୟ ଶିବିରରେ ବଲାଙ୍ଗିର ଦାଇତ୍ୱ ରେ ଥିବା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଦିବ୍ୟକିଶୋର ପତିଙ୍କ ପରାମର୍ଶ କ୍ରମେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅତିରିକ୍ତ ମ୍ୟାନେଜର (ଇଚଗ) ଶ୍ରୀ ରାମାନୁଜ ପଣ୍ଡା, ନେସନାଲ ପିସ ୟୁନିସନ ତଥା ସହରାଂଚଳ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ଦ୍ଦେଶକ ଓ ଚେୟାରମ୍ୟାନ ସତ୍ୟ ରଞ୍ଜନ ମିଶ୍ର ଓ ରବି ରଞ୍ଜନ ପୂଜାରୀ, ସମାଜସେବି ସଞ୍ଜୟ ଶେଖର ଦେଓ (ସମାଜସେବୀ ) ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡ଼ା. ସତ୍ୟ ନାରାୟଣ ସାହୁ, ଡ଼ା. ଅଙ୍କିତ ପଣ୍ଡା, ଏହି ଶିବିରକୁ ଏକ ସଫଳ ଚିକିତ୍ସା ଶିବିର ବୋଲି ବର୍ଣ୍ଣନା କରିଥିବା ବେଳେ ସ୍ୱାସ୍ଥ୍ୟ ହିଁ ସମ୍ପଦ ଏହି ବିଷୟ ବସ୍ତୁ ଉପରେ ମତବ୍ୟକ୍ତ କରିଥିଲେ । ଉପରୋକ୍ତ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପୌରପାଳିକା ଉପାଧକ୍ଷା ସୁଶ୍ରୀ ଗାୟିତ୍ରୀ ଭୋଇ ଯୋଗଦାନ ଓ ପରିଦର୍ଶନ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ଇପ୍ସିତା ମହାନ୍ତି (ଫିଜିଓଥରାପିଷ୍ଟ) ନମ୍ରତା ମିଶ୍ର (ନିଉଟ୍ରିସନାଲିଷ୍ଟ ) ଖୁସିରାମ ସୁନା, ରୋନି ବଗର୍ତି, ସୋନାଲି କୁମାର, ମୋନିକା ନନ୍ଦ, ବିପିନ ବିହାରୀ ସେଟ, ଅଞ୍ଜଳି ନାଗ, ନିକୁଞ୍ଜ ବିହାରି ପଟେଲ, ଦୀପାଞ୍ଜଳି ଖମାରି ଆଶା ଦିଦି, ମଣିଭଦ୍ର ବେହେରା ପ୍ରମୁଖ ସଭ୍ୟ ସଭ୍ୟା ଯୋଗଦାନ କରି ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରାଇଥିବା ବେଳେ ସାମାଜିକ ସଭ୍ୟଗଣ ଓ ଅନ୍ୟ ସ୍ଥାନୀୟ ଯୁବକ ସଂଘ ସଭ୍ୟ ସଭ୍ୟା ଗଣ ରାଧେଶ୍ୟାମ ବିଶି, ଚମ୍ପେ ଦୋରା, ଦେବାଶିଷ ଲେଙ୍କା ପ୍ରମୁଖ ସମ୍ପୂର୍ଣ ସହଯୋଗ କରିଥିଲେ ।

## ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ ପାଳିତ

କେନ୍ଦ୍ରାପଡ଼ା, ୧/୧ (ନି.ପ୍ର): କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିସରରେ ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ ପାଳନ କରାଯାଇଛି। ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମର ମୁଖ୍ୟ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଆହ୍ୱାନକ୍ରମେ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୦୨୫ ମସିହା ଇଂରାଜୀ ନବବର୍ଷର ପ୍ରଥମ ଦିବସରେ ଏହି ଦିବସ ପାଳନ କରାଯାଇଛି। ନୂଆବର୍ଷର ପ୍ରଥମ ଦିବସକୁ ବିଶ୍ୱଶାନ୍ତି ପାଇଁ ଉତ୍ସର୍ଗ କରି ପ୍ରାକୃତିକ ବିପର୍ଯ୍ୟୟ, ଦୁର୍ଗତି ବିନାଶନ ଓ ବିଶ୍ୱଶାନ୍ତି ପ୍ରତିଷ୍ଠା ଉପଲକ୍ଷେ ନିଜ ନିଜର ଇଷ୍ଟଙ୍କୁ ପ୍ରାର୍ଥନା କରିବାକୁ ଶ୍ରୀମା ବହୁ ପୂର୍ବରୁ ଆହ୍ୱାନ ଦେଇଥିଲେ। ଏ ନେଇ ବଳଦେବଜୀଉ ମନ୍ଦିରର ଝୁଲଣ ଘର ସମ୍ମୁଖରେ ଅନୁଷ୍ଠିତ ପ୍ରାର୍ଥନା ଦିବସରେ ବିଭିନ୍ନ ବର୍ଗର ବହୁ ବ୍ୟକ୍ତି ଯୋଗଦେଇ ପ୍ରାର୍ଥନା କରିଥିଲେ।

# ଦଣ୍ଡାବଡ଼ ଇକୋ ଟୁରିଜିମରେ ପର୍ଯ୍ୟଟକଙ୍କ ଭିଡ଼

ଜୟପୁର , ୧/୧ (ନି.ପ୍ର): ସବୁଜ ମୟ ଚତୁର୍ଦ୍ଦିଗ ରେ ଅନ୍ତହିନ ନିରନ୍ତର ବହୁଥିବା ପାଣିର ଧ୍ୱର ଶବ୍ଦ ସାଙ୍ଗକୁ ପକ୍ଷୀ ମାନଙ୍କ କିଚିରି ମିଚିରି ସ୍ୱରରେ ଲୁଚିରହିଥିବା ସ୍ଥାନ। ଏବେ ଲୋକଲୋଚନକୁ ଆସିଛି କ୍ଷ ପୂର୍ବରୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଥିବା ଏହି ସ୍ଥାନରେ ପ୍ରଶାସନିକ ସ୍ତର ର ତୂଳୀ ଅଙ୍କିବା ପରେ ଏହା ଏକ ପର୍ଯ୍ୟଟନ ସ୍ଥଳ ପାଲଟିଛି। ପର୍ଯ୍ୟଟନ ଋତୁ ପାଇଁ ଏବେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଲାଗୁଛି। କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ର ଉପାନ୍ତ ଦଣ୍ଡାବଡ଼ ଇକୋ ଟୁରିଜିମ । ଲୁଚି ରହିଥିବା ଉପାନ୍ତ ଦଣ୍ଡାବଡ଼ ଏବେ ପର୍ଯ୍ୟଟକ ଙ୍କ କେନ୍ଦ୍ର ବିନ୍ଦୁ ପାଲଟଛି। ଏବେ ଉପାନ୍ତ ଦଣ୍ଡାବଡ଼ ଇକୋଟୁରୀଜିମ । ଏହି ପର୍ଯ୍ୟଟନ ସ୍ଥଳୀ ରେ ପର୍ଯ୍ୟଟକ ଙ୍କ ପାଇଁ ସମସ୍ତ ସୁବିଧାକରୁଛି ପ୍ରଶାସନ । ପର୍ଯ୍ୟଟକ ରାତ୍ରି ରହିବା ପାଇଁ ୭ଟି ସୁନ୍ଦର କଟେଜ ବ୍ୟବସ୍ଥା ରହିଛି। ଖାଇବା ପାଇଁ କେନଟିନ, ସାମୁହିକ ଖାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ତତ୍‌ସହ ସମ୍ପୂର୍ଣ ସବୁଜିମା ଜଙ୍ଗଲ ଦେଖିବା ପାଇଁ ସ୍ୱତନ୍ତ୍ର ଟୟ ଟ୍ରେନ୍ ବ୍ୟବସ୍ତା ଉପଲବ୍ଧ କରାଯାଉଛି । ପିଲା ଠାରୁ ବୟସ୍କ ମାନଂକ ପାଇଁ ସୁମିଂପୁଲ୍, ଚିଲିରେନ ପାର୍କ ଓ ଉଦ୍ୟାନ ରହିଛି କ୍ଷ ବୋଟ ମାଧ୍ୟମରେ ଟିକେ ଆଗକୁ ଗଲେ ଝରଣା ଏବଂ ଧଳା ଚକ୍ ଚକ୍ ବୁଦ୍ଧଙ୍କ ପ୍ରତିମୂର୍ତି ଦେଖିପାରିବେ । ଚତୃରୁପାର୍ଶ୍ୱ କୁ ସୌନ୍ଦର୍ଯ୍ୟ କରଣ କରାଯାଇଛି। ଏହି ଇକୋଟୁରିଜିମ ଏବେ ପାଲଟିଛି ଯୁବ ପୀଢ଼ି ପାଇଁ ସେଲ୍ଫି ପଏଂଟ ଏବଂ ପ୍ରାପ୍ତ ବୟସ୍କ ମାନଙ୍କ ପାଇଁ ଶାନ୍ତିର ବସନ୍ତ । ପର୍ଯ୍ୟଟନ କେନ୍ଦ୍ର ଯୋଗୁଁ ସ୍ଥାନୀୟ ଲୋକେ ରୋଜଗାରକ୍ଷମ ହେବା ସହ ଆମୋଦ ପ୍ରମୋଦ ମଧ୍ୟ ପାଇପାରିବେ। ଗୋଟିଏ ପଟେ ମୁରାନ ନଦୀ ର ଅକାତ୍ କାତ୍ ପାଣି ସମୂହ ଅନ୍ୟ ପଟେ ସବୁଜ ମୟ ଉଦ୍ୟାନ ସତରେ ମନ କୁ ମୋହି ନେବା ପରି ଦୃଶ୍ୟ।ଦୈନିକ ଜିଲା ତଥା ଜିଲା ବାହାରର ପର୍ଯ୍ୟଟକ ଙ୍କ ଏଠି ସୁଅ ଛୁଟୁଛି। ପ୍ରାକୃତିକ ପାହାଡ଼ ଏବଂ ନଦୀ ନିକଟରେ ଏହି ଦଣ୍ଡାବାଡ଼ ଇକୋ ଟୁରିଜିମ ହୋଇଥିବାରୁ ପର୍ଯ୍ୟଟକଙ୍କ ମନ ମହୁଛି। ଟୁପା ଟୁପା ପାଣି ମିଶି କିପରି ସମୁଦ୍ର ସୃଷ୍ଟିହୁଏ ।ତାହାର ପ୍ରତିଫଳନ କରିବାରେ ସଫଳ ହୋଇଛି ବୋରିଗୁମ୍ମା ବ୍ଲକ ପ୍ରଶାସନ। ବିଭିନ୍ନ ଯୋଜନା ର ଅନୁଦାନ ମିଶ୍ରିତ ସହଭାଗିତାରେ ଏଭଳି ପ୍ରକଳ୍ପ ପ୍ରସ୍ତୁତ ହୋଇଛି। ଯାହାକି ଅନ୍ୟ ବ୍ଲକ ପାଇଁ ଉଦାହରଣ ସୃଷ୍ଟି କରିଛି। ଇକୋଟୁରିଜିମ ପାଇଁ ଗଏଘଜରଏଇ ,ଝରଉ, ଏଓଇ (ଇନଭେଟିବ ପ୍ରାକ୍ଟିସ ), ନାଲକୋ ଝଉର ,ଏବଂ ବ୍ଲକ ର ଫଣ୍ଡ ମିଶି ଦୁଇ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହି ଇକୋଟୁରୀଜିମ ଦ୍ୱାରା ଅଂଚଳରେ ପର୍ଯ୍ୟଟକ ଙ୍କ ଭିଡ ହେଉଛି ଏହା ଦ୍ୱାରା ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଉନ୍ନତି ହେବ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା। ଏହି ଇକୋଟୁରିଜିମ ମିଶନଶକ୍ତି ମହିଳାଙ୍କ ଦ୍ୱାରା ପରିଚାଳନା କରି ମହିଳା ମାନେ ରୋଜଗାରର ମାଧ୍ୟମ ପାଉଛନ୍ତି। ଏହି ଅଂଚଳରେ ନେଟୱାର୍କ ବ୍ୟବସ୍ଥା ନଥିବାରୁ କିଛି ସମସ୍ୟା ହେଉଛି ନେଟୱାର୍କ ବ୍ୟବସ୍ଥା ହେଲେ ଆହୁରି ସୁବିଧା ହୁଅନ୍ତା ବୋଲି ପର୍ଯ୍ୟଟକ କହିଛନ୍ତି। ଉପନ୍ତରେ ପର୍ଯ୍ୟଟନର ବିକାଶ କରି ଦାଣ୍ଡବାଡ଼କୁ ଏକ ନୂଆପରିଚୟ ଦେଇଛି ପ୍ରଶାସନ। ହେଲେ ଏହି ପର୍ଯ୍ୟଟନ ସ୍ଥଳୀକୁ ଯିବା ପାଇଁ ଠିକ ରାସ୍ତା ଏବଂ ନେଟୱାର୍କ ର ବ୍ୟବସ୍ଥା ହେଲେ ଏଠି ବର୍ଷ ସାରା ପର୍ଯ୍ୟଟକଙ୍କ ଭିଡ଼ ଜମିବ ବୋଲି ବୁଦ୍ଧିଜୀବି ମତ ପ୍ରକାଶ କରିଛନ୍ତି ।

## ଦେଶି ମଦ ଚାଲାଣ ବେଳେ ଚଢ଼ଉ

ଜୟପୁର, ୧/୧ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢଉ କରାଯାଇ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲା ସୁବାଷ ବାଘ । ଏକ ବାଇକରେ ଦେଶି ମଦ ଧରି ଅନ୍ତାରୁ ଦାମାପୁଟ ଚାଲାଣ ହେଉଥିଲା । ଜୟପୁର ଅବକାରି ଥାନା ସୂଚନା ପାଇ ଦାମାପୁଟ ଠାରେ ଚଢଉ କରି ୧୨ ଲିଟର ଦେଶି ମଦ ଓ ବାଇକ କୁ ଜବତ କରିଛି । ଅଭିଯୁକ୍ତକୁ ଗିରଫ କରାଯାଇ ନୋଟିସରେ ଛଡାଯାଇଥିବା ବିଷୟ ଅବକାରି ଥାନା ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି । ସେହିପରି ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ନିଳାଗୁଡାରେ ଚଢାଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ଥାନା ବହୁ ମଦ ଭାଟି ଭାଙ୍ଗିଛି । ଘଟଣାସ୍ଥଳରୁ ୬ ଶହ ଲିଟର ପୋଚ ଓ ୯୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି ।

# ବିପଦସଂକୁଳ ଗୁନଗୁନିଆ କେନାଲ ରାସ୍ତା: ଅଧିକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ମୁଖୀଗୁଡା, ୧/୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଇନ୍ଦ୍ରବତୀ ବାମ ମୁଖ୍ୟ କେନାଲ କେନାଲ ଅନ୍ତର୍ଗତ ଗୁନଗୁନିଆ ମାଇନର କେନାଲ ସର୍ଭିସ ରାସ୍ତା ଦୀର୍ଘ ଦିନ ହେଲା ସଂକୀର୍ଣ୍ଣ ହୋଇପଡିଛି। ଯାହାଫଳରେ ଉକ୍ତ ରାସ୍ତା ଦେଇ ଦୈନିକ ଯିବା ଆସିବା କରୁଥିବା ଭେଜିଗୁଡା ଗ୍ରାମପଂଚାୟତର ଲୋକେ ହନ୍ତସନ୍ତ ହେଉଛନ୍ତି। ମୋଟେର -ମୁଖୀଗୁଡା ରାସ୍ତା ଗୁନଗୁନିଆ ଛକ ଠାରୁ ୮୦୦ ମିଟର ରାସ୍ତା ଦୁଇ ପଟ ମାଟି ଧସିଯିବା ସହ ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇଛି।ଉକ୍ତ ରାସ୍ତା ଦେଇ ଭେଜିଗୁଡା ମଣ୍ଡିର ଧାନ ଟ୍ରକ ତଥା ନିକଟରେ ଥିବା କ୍ରସର ର ଗାଡି ଚଳାଚଳ କରିଥାଏ। ଛୋଟ ରାସ୍ତା ଯୋଗୁଁ ଲୋଡିଂ ଗାଡି ଗୁଡିକ ବିପଦ ସଂକୁଳ ଅବସ୍ଥାରେ ଯିବା ଆସିବା କରୁଛି। ଟ୍ରକ ଟିଏ ରାସ୍ତାରେ ଆସିଲେ ରାସ୍ତା ଜାମ ହେବା ସହ ଲୋକଙ୍କ ଚାଲିବା ପାଇଁ ମଧ ରାସ୍ତା ରହୁନାହିଁ। ଏହି ରାସ୍ତା ଦେଇ ଆଖପାଖ ଅଂଚଳର ଅନେକ ଗାଁ ନିର୍ଭରଶୀଳ ଥିବା ବେଳେ କଲମପୁର ବ୍ଲକର ଲୋକେ ମଧ ଏହି ରାସ୍ତା ଦେଇ ମୋଟେର, ଜୁନାଗଡ଼, କୋକସରାକୁ ଯାଇଥାନ୍ତି। କିନ୍ତୁ ସଂକୀର୍ଣ୍ଣ ରାସ୍ତା ଯୋଗୁଁ ଅନେକ ଦୁର୍ଘଟଣା ଘଟୁଥିବା ସହ ସବୁବେଳେ ବିପଦଶଙ୍କୁଳ ରହୁଛି। ଏ ନେଇ ଭେଜିଗୁଡା ଗ୍ରାମପଂଚାୟତବାସୀ ବାମ ମୁଖ୍ୟ କେନାଲ କୁସୁମଖୁଂଟି ଡିଭିଜନର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି।

## ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଲେ ସଂଜୀବ

ଘଟଗାଁ, ୧/୧ (ନି.ପ୍ର): କେନ୍ଦୁଝରର ମାଟିର ପୁଅ ତଥା ସଫଳତାପୂର୍ବକ କେନ୍ଦୁଝର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦୀର୍ଘ ବର୍ଷ ଦାୟିତ୍ୱ ସମ୍ପନ୍ନ କରିଥିବା ସଂଜୀବ କୁମାର ବାରିକ ଓଡ଼ିଶା ସୂଚନା ସେବା କ୍ୟାଡରରେ ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଛନ୍ତି । ସୂଚନାଯୋଗ୍ୟ ଉପନିର୍ଦ୍ଦେଶକ ଭାବେ ଶ୍ରୀ ବାରିକ ବର୍ତମାନ ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ପଦୋନ୍ନତି ପରେ ମଧ ଏହି ସମ୍ମାନଜନକ ପଦବୀରେ ପୂର୍ବପରି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶିତ ହୋଇଛନ୍ତି ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ

ପୁରୀ, ୧/୧ (ନି.ପ୍ର): ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ । ସଡକକୁ ସୁସ୍ଥ, ସୁରକ୍ଷିତ ଓ ସଠିକ ରଖାଯାଇପାରିଲେ ସଡ଼କ ସୁରକ୍ଷା ସହଜ ହୋଇପାରିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ପରିବହନ ବିଭାଗ ପକ୍ଷରୁ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଶ୍ରୀ ବେହେରା ସଡକ ସୁରକ୍ଷା ପାଇଁ ଥିବା ନିୟମ ଓ ମାର୍ଗଦର୍ଶିକାକୁ ଅନୁପାଳନ କରାଗଲେ ନିଶ୍ଚିତ ଭାବେ ଦୁର୍ଘଟଣା ହ୍ରାସ ପାଇବ । ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ଧରପଗଡ ଜାରି ରଖିବା, ଲୋକ ମାନଙ୍କୁ ସଚେତନ କରାଇବା, ଦୁର୍ଘଟଣା ପ୍ରବଣ ସ୍ଥାନ ଓ କାରଣ ଚିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ପରିବହନ କାର୍ଯ୍ୟାଳୟର ଆଂଚଳିକ ପରିବହନ ଅଧିକାରୀ ରାଜେଶ କୁମାର ମହାପାତ୍ର, ସ୍ୱତନ୍ତ୍ର ଅଧିକାରୀ ରବିନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାରେ ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସିଡ଼ିଏମଓଙ୍କ ପ୍ରତିନିଧି ଡା. ରୂପଭାନୁ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଡିଆଇବି ଡିଏସପି ରମେଶ ଚନ୍ଦ୍ର ଦାଶ, ସହକାରୀ ଏମଭିଆଇ ଅମିତ କୁମାର ରଣା, ଶିକ୍ଷା କାର୍ଯ୍ୟାଳୟ ର ଆଇପିଇ ମହେନ୍ଦ୍ର କୁମାର ବିଶ୍ୱାଳ, ଟୁରିଷ୍ଟ ବସ ମାଲିକ ସଂଘ ସମ୍ପାଦକ ପ୍ରଦୀପ କୁମାର ଦାସ, ପୁରୀ ବେସରକାରୀ ବସ୍ ମାଲିକ ସଂଘର ରାଜବଲ୍ଲଭ ମିଶ୍ର, ଅନନ୍ତ ସିଂ, ଟାଉନ ବସ ମାଲିକ ସଂଘର ପ୍ରତିନିଧି, ଜାତୀୟ ରାଜପଥ ପ୍ରତିନିଧି ବରଦାକାନ୍ତ ସାହୁ, ଅନ୍ୟାନ୍ୟ ବିଭାଗର ଅଧିକାରୀ,ବସ ମାଲିକ ସଂଘର ପ୍ରତିନିଧି ଓ ସଦସ୍ୟ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ ଥିଲେ। ଏଥିରେ ଉଲ୍ଲେଖ କରାଯାଇଅଛିକି ଆଗକୁ କଡାକଡି ଭାବରେ ଯାଂଚ୍ କରାଯିବ ଏବଂ ଆଂଚଳିକ ପରିବହନ ଅଫିସ, ପୋଲିସଙ୍କ ମିଳିତ ଭାବରେ ଯାଂଚ୍ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଗୁରୁଜଙ୍ଗ ହାଇସ୍କୁଲର ୧୯୯୫ ବ୍ୟାଚର ବନ୍ଧୁମିଳନ

ଖୋର୍ଦ୍ଧା, ୧/୧ (ନି.ପ୍ର): ସ୍ଥାନୀୟ ଗୁରୁଜଙ୍ଗ ମହୋତ୍ସବ ପଡିଆ ପରିସରରେ ଗୁରୁଜଙ୍ଗ ହାଇସ୍କୁଲର ୧୯୯୫ ବ୍ୟାଚର ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ରୁ ବନ୍ଧୁ ଯୋଗ ଦେଇଥିଲେ। ତେବେ କାର୍ଯ୍ୟକ୍ରମ ପୂର୍ବରୁ ଦିବଂଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବନ୍ଧୁମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରାଜେଶ ସାହୁ, ସୁବାସ ଚନ୍ଦ୍ର ସାହୁ, ଜଗନ୍ନାଥ ମହାପାତ୍ର, ଦେବାଶିଷ ଦାସ, ଅନନ୍ତ ବଳିଆରସିଂ, କମଳ ଲୋଚନ ମହାପାତ୍ର, ସଞ୍ଜୟ ସେନାପତି, ଚନ୍ଦ୍ରଶେଖର ଶରଣ ପ୍ରମୁଖ ପରିଚାଳନା କରିଥିଲେ।

# ସେଲ ଦ୍ୱାରା ଦ୍ୱିତୀୟ ଥର ପାଇଁ ଗ୍ରେଟ ପ୍ଲେସ ଟୁ ୱାର୍କ ପ୍ରମାଣପତ୍ର ଲାଭ



ରାଉରକେଲା, ୧/୧ (ନି.ପ୍ର): ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ) ୨୦୨୫ ଜାନୁଆରୀରୁ ୨୦୨୬ ଜାନୁୟାରୀ ପର ?ୟନ୍ତ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଇନଷ୍ଟିଚ୍ୟୁଟ୍, ଭାରତ ଠାରୁ ସମ୍ମାନଜନକ 'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ପ୍ରମାଣପତ୍ର ହାସଲ କରିଛି। ସେଲ କ୍ରମାଗତ ଦ୍ୱିତୀୟ ଥର ପାଇଁ ଏହି ସାର୍ଟିଫିକେଟ୍ ହାସଲ କରିଛି। ପ୍ରଥମେ ୨୦୨୩ ଡିସେମ୍ବରରୁ ୨୦୨୪ ଡିସେମ୍ବର ମାସ ପର୍ଯ୍ୟନ୍ତ ଅବଧି ପାଇଁ ସେଲ ଏହି ପ୍ରମାଣପତ୍ର ପ୍ରାପ୍ତ କରିଥିଲା। ଏ ହି କ୍ରମାଗତ ବିଶ୍ୱସ୍ତରୀୟ ସ୍ୱୀକୃତି, କମ୍ପାନୀର ଅଭିନବ ଏଚଆର ପଦକ୍ଷେପ ଯଥା ୱାର୍କପ୍ଲେସ୍ ଅଦର ଦେନ ୱାର୍କପ୍ଲେସ୍ (ଡବ୍ଲୁଡ) ଯୋଜନା, ସହର ଭିତ୍ତିକ କର୍ମଚାରୀଙ୍କ ପାଇଁ ନମନୀୟ ସମୟ, ଲିଙ୍କଡଇନ୍ ଲର୍ନିଂ ହବ୍ ଏବଂ ଇ-ପାଠଶାଳା ମାଧ୍ୟମରେ ନିଜସ୍ୱ ଭିତ୍ତିକ ଶିକ୍ଷା, ନାସକମ ସହଯୋଗରେ ଉଚ୍ଚ-ଆଇଟି ଏବଂ ଡିଜିଟାଲ୍ ତାଲିମ, ଆଇଆଇଏମ୍ ଏବଂ ଏଏସସିଆଇ ସହଯୋଗରେ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ, କର୍ମଚାରୀ ସହାୟତା କାର୍ଯ୍ୟକ୍ରମ ଅଧୀନରେ ଇ-କାଉନସେଲିଂ, ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଏବଂ ବରିଷ୍ଠ ଅଧିକାରୀଙ୍କ ପାଇଁ ନେତୃତ୍ୱ କୋଚିଂ ଇତ୍ୟାଦିର ସ୍ୱୀକୃତିକୁ ସୂଚିତ କରୁଛି। ଏହି ପଦକ୍ଷେପଗୁଡିକ ଉତ୍ପାଦକତା ବୃଦ୍ଧି, ଭବିଷ୍ୟତର ବୈଷୟିକ ପ୍ରଗତି ପାଇଁ କର୍ମଚାରୀମାନଙ୍କୁ ପ୍ରସ୍ତୁତ କରିବା ଏବଂ ସେମାନଙ୍କର ସାମର୍ଥ୍ୟକୁ ପୂର୍ଣ୍ଣ ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି।

ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଇନଷ୍ଟିଚ୍ୟୁଟ୍ ଏକ ବିଶ୍ୱସ୍ତରୀୟ ସଂଗଠନ ଯାହା ଏକ କଠୋର ମୂଲ୍ୟାଙ୍କନ ପ୍ରକ୍ରିୟା ମାଧ୍ୟମରେ ଉଲ୍ଲେଖନୀୟ କର୍ମଚାରୀ ଅଭିଜ୍ଞତା ପ୍ରଦାନ କରୁଥିବା ନିଯୁକ୍ତିଦାତାଙ୍କୁ ସ୍ୱୀକୃତି ପ୍ରଦାନ କରିଥାଏ। ସେଲର କର୍ମଚାରୀଙ୍କ ପ୍ରତ୍ୟକ୍ଷ ମତାମତ ଉପରେ ଆଧାର କରି ଅନୁଷ୍ଠାନ ଦ୍ୱାରା କରାଯାଇଥିବା ଏକ ବିସ୍ତୃତ ସର୍ଭେ ପରେ ସେଲ ଏହି ପ୍ରମାଣପତ୍ର ବଜାୟ ରଖିପାରିଛି ।

ସେଲ ଅଧ୍ୟକ୍ଷ ଶ୍ରୀ ଅମରେନ୍ଦୁ ପ୍ରକାଶ କହିଛନ୍ତି ଯେ, 'ଏକ ମହାନ୍ କାର୍ଯ୍ୟକ୍ଷେତ୍ର ଭାବରେ ସେଲର କ୍ରମାଗତ ପ୍ରମାଣପତ୍ର ହାସଲ କରିବା, ଏକ ସ୍ୱତନ୍ତ୍ର କର୍ମକ୍ଷେତ୍ର ସଂସ୍କୃତି ପ୍ରତିପାଦନ କରିବା ଏବଂ ବିଶ୍ୱାସ, ସହଯୋଗ ଏବଂ କର୍ମଚାରୀଙ୍କ ସଶକ୍ତିକରଣ ଉପରେ ନିର୍ମିତ ଏକ ସକାରାତ୍ମକ କର୍ମଚାରୀ ଅଭିଜ୍ଞତା ପ୍ରଦାନ ପାଇଁ ସେଲର ନିରନ୍ତର ସମର୍ପିତ ପ୍ରୟାସକୁ ପ୍ରମାଣିତ କରୁଛି। କଠିନ ପରିଶ୍ରମ କରିବାକୁ ଏବଂ ଅଧିକ ଆଗକୁ ବଢିବାକୁ ସମଗ୍ର ସାମୂହିକକୁ ଏହି ପ୍ରମାଣପତ୍ର ଉତ୍ସାହିତ କରିବ।"

## ଧାରାବାହିକ:

ଭାଗ-୩୫

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୭ମ ଅଧ୍ୟାୟ

### ।। ପ୍ରହ୍ଲାଦ ପ୍ରତି ନାରଦଙ୍କ ଉପଦେଶ ।।

ପ୍ରହ୍ଲାଦ ନିଜ ସଙ୍ଗୀମାନଙ୍କୁ ବୁଝାଇ କହିଲେ, ତୁମେମାନେ ଭାବୁଥିବ ମୁଁ ତ ରାଜପୁତ୍ର, ନଅର ମଧ୍ୟରେ ରହି ପରେ ଗୁରୁଙ୍କ ନିକଟରେ ଏକ ସମୟରେ ଶିକ୍ଷା ପାଇ ମଧ୍ୟ ଏ ଶିକ୍ଷା କଉଠୁ ପାଇଲି ? ତୁମେ ଏ ସନ୍ଦେହ ମୋଚନ ପାଇଁ କହୁଛି - ମୋର ପିତା ଯେତେବେଳେ ତପସ୍ୟା ନିମନ୍ତେ ମନ୍ଦର ପର୍ବତକୁ ଯାଇଥିଲେ ସେତେବେଳେ ଦେବରାଜ ଇନ୍ଦ୍ର ମୋର ମାତାକୁ ଧରି ନେଇଥିଲେ ମାତ୍ର ଦେବର୍ଷି ଇନ୍ଦ୍ରଙ୍କର ଏହି ଅନ୍ୟାୟ କାର୍ଯ୍ୟକୁ ପ୍ରତିବାଦ କରିବାରୁ ଇନ୍ଦ୍ର କହିଲେ ହିରଣ୍ୟକଶିପୁର ଔରସରୁ ଏହି ଅନ୍ତସତ୍ତ୍ୱା ନାରୀ ଯେଉଁ ସନ୍ତାନ ପ୍ରସବ କରିବ ସେ ନିଶ୍ଚିତ ପିତାପରି ବିଷ୍ଣୁବୈରୀ ହେବ ; ତେଣୁ ପ୍ରସବ ଅନ୍ତେ ଏହାର ସନ୍ତାନକୁ ବିନାଶ କରି ଏହାଙ୍କୁ ଛାଡିଦେବି । ନାରଦ ଇନ୍ଦ୍ରଙ୍କୁ ବାରଣ କରି କହିଲେ, ଦେବରାଜ ତୁମକୁ ବିଷ୍ଣୁ ମାୟା ଜଣାନାହିଁ । ଏହି ସତୀ ସାଧ୍ୱୀ ନାରୀଙ୍କ ଗର୍ଭରୁ ଯେଉଁ ପୁତ୍ର ଜନ୍ମ ନେବ ସେ ହେବ ଶ୍ରୀହରିଙ୍କ ପରମ ପ୍ରିୟ ଭକ୍ତ । ସମସ୍ତ ଚେଷ୍ଟା ସତ୍ତ୍ୱେ ତୁମେ ଏହି ନାରୀକୁ ବିନାଶ କରିପାରିବ ନାହିଁ ଏଣୁ ଅଯଥା ପରାଜୟ ଗ୍ଲାନିରେ ଦଗ୍ଧ ହେବ । ଇନ୍ଦ୍ର ନିଜର ଭୁଲ ବୁଝି ମୋର ମାତାକୁ ଛାଡିଦେଲେ । ଦେବର୍ଷି ଦୟା ପୂର୍ବକ ମୋର ଜନ୍ମ ପର୍ଯ୍ୟନ୍ତ ମାତାଙ୍କୁ ନିଜ ଆଶ୍ରମରେ ସ୍ଥାନ ଦେବା ସହ ତାଙ୍କ ଶୋକ ଶାନ୍ତି ନିମନ୍ତେ ମୋତେ ମାତୃଗର୍ଭରେ ନିର୍ମଳ ଭକ୍ତି ଜ୍ଞାନ, ଧର୍ମତତ୍ତ୍ୱ, ଆତ୍ମ ଜ୍ଞାନର ଶିକ୍ଷା ପ୍ରଦାନ କଲେ । ଫଳରେ ମୁଁ ସେ ସମସ୍ତ ଜ୍ଞାନ ପାଇଛି । ତୁମେମାନେ ମଧ୍ୟ ଶ୍ରଦ୍ଧାର ସହିତ ଶୁଣିଲେ ଏହି ଜ୍ଞାନର ଅଧିକାରୀ ହୋଇପାରିବ । ବୃକ୍ଷର ଫଳ ଯେପରି ଜନ୍ମ, ବୃଦ୍ଧି, ପକ୍ୱତା ଓ ପତନ ଦେଇ ବିଭିନ୍ନ ଅବସ୍ଥା ଦେଇ ଗତିକରେ ସେହିପରି ଆତ୍ମା ନିର୍ବିକାର ଭାବରେ ଅବସ୍ଥାନ କଲେ ହେଁ ଶରୀରରେ ଷଡ ବିକାର ଲକ୍ଷିତ ହୁଏ । କାଳ ହିଁ ଏହି ବିକାରର ହେତୁ । ଆତ୍ମାର ଦ୍ୱାଦଶ ଲକ୍ଷଣ ଯଥା- ନିତ୍ୟ, ଅବିନାଶି, ଅବ୍ୟୟ, ସୁଦ୍ଧ, ଅଦ୍ୱିତୀୟ, କ୍ଷତ୍ରଜ୍ଞ, ସର୍ବାଶ୍ରୟ, ନିର୍ବିକାର, ଜ୍ୟୋତିର୍ମୟ, ସର୍ବହେତୁ, ଅସଙ୍ଗ ଓ ଅନାବୃତ । ବିବେକବାନ ବ୍ୟକ୍ତି ଏହା ଜାଣି ମହୋଜ ଓ ଦେହଜ ଉପାଧି ବିଶେଷ ପରିହାର କରନ୍ତି । ଅଭିଜ୍ଞ ବ୍ୟକ୍ତି ଯେପରି ସ୍ୱର୍ଣ୍ଣ ଖଣି ମଧ୍ୟସ୍ଥ ସ୍ୱର୍ଣ୍ଣ ପ୍ରସ୍ତର ମଧ୍ୟରୁ ଅଗ୍ନି ସଂଯୋଗ ଦ୍ୱାରା ସ୍ୱର୍ଣ୍ଣକଣା ଆହରଣ କରନ୍ତି ସେହିପରି ବିଜ୍ଞ ବ୍ୟକ୍ତି ଦେହସ୍ଥ ଆତ୍ମାକୁ ଉପଲବ୍ଧି କରି ବ୍ରହ୍ମତ୍ୱ ପ୍ରାପ୍ତ ହୁଅନ୍ତି । ଅଷ୍ଟ ପ୍ରକୃତି, ତିନିଗୁଣ, ଷୋଡଶ ବିକାର ବିଷୟରେ ସେମାନେ ସମ୍ପୂର୍ଣ୍ଣ ଅବଗତ ଥାଆନ୍ତି । ଏହି ବିଭାଗର ସମଷ୍ଟି ହିଁ ଶରୀର ଯାହା ଗତୀଶୀଳ ଓ ସ୍ଥିତିଶୀଳ ହୋଇପାରେ । ଏହି ଦ୍ୱିବିଧ ଶରୀରରେ ଜ୍ଞାନ ମାଧ୍ୟମରେ ଆତ୍ମାର ଅନୁସରଣ କରିବାକୁ ହେବ । ନେତି ନେତି ଅର୍ଥାତ୍ ଏହା ନୁହେଁ, ଏହା ନୁହେଁ ଏହିପରି ଅନ୍ୱେଷଣ କରି କରି ଜ୍ଞାନ ସଞ୍ଚରିବ ଓ ଅନାତ୍ମ ବସ୍ତୁରୁ ଆତ୍ମା ପୃଥକ ବୋଲି ଉପଲବ୍ଧ ହେବ । ଗୁନ୍ଥା ହୋଇଥିବା ମଣିମାଳାର ସୂତ୍ର ଯେପରି ପ୍ରତ୍ୟେକ ମଣି ମଧ୍ୟରେ ପ୍ରବେଶ କରିଥାଏ ସେହିପରି ଆତ୍ମା, ଶରୀରର ପ୍ରତ୍ୟେକ ଅଂଶରେ ପରିବ୍ୟାପ୍ତ । ଏହାକୁ ଅନ୍ୱୟ କୁହାଯାଏ । ସୂତ୍ର ଯେପରି ପ୍ରତ୍ୟେକ ମଣିଠାରୁ ପୃଥକ ସେହିପରି ଆତ୍ମା ପ୍ରତ୍ୟେକ ଦେହାବୟବଠାରୁ ପୃଥକ । ଏହାକୁ ବ୍ୟତିରେକ କୁହାଯାଏ । ମନୁଷ୍ୟ ନିର୍ମଳ ଚିତ୍ତରେ ବିବେକ ଦ୍ୱାରା ସୃଷ୍ଟି ସ୍ଥିତି ଲୟ ସମ୍ବଳିତ ବେଦବାକ୍ୟ ସାହାଯ୍ୟରେ ଆତ୍ମାର ସ୍ୱରୂପ ନିର୍ଣ୍ଣୟ କରିବ । ବୁଦ୍ଧିର ତିନି ଅବସ୍ଥା ସୁଷୁପ୍ତି, ସ୍ୱପ୍ନ ଓ ଜାଗରଣ । ଏ ତିନି ଅବସ୍ଥା ଯାହାଠାରୁ ଅନୁଭୂତ ହୁଏ ଦେହାଦିର ସ୍ରଷ୍ଟା ରୂପେ ସେ ହେଉଛି ଅଧ୍ୟକ୍ଷ ପୁରୁଷ ବା ପରମ ପୁରୁଷ । ତ୍ରିଗୁଣ ମୟ ଦେହରେ ଆତ୍ମା ପବନ ସହିତ ଗନ୍ଧ ପରି ମିଶି ରହିଥାଏ ତେଣୁ ଆତ୍ମା ନିର୍ଗୁଣ ହେଲେ ମଧ୍ୟ ଜାଗରଣ ଆଦି ବୁଦ୍ଧିର ଅବସ୍ଥା ସହିତ ମିଳିତ ହେଲେ ସଗୁଣ ବୋଲି ପ୍ରତିତ ହୁଏ । ଏହି ପ୍ରକାର ଆତ୍ମାର ସ୍ୱରୂପ ସ୍ଥିର କରି ସଂସାର ମାୟାକୁ ଅନୁମାନ କରାଯାଇପାରେ । ଆତ୍ମାର ଏହି ସଗୁଣ ପ୍ରତିଟି ସ୍ୱପ୍ନ ପରି ଅଳୀକ । ଏହା ତ୍ରିଗୁଣାତ୍ମକ କର୍ମବୀଜ ସମ୍ଭୂତ ହେତୁ ଏହି ବୀଜାଙ୍କୁରକୁ ଯୋଗ ରୂପକ ଅଗ୍ନି ଦ୍ୱାରା ଦହନ କରିବାକୁ ହେବ । ଯୋଗ ମଧ୍ୟରେ ସର୍ବଶ୍ରେଷ୍ଠ ହେଉଛି ଭକ୍ତି ଯୋଗ । କାରଣ ଭକ୍ତି ଯୋଗ ଦ୍ୱାରା ହିଁ ଈଶ୍ୱରଙ୍କଠାରେ ନିଷ୍କାମ ପ୍ରୀତି ସମ୍ଭବ । ତେଣୁ ଷଡ ରିପୁକୁ ଦମନ କରି ଶ୍ରବଣ, କୀର୍ତ୍ତନାଦି ନବଧା ଭକ୍ତି ସହିତ ଗୁରୁସେବା, ସାଧୁସଙ୍ଗ ଓ ସର୍ବ ଭୂତରେ ଶ୍ରୀହରି ବିଦ୍ୟମାନ ଏହି ସରଳ ସୁଖଦ ମନଭାବ ପୋଷଣ କରିବାକୁ ହେବ । ଫଳରେ ଶରୀରରେ ଅଶ୍ରୁ, ରୋମାଞ୍ଚ ସାତ୍ତ୍ୱିକ ବିକାର ଜନ୍ମି ତନ୍ମୟ ଅବସ୍ଥା ପ୍ରାପ୍ଦତି ହୁଏ । ହରି ଲୀଳା ଶ୍ରବଣ କୀର୍ତ୍ତନାଦି ଦ୍ୱାରା ବାବ ବିହ୍ୱଳ ହେଲେ କର୍ମ ବନ୍ଧନରୁ ସତ୍ତ୍ୱ ମୁକ୍ତି ମିଳେ । ବାସନ ବୀଜ କୃଷ୍ଣ ଭକ୍ତି ରୂପକ ଅନଳରେ ଦଗ୍ଧ ହୋଇ ଅହଙ୍କାର ଲୋପ ହୁଏ । ପ୍ରାଣୀ ଜନ୍ମ ମରଣ ଚକ୍ରରୁ ମୁକ୍ତି ହୋଇଯାଏ । ପରମାନନ୍ଦ ଗୋବିନ୍ଦ ସକଳ ଘଟରେ ଆକାଶ ସଦୃଶ ବ୍ୟାପ୍ତ ଏଣୁ ତାଙ୍କର ଉପାସନା ଆଦୌ କଠିନ ନୁହେଁ । ଦାରା, ପୁତ୍ର, ଧନ ଓ ସମ୍ପଦ ସମସ୍ତ କ୍ଷଣସ୍ଥାୟୀ । ଶାସ୍ତ୍ରାନୁମୋଦିତ ଯଜ୍ଞର ଫଳ ମଧ୍ୟ ଅସ୍ଥାୟୀ ଓ ଆସ୍ପର୍ଦ୍ଧା ପ୍ରଣୋଦିତ ଏବଂ ତାହା ଦ୍ୱାରା ଅହଂଭାବ ଜନ୍ମେ । ସୁଖ ଆଶାରେ ମନୁଷ୍ୟ କରୁଥିବା କର୍ମ ହୁଏତଃ ଦୁଃଖଦାୟୀ ହୋଇପାରେ । କାମନାର ଅନ୍ତ ନହେବା ପର୍ଯ୍ୟନ୍ତ ମନୁଷ୍ୟ ଦୁଃଖ ପାଇଥାଏ । ଦେହ କର୍ମ କରିକରି ନଷ୍ଟ ହୋଇ ପୁନଃ କର୍ମର ଫଳ ସ୍ୱରୂପ ଜନ୍ମ ମୃତ୍ୟୁ ଚକ୍ରରେ ପଡି ଦେହ ଧାରଣ କରେ । ଅଜ୍ଞାନ ଲୋକ ହି ଏହି ତ୍ରିଗୁଣାଶ୍ରୟୀ ଦେହ ଅର୍ଗଳରୁ ବାହାରି ଯାଇଥାନ୍ତି । ତେଣୁ ତୁମେମାନେ ଅଜ୍ଞତାରେ ବଶବର୍ତ୍ତୀ ନହୋଇ ମୁକୁନ୍ଦ ଚରଣରେ ଧ୍ୟାନ ଦିଅ । ନାନାଦି ବିଦ୍ୟା ସାଧନା, ବିବାଦ, ଯୁକ୍ତି, ତର୍କ, ଜପତପ, ଅଷ୍ଟାଙ୍ଗ ଯୋଗ ସମସ୍ତ ବିଡମ୍ବନା, ଏକମାତ୍ର କୃଷ୍ଣ ପ୍ରୀତି ହିଁ କୃଷ୍ଣ ପ୍ରାପ୍ତିର ମୂଳାଧାର ।

### ୮ମ ଅଧ୍ୟାୟ

### ।। ନୃସିଂହ ଦେବଙ୍କ ଆବିର୍ଭାବ ଓ ହିରଣ୍ୟକଶିପୁ ବଧ ।।

ପ୍ରହ୍ଲାଦର ନିର୍ମଳ ମଧୁର ଶୁଣି ବାଳକମାନେ ତାଙ୍କର ଉପଦେଶକୁ ଗ୍ରହଣ କରିବାରୁ ଗୁରୁଙ୍କ ଉପଦେଶ ଶ୍ରବଣ କଲେନାହିଁ ଫଳରେ ଗୁରୁ ଭବିଷ୍ୟତ ରାଜଦଣ୍ଡରୁ ମୁକ୍ତି ପାଇଁ ରାଜାଙ୍କୁ ସମସ୍ତ ବୃତ୍ତାନ୍ତ ଅବଗତ କରାଇଲେ । ରାଜା ପ୍ରଚଣ୍ଡ କ୍ରୋଧରେ ନିଜେ ପୁତ୍ରକୁ ସ୍ୱହସ୍ତରେ ବଧ କରିବାକୁ ସଂକଳ୍ପ କଲା । ଏହି ସମୟରେ ପ୍ରହ୍ଲାଦ ସେଠାରେ ସହପାଠୀମାନଙ୍କ ସହ ପହଞ୍ଚି ପିତାଙ୍କ ଚରଣରେ ପ୍ରଣିପାତ କରିବାରୁ ରାଜା ତାହାକୁ ରୋଷପୂର୍ଣ୍ଣ ଚକ୍ଷୁରେ ଚାହିଁ ତିରସ୍କାର କରି କହିଲେ, ରେ କୁଳାଧମ, ମନ୍ଦମତି ମୋ କ୍ରୋଧରେ ତ୍ରିଲୋକ କମ୍ପିଉଠେ । ତୁ ମୋର ଆଦେଶକୁ ବାରମ୍ବାର ଲଙ୍ଘନ କରିବାରୁ ଆଜି ତୋତେ ନିଶ୍ଚିତ ଯମାଳୟ ପଠେଇବି । ତୁ କାହା ବଳରେ ବଳୀୟାନ ହୋଇଛୁ । ପ୍ରହ୍ଲାଦ କର ଯୋଡି କହିଲା, ହେ ପିତୃଦେବ ବ୍ରହ୍ମାଦି ଦେବଗଣଠାରୁ ଆରମ୍ଭକରି ସମସ୍ତ ସ୍ଥାବର ଜଙ୍ଗମ ଯାହାଙ୍କର ସୃଷ୍ଟି ସେହି ତ୍ରିଲୋକ ପାଳକ ଶ୍ରୀହରି ହିଁ ମୋର, ଆପଣଙ୍କର ଏବଂ ସମସ୍ତଙ୍କର ଶକ୍ତିଦାତା । ଆପଣ ଅସୁରୀ ଭାବ ପରିତ୍ୟାଗ କଲେ ତାଙ୍କୁ ଉପଲବ୍ଧି କରିପାରିବେ । ଆପଣ ତ୍ରିଲୋକ ଦିଗବିଜୟ କରୁଛନ୍ତି ସତ ମାତ୍ର କ୍ରୋଧ, ମୋହ ଆଦି ଶତ୍ରୁ ଉପରେ ବିଜୟ ପାଇନାହାନ୍ତି । ହିରଣ୍ୟ କଶିପୁ ପ୍ରହ୍ଲାଦ ମୁହଁରୁ ଏପରି ଶୁଣି କ୍ରୋଧରେ ଜର୍ଜରିତ ହୋଇ କହିଲା ତୁ ମୃତ୍ୟୁ କାମନା କଲୁ, ତୁ ଯଦି କହୁଛୁ ମୋ ବିନା ଅନ୍ୟ କେହି ଶକ୍ତିମାନ ଅଛି ଏବଂ ସର୍ବତ୍ର ବ୍ୟାପ୍ତ ତାହାଲେ ତୁ ଏହି ସମ୍ମୁଖ ସ୍ତମ୍ଭରେ ତାକୁ ମୋତେ ଦେଖା । ମୁଁ ତୋର ଶିର ଛେଦ କରିବି, ଦେଖିବି କିଏ କେଉଁଠି ଅଛି ତୋତେ ଆସି ରକ୍ଷା କରିବ । ଏହା କହି ସିଂହାସନରୁ ଡେଇଁପଡି ସ୍ତମ୍ଭରେ ଭୟଙ୍କର ଆଘାତ କଲା । ତତକ୍ଷଣାତ ସେହି ସ୍ତମ୍ଭରୁ ପ୍ରଚଣ୍ଡ ଗମ୍ଭୀର ଶବ୍ଦ ବାହାରିବା ସହ ସସାଗରା ମେଦିନୀ ପ୍ରକମ୍ପିତ ହେଲା । ପ୍ରହ୍ଲାଦ ଅଖି ବୁଜି ଶ୍ରୀହରିଙ୍କୁ ଧ୍ୟାନ କରୁଥିଲା, ଆଖି ମେଲି ସ୍ତମ୍ଭକୁ ଚାହିଁବା ମାତ୍ରେ ଦେଖିଲା ଶଂଖ, ଚକ୍ର, ଗଦା ଓ ପଦ୍ମ ପରିଶୋଭିତ ସ୍ୱୟଂ ଭଗବାନ ବିଷ୍ଣୁ ସ୍ତମ୍ଭ ମଧ୍ୟରେ ଆବିର୍ଭୂତ ହୋଇଛନ୍ତି ତା ଆଖିରୁ ଆନନ୍ଦାଶ୍ରୁ ବୋହିଗଲା ଏବଂ ସେ କିଛି କହିପାରିଲା ନାହିଁ । ହିରଣ୍ୟ ସ୍ତମ୍ଭ ମଧ୍ୟରେ କିଛି ଦେଖି ନପାରି ଦୌଡିଯାଇ ପ୍ରହ୍ଲାଦର କେଶ ଭିଡି ଶିରଛେଦ କରିବାକୁ ଖଡ୍ଗ ଉତ୍ତୋଳନ କରନ୍ତେ ପ୍ରହ୍ଲାଦ ଦେଖିଲା କିଛି ସମୟ ପୂର୍ବରୁ ଯେଉଁ ଭଗବାନଙ୍କ ସୌମ୍ୟ ମୂର୍ତ୍ତି ସେ ଦେଖିଥିଲା ହଠାତ ତାହା ଚନ୍ଦ୍ରଗୌର ତନୁ, କୋଟି ସୂର୍ଯ୍ୟ ତେଜ ବିକିରଣକାରୀ ବିଶାଳ ବପୁ, ସୁଦୀର୍ଘ କେଶର, ତୀକ୍ଷ୍ଣ ନଖ, ଦନ୍ତଧାରୀ ଅର୍ଦ୍ଧେକ ନର ଓ ଅର୍ଦ୍ଧେକ ସିଂହରୂପୀ ଏକ ଭୟଙ୍କର ନୃସିଂହ ରୂପ ଧାରଣ କରି ସଭାସ୍ଥଳରେ ଦୃଶ୍ୟମାନ ହେଲେ । ଭଗବାନ ନୃସିଂହ ଖଡ୍ଗ ହସ୍ତ ହିରଣ୍ୟକୁ ଧରିପକାଇବାରୁ ତା ଦେହର ସମସ୍ତ ବଳବୀର୍ଯ୍ୟ ମିଳାଇଗଲା ଏବଂ ଭଗବାନଙ୍କ ତେଜରେ ଚକ୍ଷୁ ମୁଦ୍ରିତ ହୋଇଗଲା । ଭଗବାନ ନୃସିଂହ ଦୈତ୍ୟକୁ ନିଜ କୋଳରେ ଉତ୍ତାନ ଭାବରେ ପକାଇ ନଖ ସାହାଯ୍ୟରେ ହୃତପିଣ୍ଡକୁ ବିଦାରଣ କରି ଅନ୍ତ ସବୁ ମାଳପରି ଟେକି ଧରିଲେ । ରାଜାର ମୃତ୍ୟୁ ଦେଖି ଅନ୍ୟାନ୍ୟ ଅସୁରମାନେ ପ୍ରାଣଭୟରେ ପଳାୟନ କଲେ । ଦେବତାମାନେ ଦୁନ୍ଦୁଭି ବଜାଇ ପୁଷ୍ପବୃଷ୍ଟି କଲେ । ସମସ୍ତ ଦେବତା ଭଗବାନ ନୃସିଂହଙ୍କର ସ୍ତୁତିଗାନ କଲେ ।

### ୯ମ ଅଧ୍ୟାୟ

### ।। ନୃସିଂହ ଭଗବାନଙ୍କୁ ପ୍ରହ୍ଲାଦର ସ୍ତୁତ ।।

ନୃସିଂହଙ୍କ କୋପମୂର୍ତ୍ତି ଦେଖି ଦେବତାମାନେ ନିକଟକୁ ଯାଇନପାରି ଦୂରରୁ ସ୍ତୁତି କଲେ ମଧ୍ୟ ନୃସିଂହଙ୍କ କୋପ ଶାନ୍ତ ନହେବାରୁ ମାତା ଲକ୍ଷ୍ମୀଙ୍କୁ ଦେବତାମାନେ ନିବେଦନ କରିଥିଲେ ହେଁ ସେ ମଧ୍ୟ ନୃସିଂହଙ୍କ ଉଗ୍ରମୂର୍ତ୍ତି ପାଇଁ ଗଲେ ନାହିଁ ଫଳରେ ବ୍ରହ୍ମଦେବ ପ୍ରହ୍ଲାଦକୁ ଅନୁରୋଧ କଲେ ଯେ ତୁମେ ହିଁ ପରମଭକ୍ତ ଏଣୁ ସ୍ତୁତି ମାଧ୍ୟମରେ ନୃସିଂହଙ୍କ କୋପଶାନ୍ତ କରିପାରିବ । ପ୍ରହ୍ଲାଦ ନୃସିଂହଙ୍କ ନିକଟକୁ ଯାଇ ସାଷ୍ଟାଙ୍ଗ ପ୍ରଣିପାତ କରିବାରୁ ଭକ୍ତବତ୍ସଳ ପ୍ରଭୁ ତାକୁ କୋଳରେ ଧାରଣ କରିବା ଫଳରେ ତାର ସମସ୍ତ ଦୁଃଖ ଅନ୍ତର୍ହିତ ହୋଇ ଶରୀର ରୋମାଞ୍ଚିତ ହେବା ସହ ହୃଦୟ ପ୍ରେମାଦ୍ର ହୋଇ ଆଖିରୁ ଆନନ୍ଦାଶ୍ରୁ ଗଡିବାକୁ ଲାଗିଲା । ପାଠ ନପଢି ମଧ୍ୟ ତାର ବ୍ରହ୍ମ ଜ୍ଞାନ ଉଦୟ ହେବାରୁ ନୃସିଂହଙ୍କ ପାଦପଦ୍ମକୁ ନିଜ ଛାତିରେ ଧାରଣ କରି ସ୍ତୁତି କରିବାକୁ ଆରମ୍ଭ କଲା-ଶେଷରେ କହିଲା, ମୁଁ ଦୀନ ଅକିଞ୍ଚନ, ନୀଚ ଅସୁରକୁଳରେ ଜନ୍ମ, ମୁଁ ବା କ'ଣ ସ୍ତୁତି କରିପାରିବି ? ହେ ଭଗବାନ ଆପଣଙ୍କ କ୍ରୋଧାଗ୍ନିରେ ଦୈତ୍ୟ ଭସ୍ମ ହୋଇସାରିଛି ଏଣୁ କ୍ରୋଧ ଶାନ୍ତ କରନ୍ତୁ । ଆପଣଙ୍କର ଏ ଉଗ୍ରମୂର୍ତ୍ତିକୁ ଦେବତାଗଣ ସହ୍ୟ କରିପାରୁନାହାନ୍ତି, ହେ ଦୟାଳୁ ଆପଣ ଦୟା ପରବଶ ହୋଇ ମୋତେ ଦର୍ଶନ ଦେଇଛନ୍ତି ଏଣୁ ଦୟାପୂର୍ବକ ଆପଣଙ୍କ ଦାସ୍ୟଭାବ ମୋତେ ପ୍ରଦାନ କରିବା ସହ ଜୀବନ ଅର୍ଗଳରୁ ମୁକ୍ତ କରନ୍ତୁ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ଅହଙ୍କାରରୁ ସର୍ବନାଶ



ଶ୍ୱେତା ରାଉତ୍

ରାବଣ ତ୍ରିପୁର ବିଜୟ ପାଇଁ କଠୋର ତପସ୍ୟା କରି ବ୍ରହ୍ମାଙ୍କୁ ବର ମାଗିଲେ ଯେ 'ମୋତେ ଦେବତା, ଅସୁର, ଗନ୍ଧର୍ବ, ଯକ୍ଷ କେହି ମାରିପାରିବେ ନାହିଁ, ମୁଁ ମୋର ସାଧନା ଦ୍ୱାରା ତ୍ରିପୁର ଜୟ କରିବି'। ବ୍ରହ୍ମା ରାବଣକୁ ପଚାରିଲେ 'ତୁମେ ସମସ୍ତଙ୍କ ନାଁ କହିଲ, ମନୁଷ୍ୟ କଥା କହିଲ ନାହିଁ' ? ରାବଣ ଠୋ ଠୋ କରି ହସିବାକୁ ଲାଗିଲା... ଯେତେବେଳେ ମୁଁ ଦେବତା ରାକ୍ଷସଙ୍କୁ ପରାସ୍ତ କରିବାର କ୍ଷମତା ରଖିଛି, ଏ ତୁଚ୍ଛ ମଣିଷ ମୋର କଣ କରିବ ! ବ୍ରହ୍ମା ତଥାସ୍ତୁ କରି ରାବଣକୁ ବର ଦେଇ ଚାଲିଗଲେ। ରାବଣ ବର ପାଇବା ପରେ ଆହୁରି ଅଧିକ ସାହସ ଓ ପରାକ୍ରମ ନେଇ ଦେବତାମାନଙ୍କୁ ସ୍ୱର୍ଗରୁ ତଡ଼ି ଦେଇ ରାଜତ୍ୱ କରିବାକୁ ଚାହିଁଲା। ଦେବତାମାନେ ବଡ ଚିନ୍ତାରେ ପଡ଼ି ତ୍ରିଦେବଙ୍କୁ ଏଥିରୁ ମୁକୁଳିବାକୁ ଗୁହାରି କଲେ। ସ୍ଥିର ହେଲା ଶ୍ରୀବିଷ୍ଣୁଙ୍କୁ ଅବତାର ନେଇ ପୃଥିବୀକୁ ଯିବାକୁ ପଡିବ। ବ୍ରହ୍ମା ପରାମର୍ଶ ଦେଲେ ମନୁଷ୍ୟ ଯୋନିରେ ପ୍ରଭୁ ଜନ୍ମନେଲେ ହିଁ ରାବଣର ମୃତ୍ୟୁ ସମ୍ଭବ ହୋଇପାରିବ। ତା ପରେ ପ୍ରଭୁ ଜଣେ ସାଧାରଣ ମନୁଷ୍ୟ ହୋଇ ଶ୍ରୀରାମ ଅବତାର ନେଲେ ଏବଂ ସୀତା ହରଣ ପରେ ରାବଣ ସହିତ ଯୁଦ୍ଧ କରିବାକୁ ଗଲେ। ରାବଣ ପ୍ରଭୁଙ୍କୁ ଦେଖି ହସିବାକୁ ଲାଗିଲା। ଯିଏ ତ୍ରିପୁରକୁ ନିଜ ମୁଠାରେ ରଖିବାକୁ ସାମର୍ଥ୍ୟ ରଖିଛି, ତାକୁ ପୁଣି ଏ ତୁଚ୍ଛ ମଣିଷ ମାରିବାକୁ ଆସିଛି ! ରାବଣର ଅହଂକାର ଦେଖି ହନୁମାନ କ୍ରୋଧିତ ହୋଇ ଲଙ୍କାରେ ନିଆଁ ଲଗାଇ ଦେଲେ ଓ ରାବଣକୁ ପ୍ରସ୍ତାବ ଦେଲେ 'ସୁଧୁରି ଯା ରାବଣ, ପ୍ରଭୁଙ୍କ ପାଖରେ ସମର୍ପଣ କରିଦେ, ମୁଁ ବାନରଟିଏ ହୋଇ ତୁ ଯଦି ସମ୍ପୂର୍ଣ୍ଣ ରାକ୍ଷସ ସେନା ଲଗାଇ ମୋତେ କବଳିତ କରି ପାରୁନାହୁଁ, ମୋ ଲାଙ୍ଗୁଡରୁ ନିଜକୁ ମୁକ୍ତ କରି ପାରୁନାହୁଁ, ତୁ ଚିନ୍ତାକର ମୋ ପ୍ରଭୁ କେତେ ଶକ୍ତିଶାଳୀ ଆଉ ତୋର କଣ ଅବସ୍ଥା କରିବେ' !!

ହନୁମାନଙ୍କ କଥାକୁ ବି ରାବଣ ହସରେ ଉଡେଇଦେଇ ଅହଂକାରରେ କହିଲା 'ହେ ବାନର ତୋ ପ୍ରଭୁ ତୁଚ୍ଛ ମଣିଷ ଟା ପୁଣି ମତେ ମୃତ୍ୟୁ ଦେବ ? ଦେବତାମାନେ ଭୟଭୀତ ହୋଇ ବ୍ରହ୍ମାଙ୍କୁ କହିଲେ -'ଏବେ କଣ ହେବ ବ୍ରହ୍ମଦେବ, ଆମ ପ୍ରଭୁ ଏତେ ସାଧା ସିଧା, କୋମଳ, ସରଳ ମଣିଷଟିଏ, ଯିଏ ପିତା ସତ୍ୟ ପାଳନ କରିବାକୁ ରାଜ୍ୟ, ରାଜାସୁଖ ଛାଡ଼ି ବଣ ଜଙ୍ଗଲକୁ ଚାଲିଗଲେ, ସେ ଏହି ରାବଣ ଭଳି ମହପ୍ରତାପୀ ଦୁଷ୍ଟ ରାକ୍ଷସକୁ କେମିତି ପରାସ୍ତ କରିବେ ?

ବ୍ରହ୍ମା ହସିଲେ ଓ କହିଲେ 'ରାବଣ ସମସ୍ତଙ୍କୁ ଜୟ କରିବାର ବର ନେଇଥିଲା କିନ୍ତୁ ନିଜ ଅହଙ୍କାରରେ ମନୁଷ୍ୟକୁ ତୁଚ୍ଛ ପ୍ରାଣୀ କହି ହେଜ୍ଞାନ କରିଥିଲା, ତେଣୁ ସେହି ତୁଚ୍ଛ ମନୁଷ୍ୟ ହୋଇ ପ୍ରଭୁ ତାର ବଦ୍ଧ କରିବେ ଓ ଅହଙ୍କାରକୁ ଭଙ୍ଗିବେ। ସେଥିପାଇଁ ତ ପ୍ରଭୁ ମନୁଷ୍ୟ ଭାବେ ଜନ୍ମ ନେଇଛନ୍ତି, କାରଣ ରାବଣ କେବଳ ମନୁଷ୍ୟ ଦ୍ୱାରା ମରି ପାରିବ'।

ରାବଣ ପ୍ରସଙ୍ଗ କହିବାର ଅର୍ଥ ଥିଲା, ମଣିଷ ନିଜକୁ ଯେତେ ଧନୀ, ପରାକ୍ରମୀ, ଶକ୍ତିସମ୍ପନ୍ନ, ଯୋଗ୍ୟ କରି ଗଢ଼ିଥାଉ, ଯଦି ତା ଭିତରେ ଅହଙ୍କାର ରୁହେ, ତାହା କାଠରେ ଘୁଣ ପୋକ ଲାଗିବା ଭଳି ଧୀରେ ଧୀରେ ନିଜ ବ୍ୟକ୍ତିତ୍ୱକୁ ମାରିଦିଏ ଓ ଅନେକ ଅଧର୍ମ, ଅନ୍ୟାୟ, ଅପକର୍ମ ଆଡ଼କୁ ପ୍ରେରିତ କରେ ଯାହା ଦିନେ ସର୍ବନାଶର କାରଣ ହୁଏ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ହୃତ୍‌ପିଣ୍ଡ ପାଇଁ ଲାଲ୍ ଫଳ

**ସୁସ୍ଥ ଶରୀର ପାଇଁ ଫଳର ଉପକାରିତା କାହାକୁ ଅଛପା ନୁହେଁ। ଫଳାହାର ଆମକୁ ଦୀର୍ଘାୟୁ କରିବା ସହ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ।ଫଳାହାରର ଉପକାରିତା ଉପରେ ବିଭିନ୍ନ ସମୟରେ ହୋଇଥିବା ଭିନ୍ନ ଭିନ୍ନ ଅଧ୍ୟୟନରୁ ଜଣାଯାଇଛି କି ଫଳଯୁକ୍ତ ଭୋଜନ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ସହ ରକ୍ତ ସଂଚାଳନରେ ସକାରାତ୍ମକ ପ୍ରଭାବ ପକାଇଥାଏ। କରେଣ୍ଟ୍ ମେଡିସିନାଲ୍ କେମେଷ୍ଟ୍ରି ଜର୍ଣ୍ଣାଲରେ ପ୍ରକାଶିତ ତଥ୍ୟ ଅନୁସାରେ, ଅଧିକ ଫଳାହାର ସ୍ୱାସ୍ଥ୍ୟ ପ୍ରତି ହିତକର ହୋଇଥିବା ବେଳେ ଏହା ହୃଦ୍‌ଜନିତ ସମସ୍ୟାକୁ ଦୂରେଇଥାଏ। ତେବେ ଲାଲ୍‌ରଙ୍ଗର ଫଳ ସେବନ ଶରୀରକୁ ଅଧିକ ସୁଫଳ ଦେଇଥାଏ।**



ଚେରି: ଚେରିକୋଳି ଖୁବ୍ ସ୍ୱାଦିଷ୍ଟ। ଚେରିରେ ଭରପୂର ମାତ୍ରାରେ ଆନଥ୍ରୋସିଆନିନ୍ସ ନାମକ ଆଣ୍ଟିଅକ୍ସିଡାଣ୍ଟ୍ ମହଜୁଦ ଅଛି। ଏହା ଶରୀରର ଶିରାପ୍ରଶିରା ଓ ଧମନୀକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରେ। ପ୍ରତିଦିନ ସାଲାଡ୍, ଛତୁଆ, ପିଠା, କେକ୍ ଆଦିରେ ଶୁଖିଲା ଚେରି ପକାଇ ଖାଇବା ସ୍ୱାସ୍ଥ୍ୟକର।

ରସ୍ପବେରି: ଏହି ଛୋଟ ଆକାରର ଲାଲ୍ କୋଳି ହୃଦ୍‌ସ୍ୱାସ୍ଥ୍ୟ ପାଇଁ ହିତକର ଏବଂ ସୁସ୍ୱାଦୁ ମଧ୍ୟ। ଏହି କୋଳି ପ୍ରାକୃତିକ ଭାବେ ମିଠା। ରସ୍ପବେରି ଖାଇବା ଦ୍ୱାରା ହୃତ୍‌ପିଣ୍ଡ ସୁସ୍ଥ ରହିବା ସହ ରକ୍ତଚାପ ସନ୍ତୁଳିତ ହୁଏ, ଏଲ୍‌ଡିଏଲ୍ କୋଲେଷ୍ଟେରଲ୍ କମିଥାଏ, ଓଜନର ସୁପରିଚାଳନା ହେବା ସହ ଶରୀରର ପ୍ରଦାହ କମିଥାଏ।

ଟମାଟୋ: ଟମାଟୋ ବା ବିଲାତି ବାଇଗଣ ଏକ କୋଳି ପ୍ରଜାତିର ପରିବା। ଲାଇକୋପିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ୍‌ରେ ଭରପୂର ଟମାଟୋକୁ ସପ୍ତାହକୁ ୫ରୁ ଅଧିକ ଥର ୧୧ ବର୍ଷ ପାଇଁ ନିୟମିତ ଖାଇଲେ ହୃଦ୍‌ରୋଗର ଆଶଙ୍କା ୨୬% କମିଥାଏ ବୋଲି ବୋଷ୍ଟନର ଟୁଫ୍ଟସ୍ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନରୁ ଜଣାପଡ଼ିଛି। କଞ୍ଚା ଟମାଟୋ ଅପେକ୍ଷା ରନ୍ଧା ଟମାଟୋ ଦେହ ପାଇଁ ଅଧିକ ହିତକାରୀ। ଏହାଦ୍ୱାରା ଶରୀରର ଲାଇକୋପିନ୍ ଶୋଷଣର କ୍ଷମତା ବଢ଼ିଥାଏ।

ସେଓ: ବଜାରରେ ଲାଲ୍ ଓ ସବୁଜ ଦୁଇ ପ୍ରକାର ସେଓ ଉପଲବ୍ଧ ଥିବା ବେଳେ ଲାଲ୍ ସେଓ ହୃତ୍‌ପିଣ୍ଡ ପାଇଁ ହିତକାରୀ। ଓହିଓ ଷ୍ଟେଟ୍ ୟୁନିଭର୍ସିଟିର ଅଧ୍ୟୟନ ଅନୁସାରେ, ଦିନକୁ ଗୋଟିଏ ଲାଲ୍ ସେଓ ଖାଇବା ଦ୍ୱାରା କ୍ଷତିକାରକ ଏଲ୍‌ଡିଏଲ୍ କୋଲେଷ୍ଟେରଲ୍ ସ୍ତର ୪୦% ଯାଏ ହ୍ରାସ ପାଇପାରେ। ୩୪,୦୦୦ ରଜୋନିବୃତ୍ତ ମହିଳାଙ୍କୁ ନେଇ କରାଯାଇଥିବା ଇଓଲା ଓମେନ୍ସ୍ ହେଲ୍‌ଥ ଷ୍ଟଡିରୁ ଜଣାଯାଇଛି ଯେ ପ୍ରତ୍ୟହ ସେଓ ଖାଇଲେ ହୃଦ୍‌ଘାତରେ ପ୍ରାଣ ହରାଇବାର ଆଶଙ୍କା ବହୁ ମାତ୍ରାରେ କମିଯାଏ। ସେଓଚୋପାରେ ଆଣ୍ଟିଅକ୍ସିଡାଣ୍ଟ୍ ଭର୍ତ୍ତି ହୋଇ ରହିଥିବାରୁ ସଂପୂର୍ଣ୍ଣ ଫଳକୁ ଚୋବାଇ ଖାଇବା ଅଧିକ ଲାଭପ୍ରଦ।

ଷ୍ଟ୍ରବେରି: ଷ୍ଟ୍ରବେରି ଯେତିକି ସୁସ୍ୱାଦୁ, ହୃତ୍‌ପିଣ୍ଡ ପାଇଁ ମଧ୍ୟ ସେତିକି ଲାଭକାରୀ। ଏହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ସହ ସକ୍ରିୟ କରେ। ଏଥିରେ ଥିବା ତନ୍ତୁ ଓ ପେକ୍‌ଟିନ୍ ଏନ୍‌ଜାଇମ୍ ଏଲ୍‌ଡିଏଲ୍ କୋଲେଷ୍ଟେରଲ୍ ପରିମାଣକୁ କମାଇଥାଏ।





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## 'ଭାରତରତ୍ନ'ର ବିତର୍କ...

ଯେଉଁ ବ୍ୟକ୍ତି ନିଜ ଦକ୍ଷତା ବଳରେ ବ୍ୟକ୍ତିତ୍ୱର ବିକାଶ ସହ ସମାଜର ପ୍ରଗତି ନିମନ୍ତେ ସଦାସର୍ବଦା ତତ୍ପର ହୋଇଥା'ନ୍ତି ସେମାନଙ୍କ କର୍ମଦକ୍ଷତାକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ସରକାରୀସ୍ତରରେ କିମ୍ବା ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ସମ୍ମାନିତ କରାଯିବା ସହ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଥାଏ। ୧୯୫୪ ମସିହାରେ ଭାରତ ସରକାରଙ୍କ ଜାତୀୟସ୍ତରର ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଶ୍ରୀ, ପଦ୍ମଭୂଷଣ ଓ ପଦ୍ମବିଭୂଷଣ ଉପାଧି ସହ ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତରତ୍ନ' ପ୍ରଦାନ ଆରମ୍ଭ ହୋଇଥିଲା। ଯେକୌଣସି ଜାତି, ବୃତ୍ତି, ଜୀବନ ସହ ଜଡ଼ିତ ସବୁ କ୍ଷେତ୍ରରେ ମହାନ ଅବଦାନ, ପାହ୍ୟା କିମ୍ବା ଲିଙ୍ଗର ବ୍ୟକ୍ତି ଏହି ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥା'ନ୍ତି। ଭାରତରତ୍ନ ନିମନ୍ତେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କ ନିକଟରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ନାମ ସୁପାରିସ କରିଥା'ନ୍ତି। ଉକ୍ତ ସମ୍ମାନକୁ ଭାରତୀୟ ନାଗରିକଙ୍କୁ ପ୍ରଦାନ କରାଯିବା ସହ ବିଦେଶୀ ନାଗରିକମାନଙ୍କୁ ମଧ୍ୟ ପ୍ରଦାନ କରାଯାଇଥାଏ। ଭାରତ ସମେତ ବିଶ୍ୱର ଅନେକ ରାଷ୍ଟ୍ରରେ ରାଜନୈତିକ, ସାମାଜ ସେବା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥାଏ ନିଜ ଦେଶର ବେସାମରିକ ସର୍ବୋଚ୍ଚ ନାଗରିକ ସମ୍ମାନ। ସର୍ବପ୍ରଥମେ ୧୩୪୮ ମସିହାରେ ଇଂଲଣ୍ଡ ସରକାର 'ଅର୍ଡର ଅଫ ଦି ଗାରଟେର' ନାମରେ ଏହି ସମ୍ମାନ ଘୋଷଣା କରିବା ସହ ପ୍ରଦାନ କରିଥିଲେ ବ୍ରିଟିଶ ନାଗରିକଙ୍କୁ। ଯୁକ୍ତରାଷ୍ଟ୍ର ଆମେରିକା ୧୭୭୬ ମସିହାରେ 'କଙ୍ଗ୍ରେସନାଲ ଗୋଲ୍ଡ ମେଡାଲ' ଏବଂ ୧୯୬୩ରେ 'ରାଷ୍ଟ୍ରପତୀୟ ସ୍ୱାଧୀନ ପଦବୀ' ପ୍ରଦାନ କରିଥିଲେ। ଫ୍ରାନ୍ସ ସରକାର ନିଜ ଦେଶର ନାଗରିକଙ୍କୁ ଉତ୍ସାହିତ କରିବା ନିମନ୍ତେ ୧୮୦୪ ମସିହାରେ 'ଲିଗେନ ଅଫ ଅନର' ନାମରେ ସମ୍ମାନ ଘୋଷଣା କରିଛନ୍ତି। 'ଅର୍ଡର ଅଫ କାନାଡ଼ା' ନାମରେ ୧୯୬୭ ମସିହାଠାରୁ କାନାଡ଼ା ସରକାର ଏହି ସମ୍ମାନାସ୍ପଦ ଉପାଧି ସେ ଦେଶର ଉତ୍କର୍ଷ ଅର୍ଜନ କରିଥିବା ନାଗରିକଙ୍କୁ ପ୍ରଦାନ କରୁଛନ୍ତି। ଅଷ୍ଟ୍ରେଲିଆ ସରକାର ୧୯୭୫ ମସିହାରୁ 'ଅର୍ଡର ଅଫ୍ ଅଷ୍ଟ୍ରେଲିଆ', ବାଂଲାଦେଶ ୧୯୭୭ ମସିହାରୁ 'ସ୍ୱାଧୀନତା ସମ୍ମାନ', ଚୀନରେ ୨୦୧୮ ମସିହାରୁ 'ଫ୍ରେଣ୍ଡସିପ ମେଡାଲ', ୨୦୧୯ ମସିହାରୁ 'ମେଡାଲ ଅଫ୍ ରିପବ୍ଲିକ' ନାମରେ ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିଆସୁଛନ୍ତି। ଭାରତ ସରକାରଙ୍କ ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନ ୧୯୫୪ ମସିହା ଠାରୁ ୨୦୨୪ ପର୍ଯ୍ୟନ୍ତ ୨୭ଟି ପର୍ଯ୍ୟାୟରେ ୫୩ଜଣଙ୍କୁ ପ୍ରଦାନ କରାଗଲାଣି। ଏଥିମଧ୍ୟରୁ ୨୫ଜଣ ବ୍ୟକ୍ତିବିଶେଷ ଦଳୀୟ ରାଜନୀତିରେ କୌଣସି ସମ୍ପୃକ୍ତି ନଥିଲା ବେଳେ ଶିକ୍ଷା, ସଂସ୍କାରଧର୍ମୀ ବ୍ୟକ୍ତିବିଶେଷ, ସଂସ୍କୃତ ପଣ୍ଡିତ, ନୋବେଲ ପୁରସ୍କାର ବିଜେତା, ସ୍ୱାଧୀନତା ସଂଗ୍ରାମୀ, ବିଜ୍ଞାନ, ସମ୍ବିଧାନ ପ୍ରଣେତା, କଥାଚିତ୍ର ନିର୍ଦ୍ଦେଶକ, ନାରୀନେତ୍ରୀ, ଶାସ୍ତ୍ରୀୟ କଣ୍ଠଶିଳ୍ପୀ, ବିଶିଷ୍ଟ ସିତାର ବାଦକ, ସଙ୍ଗୀତ ଗାୟକ, କୃଷି ଓ କ୍ରିକେଟ ଖେଳାଳିଙ୍କୁ ଏହି ସର୍ବୋଚ୍ଚ ସମ୍ମାନ ସୂଚକ ଉପାଧିରେ ବିଭୂଷିତ କରାଯାଇଛି। ଭାରତ ସରକାରଙ୍କର ଏହି ସର୍ବୋଚ୍ଚ ସମ୍ମାନ କେବଳ ଭାରତୀୟଙ୍କୁ ପ୍ରଦାନ କରାଯିବାକୁ ଲିଖିତ ନିୟମ ନ ଥିବାରୁ ମଦର ଟେରେସାଙ୍କୁ ୧୯୮୦ ମସିହାରେ, ଖାନ ଅବଦୁଲ ଗଫର ଖାଁଙ୍କୁ ୧୯୮୭ ମସିହାରେ ଏବଂ ନେଲସନ ମଣ୍ଡେଲାଙ୍କୁ ୧୯୯୦ ମସିହାରେ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଆରମ୍ଭ ହେବା ସମୟରେ ମରଣୋତ୍ତର ଭାବେ ଭାରତରତ୍ନ ଦିଆ ନ ଯିବାକୁ ନିଷ୍ପତ୍ତି ହୋଇଥିଲେ ହେଁ ପରେ ଏଥିରେ ସଂଶୋଧନ କରାଯାଇ ମରଣୋତ୍ତର ଭାବେ ଏହା ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଆବୁଲ କାଲାମ ଆଜାଦଙ୍କୁ ୧୯୯୨ ମସିହାରେ ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଏତିକିବେଳେ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ ନେଇ ପ୍ରସ୍ତାବ ପୁଣିଥରେ ଚର୍ଚ୍ଚା ସୃଷ୍ଟି କରିଛି ଜାତୀୟ ରାଜନୀତିରେ। ବିଜୁ ପଟ୍ଟନାୟକ ଥିଲେ ଜାତୀୟ ସ୍ତରର ନେତା। ଦେଶର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଥିଲା ଅନନ୍ୟ। ଭାରତର ରାଜନୀତିରେ ସେ ଥିଲେ କିଙ୍ଗ୍‌ମେକର। ଏହାସହ ସେ ସଫଳ ପ୍ରଶାସକ ମଧ୍ୟ ଥିଲେ। ଏଭଳି ଜଣେ ମହାନ୍ ନେତା ଦେଶର ସର୍ବୋଚ୍ଚ ସମ୍ମାନ ଭାରତରତ୍ନ ପୁରସ୍କାର ପାଇବା ପାଇଁ ହକ୍‌ଦାର ବୋଲି କହିଥିଲେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଜୁବାବୁଙ୍କ ସହଯୋଗୀ ଏଚ୍ ଡି ଦେବେଗୌଡ଼ା। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ କରାଯିବା ଉଚିତ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶତବାର୍ଷିକୀ ଜନ୍ମଜୟନ୍ତୀ ଓ ସୁଶାସନ ଦିବସ ପାଳନ ଅବସରରେ ନିଜ ସଂସଦୀୟ କ୍ଷେତ୍ର ବିହାରର ବେଗୁସରାଇରେ ଏଭଳି ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହିଛନ୍ତି କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ। ସେ କହିଛନ୍ତି ଯେ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ନହେଲା ପର୍ଯ୍ୟନ୍ତ ବିହାର ଏହାର ଖରାପ ରାସ୍ତା, ଦୁର୍ବଳ ସ୍କୁଲ୍ କୋଠା ଆଦି ପାଇଁ ସମାଲୋଚିତ ହେଉଥିଲା। କିନ୍ତୁ ନୀତୀଶ ଏକ ନୂଆ ସ୍ତରକୁ ନେଇ ଯାଇଛନ୍ତି ବିହାର ରାଜ୍ୟକୁ। ସେହିପରି ନବୀନ ପଟ୍ଟନାୟକ ଓଡ଼ିଶାକୁ ବହୁ ବର୍ଷ ଧରି ଶାସନ କରି ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ବେଶ୍ ଆଗରେ ଥିଲେ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ତୁଳନାରେ। ସେମାନଙ୍କ ଭଳି ନେତାମାନେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ପାଇବାକୁ ହକଦାର।




## ନବ ବର୍ଷର ଭାରତ

### ଧ୍ରୁବ ଚରଣ ବେହେରା



ଏମିତି ଏକ ମହାନ୍ ଦେଶ ଯେଉଁଠି ସବୁ ଜାତି, ଧର୍ମ ଓ ବର୍ଣ୍ଣକୁ ସମାନ ମାନ୍ୟତା ପ୍ରଦାନ କରି ନିଜ କୋଳ ମଣ୍ଡନ କରିଥିବା ଆମ ଦେଶ ଭାରତ ବର୍ଷ ତା'ର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ପାଇଁ ଯୁଗେ ଯୁଗେ ନିଆରା । ପୁରୁଣାକୁ ଭୁଲି ଯାଇ ଜୀବନକୁ ନୂଆ ଆଶାର କିରଣରେ ଭରି ଦେଇ ଆଗାମୀ ଭବିଷ୍ୟତ ପାଇଁ ନିଜକୁ ବା ନିଜର ସଂସାର ଓ ଦେଶକୁକୁ ଏକ ନବ ଦୀଗ୍ଦର୍ଶନ ଦେବା ହେଉଛି ନୂଆ ବର୍ଷ ବା ନୂଆ ମସିହା । ଯେମିତି ପ୍ରକୃତି ତା'ର ରୂପ ପରିବର୍ତ୍ତନ କଲା ପରି । ଗ୍ରୀଷ୍ମ ପରେ ବର୍ଷାର ଶୀତଳତାକୁ ମେଘ ମହ୍ଲାରର ଟୁପୁରୁ ଟୁପରୁ ଟାପର ଶବ୍ଦ ଭିତରେ ପ୍ରେମିକ ଟିଏ ପ୍ରେମିକାର ସ୍ପର୍ଶକୁ, ଏକ ପ୍ରୀତିର ଅନୁଭବ ଭାବି ସେଥିରୁ ପ୍ରେମର ସ୍ୱପ୍ନକୁ ସାଉଁଟି ଆଣିବାର ଆନନ୍ଦ ଆହାଃ ସତରେ କେତେ ଯେ ଅବୁଝା ପଣ ତାକୁ ଅନୁଭବ କରି ପାରିଲେ ଜଣେ ଜାଣି ପାରିବ। ବର୍ଷା ପରେ ଶୀତର ଶୀତଳତା ଓ କୋମଳତା ପୁଣି କୁହୁଡି ଘେରା ଜୀବନ ଜିବୀକାର ଜଳ ଜଳ ଶିଶିର ବିନ୍ଦୁ ଘାସ ଗାଲିଚା ଉପରେ କ୍ଷଣିକ ଜୀବନ ଓ ବାସ୍ତବତାର ସମୟକୁ ସାଥିରେ ନେଇ ଜନ୍ମ ମରଣକୁ ସତ୍ୟର ପାନ୍ଥଶାଳା ଭିତରେ ସ୍ମୃତିକୁ ଅମର କରି କାଳ ବକ୍ଷରେ ଲୀନ ହୋଇଯିବାର ଅନୁଭୂତି ବେଶ୍ ପ୍ରେରଣା ଦାୟୀ । ବସନ୍ତର ଆଗମନରେ ନବ ପଲ୍ଲବିତ ବୃକ୍ଷ ରାଜିର ସବୁଜିମା, ବଉଳର ମହକ, ଜୀବନକୁ ରଙ୍ଗୀନ୍ କରି ପାରୁଥିବା ଫଗୁଣର ସାତ ରଙ୍ଗ ଓ କୋଇଲିର କୁହୁ କୁହୁ ତାନ ଭିତରେ ନିଜକୁ ହଜାଇ ଦେବା ହିଁ ହେଉଛି ଜୀବନ। ସୁଖ ପରେ ଦୁଃଖ ଓ ଦୁଃଖ ପରେ ସୁଖ ସମୟ ଚକ୍ର ଦୋ ଛକିରେ ମଣିଷ ଜୀବନ ପଡିବା ଉଠିବା ସହିତ ଋତୁ ବଦଳେ ମାସ ବଦଳେ ଓ ମସିହା ବଦଳେ। ନୂତନ ବର୍ଷକୁ ସ୍ୱାଗତ କରି ଯେମିତି ପ୍ରକୃତି ରାଣୀ ତା'ର ସବୁଜିମା ଶେଯ ମଧ୍ୟରେ ନାନା ପ୍ରକାର ଫୁଲର ପୁଷ୍ପିତ ମହକରେ ପ୍ରଫୁଲ୍ଲିତ ହୋଇ ପକ୍ଷୀର କାକଳୀ ଓ ମୃଦୁ ମଳୟର ବକୁଳ ମହକକୁ ସାଉଁଟି ଆଣି ନିଜେ ବିଭୋର ହେବା ସହିତ ପ୍ରାଣିଙ୍କ ଜୀବନରେ ନୂଆ ପ୍ରେମକୁ ଉଜ୍ଜିବୀତ କରି ଦିଏ । ନୂତନ ପ୍ରଗତି ନୂଆ ଆଶା ଓ ନୂଆ ସମୃଦ୍ଧିକୁ ହାତ ଠାରି ନିଜ ଆଡକୁ ଡାକୁଥାଏ ତାହା ହିଁ ନବ ବର୍ଷ ନୂଆ ଦିନ ଓ ନୂଆ ପ୍ରାରମ୍ଭର ମାସ ବୋଲି ଆମେ ମାନିଥାଉ। କହିବାର ତାତ୍ପର୍ଯ୍ୟ ଏହି କି ଯେ ଆଜକୁ ୨୭୦୦ ବର୍ଷ ପୂର୍ବରୁ ବା ଖ୍ରୀଷ୍ଟପୂର୍ବ ୭୦୦ ପୂର୍ବରୁ କଣ ଭାରତୀୟ ଭାରତୀୟ ସଂସ୍କୃତି ରେ ନୂଆ ବର୍ଷ ନଥିଲା କି ? ଥିଲା ହେଲେ ଆମେ କାହିଁକି ଆମେ ଆମର ସ୍ୱର୍ଣ୍ଣମ ୫୦୦୦ ବର୍ଷର ସଂସ୍କୃତିକୁ ଭୁଲି ଯାଇ ଗୁଲାମ ସଂସ୍କୃତିର ଭିତରେ ଉବୁଟୁବୁ ହୋଇ ଜାନୁଆରୀ ୧ ତାରିଖକୁ ନୂଆ ବର୍ଷ ବୋଲି ମାନିବା ? ଭାରତୀୟ ସଂସ୍କୃତି ରେ ୧ ବର୍ଷ ୧୨ ମାସ ୩୬୦ ଦିନ ବୋଲି ବୋଲି ନିହିତ ଅଛି ।ହେଲେ ଇଂରାଜୀ ନବ ବର୍ଷରେ ସେ ସମାନତା ନାହିଁ । ଇରୋପୀୟ ଦେଶ ଗୁଡିକ ପ୍ରଥମେ ପୂରା ବର୍ଷକୁ ୧୦ ମାସରେ ବିଭିକ୍ତ କରିଥିଲେ ସେମାନଙ୍କ ପ୍ରଥମ କ୍ୟାଲେଣ୍ଡର ହିସାବରେ ମାର୍ଚ୍ଚ ମାସ ଥିଲା ପ୍ରଥମ ମାସ ଓ ଡିସେମ୍ବର ମାସ ଥିଲା ଶେଷ ମାସ । ଏହି ସବୁ ମାସ ମାନଙ୍କର ନାମ କରଣ ଏହି ପରି ଭାବରେ କରିଥିଲେ । ରୋମର ଦେବତା ମାର୍ସଙ୍କ ନାମରେ ମାର୍ଚ୍ଚ ମାସ, ମାର୍ଚ୍ଚ ମାନେ ପ୍ରସ୍ଥାନ ବା ଗମନ । ଦ୍ୱିତୀୟ ମାସର ନାମ ଅପ୍ରେଲ ଯାହାକି ଆପ୍ରେଲିସ୍ ଶବ୍ଦରୁ ଆସିଛି ଏବଂ ଅପ୍ରେଲ ମାସର ନାମକରଣ ରୋମାନ୍ ମାନେ କରିଛନ୍ତି । ରୋମର ଜଣେ ରାଜା ଆଟେଲେସ୍ ତାଙ୍କର ଦୁଇଟି କନ୍ୟା ଥିଲେ ବଡ ଝିଅ ମଲ୍ଲୀକାର ନାମ ଅନୁସାରେ ମଇ ଓ ଜୁନ୍ ନାମକ ଦ୍ୱିତୀୟ ଝିଅର ନାମ ଅନୁସାରେ ତା'ର ପର ମାସର ନାମ ଦେଇଥିଲେ ଜୁନ୍ ମାସ । ପରେ ରୋମର ଆଉ ଜଣେ ଶାସକ ତାଙ୍କ ନାମ ଥିଲା ଜୁଲିଅସ୍ ସିଜର୍ (ବଦଶାହା) ସେ ତାଙ୍କର ନାମ ଅନୁସାରେ ଆଉ ଗୋଟିଏ ମାସ ସାମିଲ କରିଥିଲେ ତାହା ହେଲା ଜୁଲାଇ ମାସ ଓ ଅଗଷ୍ଟ ସିଜର୍ ମଧ ନିଜ ନାମ ଅନୁସାରେ ଅଗଷ୍ଟ ମାସ ଦେଲେ । ହିନ୍ଦୁ ସଂସ୍କୃତି ଆର୍ଯ୍ୟ ସଂସ୍କୃତି ଅନୁସାରେ ସପ୍ତମକୁ ବ୍ୟବହାର କରି ସେପ୍ଟମ୍ବର୍ ମାସ ଯାହା କି ନବମ ମାସରେ ଯୋଡିଥିଲେ। ଅଷ୍ଟମକୁ ଅକ୍ଟୋବର ମାସର ନାମ ଦେଲେ । ନବମ ଶବ୍ଦକୁ ବ୍ୟବହାର କରି ନଭେମ୍ବର ମାସର ନାମ ରଖିଲେ । ଦଶମ ଶବ୍ଦକୁ ଯୋଡି ଡିସେମ୍ବର ମାସ ବ୍ୟବହାର କରିଥିଲେ। ରୋମର ପ୍ରସିଦ୍ଧ ଦେବତା ଜାନୁସ୍‌ଙ୍କ ନାମ ଅନୁସାରେ ଜାନୁଆରୀ ମାସର ନାମ ଦେଲେ । ପୁଣି ଏକ ପ୍ରାୟଶ୍ଚିତ ମାସ ଫେବୃଆରୀ ମାସକୁ ମିଶାଣ ଫେଡାଣର ବ୍ୟବହାର କରି ୨୮ ଦିନ ଓ ୨୯ ଦିନ ଭାବେ ବ୍ୟବହାର କରୁଥିଲେ। ଏହା ପୂର୍ବରୁ ରୋମରେ ମାର୍ଚ୍ଚ ମାସର ଶେଷ କିମ୍ବା ଅପ୍ରିଲ୍ ମାସର ଆରମ୍ଭକୁ ନୂଆ ବର୍ଷ ବୋଲି ମାନୁଥିଲେ । କିନ୍ତୁ କାଳକ୍ରମେ ଅନେକ ଶାସକ ଶାସନକୁ ଆସିଲା ପରେ ନିଜର ଆଧିପତ୍ୟ ଓ ବଳ ପୂର୍ବକ ବା ଶକ୍ତି ପ୍ରୟୋଗ କଲାପରି ନିଜର ଆଦେଶ ଅନୁସାରେ ସବୁ କାର୍ଯ୍ୟ ହାସଲ କରୁଥିଲେ।

୧୫୮୨ ରେ ଜୁଲିଅସ୍ ସିଜର୍ ପୋପ ଗାଗାରିଆନ୍ କ୍ୟାଲେଣ୍ଡର ପ୍ରଚଳନ କରିଥିଲେ । ଜାନୁଆରି ମାସର ପ୍ରଥମ ଦିନକୁ ନୂଆ ବର୍ଷ ଭାବେ ପାଳନ କଲେ। ପରେ ଫ୍ରାନସ୍, ଇଟାଲି, ପୁର୍ତ୍ତଗାଲ, ଓ ସ୍ପେନ୍ ଇତ୍ୟାଦି ଦେଶରେ ଏହି ଇଂରାଜୀ କ୍ୟାଲେଣ୍ଡର ପ୍ରଚଳନ ହୋଇଥିଲା । ୧୫୮୩ ରୁ ୧୫୮୪ ମସିହାରେ ସୁଇଜର୍ ଲ୍ୟାଣ୍ଡ୍ ନେଦରଲେଣ୍ଡ ବେଲଜିୟମ୍ ଏବଂ ଥୋମାସ ପ୍ରୋଟେଷ୍ଟାଣ୍ଟ ମାନେ ଇଂରାଜୀ ନବ ବର୍ଷକୁ ପାଳନ କରିବା ଆରମ୍ଭ କରିଥିଲେ। ୧୫୮୭ରେ ହଙ୍ଗେରୀ ଦେଶ ଏହି କ୍ୟାଲେଣ୍ଡର ଅନୁସାରେ ଜାନୁଆରୀ ୧ ତାରିଖକୁ ନୂଆ ବର୍ଷ ମାନିଲେ। ୧୬୯୯ ରୁ ୧୭୮୬ ମସିହ ମଧ୍ୟରେ ଡେନମାର୍କ, ଡଚ୍ ଓ ଜର୍ମାନୀ ଜାନୁଆରି ମାସର ୧ ତାରିଖକୁ ଇଂରାଜୀ ନବ ବର୍ଷ ଭାବେ ପାଳନ କଲେ । ୧୭୫୨ ମସିହା ଠାରୁ ବ୍ରିଟେନ୍ ଓ ଆମେରିକା ଜାନୁଆରୀ ମାସର ୧ ତାରିଖ କୁ ନୂଆ ବର୍ଷ ଭାବେ ପାଳନ କରିଲେ । ୧୭୫୩ ମସିହାରେ ସୁଇଡେନ୍ ଦେଶ ଜାନୁଆରୀ ୧ ତାରିଖକୁ ନୂଆ ବର୍ଷ ଭାବେ ପାଳନ କଲା। ୧୮୭୩ ରୁ ୧୮୭୫ ମସିହା ମଧ୍ୟରେ ଜାପାନ ମିଶର ମଧ ଏହାକୁ ମାନିନେଲେ । ୧୯୧୨ ରୁ ୧୯୧୭ ମସିହା ଭିତରେ ଆଲବାନିଆଁ, ବୁଲଗେରିଆ, ତୁର୍କୀ ଓ ଚିନ୍ ଇତ୍ୟାଦି ଅନେକ ଦେଶ ଜାନୁଆରୀ ୧ ତାରିଖ କୁ ନୂଆ ବର୍ଷ ଭାବେ ପାଳନକଲେ । ଆଉ ଏକ ରହସ୍ୟମୟ କଥା ଟିଏ କହିବାକୁ ଚାହେଁ ୧୭୫୨ ମସିହା ଯେଉଁ ସମୟରେ ଆମେରିକା ଓ ବ୍ରିଟେନ୍ ଏହି ଇଂରାଜୀ ନୂଆ ବର୍ଷ ପ ?ାଳନ କରିବାକୁ ଆରମ୍ଭ କରିଥିଲେ ସେତେ ବେଳକୁ ଭାରତରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଆସି ନିଜର ଉପନିବେଶ ଧୀରେ ଧୀରେ ସ୍ଥାପନ କରି ସାରିଥିଲା। ତେଣୁ ସେମାନେ ପାଶ୍ଚତ୍ୟ ସଂସ୍କୃତିକୁ ଜୋର ଜବରଦସ୍ତ ହିନ୍ଦୁସ୍ତାନରେ ପ୍ରଚାର ପ୍ରସାର କରିବା ପାଇଁ ଭାରତୀୟ ରାଜାମାନଙ୍କୁ ସେତେବେଳେ ବାଧତା ମୂଳକ ଜାନୁଆରୀ ୧ ତାରିଖକୁ ନୂଆ ବର୍ଷ ମାନିବାକୁ ବାଧ କରି ଲାଗୁ କରିଥିଲେ । ଇଂରାଜୀ ନୂଆ ବର୍ଷକୁ ଲାଗୁ କଲେ ସତ କିନ୍ତୁ ଭାରତରେ ପ୍ରଚଳିତ ଆର୍ଥିକ ବର୍ଷ ଓ ଶିକ୍ଷା ବର୍ଷକୁ ବଦଳାଇ ପାରି ନଥିଲେ ଯାହା କି ଅଦ୍ୟାବଧି ଭାରତର ପୂରା ଭୂଖଣ୍ଡରେ ମାର୍ଚ୍ଚ ଶେଷରେ ସମାପ୍ତ ହୋଇ ଅପ୍ରିଲ୍ ପହିଲାଠାରୁ ଆରମ୍ଭ ହୁଏ। ୧୫୮୨ ମସିହାରେ ଫ୍ରାନସ୍‌ର ୧୦ମ ରାଜା ଚାର୍ଲସ ଥିଲେ । ସେ କହିଥିଲେ ଅପ୍ରିଲ୍ ୧ ତାରିଖକୁ ଯେଉଁମାନେ ନବ ବର୍ଷ ବୋଲି ନ ମାନିବେ ସେମାନଙ୍କୁ ମୂର୍ଖ କୁହା ଯିବ ଓ ସେହି ଦିନକୁ ମୂର୍ଖ ମାନଙ୍କର ମୂର୍ଖ ଦିନ (April fool ) କୁହାଯିବ। ସଦା ସର୍ବଦା ସେ ଲୋକ ମାନଙ୍କୁ ମୂର୍ଖ ମାନଙ୍କ ସାରଣୀ ଭିତରେ ରଖା ଯିବ । ରାଜା ଚାର୍ଲସ ବାଧତା ମୂଳକ ଭାବେ ଲୋକଙ୍କ ଠାରେ ଅପ୍ରିଲ୍ ୧ ତାରିଖ କୁ ନୂଆ ବର୍ଷ ନ ମାନିବାକୁ ଆଦେଶ ଦେଇଥିଲେ ଓ ଜାନୁଆରୀ ୧ ତାରିଖକୁ ଇଂରାଜୀ ନବ ବର୍ଷ ବୋଲି ମାନିବାକୁ କହିଥିଲେ । ତେଣୁ ଏଠାରେ କହିବାକୁ ବାଧ ହେବି ଯେ ଯେଉଁ ମାନେ ଅପ୍ରିଲ୍ ୧ ତାରିଖକୁ ନବ ବର୍ଷ ବୋଲି ମାନୁଛନ୍ତି ସେମାନେ ହେଉଛନ୍ତି ମହାନ୍ ବ୍ୟକ୍ତି ଓ ମହାନ୍ ପରମ୍ପରା ସୁ ଯାତ୍ରୀ । ଜାନୁଆରୀ ମାସର ୧ ତାରିଖ ଇଂରାଜୀ ନବ ବର୍ଷ ଯାହାକି ପ୍ରକୃତିର ଏକ ମାନ୍ଦା ପରିବେଶ ଭିତରେ ରହି ଏହାକୁ ମନାଉଛନ୍ତି ତାହା ଆମ ସଂସ୍କୃତି ଓ ପରମ୍ପରା ସହିତ କୌଣସି ସଂପର୍କ ନାହିଁ । ଆମ ଭାରତ ଭୂମି ହେଉଛି ଦେବ ଭୂମି ଏହାର ପରମ୍ପରା ଅମୃତମୟ। ମାର୍ଚ୍ଚ ମାସର ଶେଷ ଓ ଅପ୍ରିଲ୍ ମାସର ଆରମ୍ଭ ରେ ପ୍ରକୃତିର ଉତ୍ପତି ହୋଇଥାଏ। ଏହି ସମୟରେ ପ୍ରକୃତି ରାଣୀ ତାର ସବୁଜ ଓଢ଼ଣୀ ଭିତରେ ଫଳ ଫୁଲରେ ହସି ଉଠେ । ସତରେ କହିବାକୁ ଗଲେ ଇଂରାଜୀ ନବ ବର୍ଷ ଅପେକ୍ଷା ଭାରତୀୟ ସଂସ୍କୃତି ର ବା ଓଡିଆ ନବ ବର୍ଷ ସମ୍ପୂର୍ଣ୍ଣ ଭିନ୍ନ। ଅନେକ ସମ୍ଭାରର ପସରା ମେଲାଇ ଧରଣୀ ରାଣୀ ସମସ୍ତଙ୍କୁ ସ୍ୱାଗତ କରେ ବସନ୍ତ ଋତୁ କୋଇଲିର କୁହୁ କୁହୁ ତାନରେ ମଳୟର ଶୀତଳ ଛୁଆଁ ପାଇ ପୃଥିବୀ ରାଣୀ ପାଇଁ ଅନେକ ସୁ ଲଳିତ ସଂଗୀତ ଗାଇଉଠେ । ସବୁଜ ସୁନ୍ଦର ପରିବେଶ ସହିତ ଅଂଶୁମାନଙ୍କର ଶୀତଳ କିରଣ ଦିଗନ୍ତକୁ ସୁନାର ଚାଦର ବିଛେଇ ଦେଇ ଖିଲି ଖିଲି ହସୁଥାଏ । ଆମ ସଂସ୍କୃତି ଆମ ପରମ୍ପରା ୫୦୦୦ ହଜାର ବର୍ଷ ତଳର ପରମ୍ପରା ତାହାକୁ ମାପିବା ଅସମ୍ଭବ । ସନାତନ ଧର୍ମ ପ୍ରତ୍ୟେକ ଧର୍ମକୁ ଯୁଗେ ଯୁଗେ ସୁ ଶିକ୍ଷା ଦେଇ ଆସିଛି । ତା'ର ମର୍ଯ୍ୟଦା ଓ ଜ୍ୟୋତିଷ ଗଣନା ପାଖରେ ପାଖରେ ଅନେକ ସଭ୍ୟତା ସଂସ୍କୃତି ଯୁଗେ ଯୁଗେ ଋଣି । ତେଣୁ ଏତିକି କହିବି ଆସନ୍ତୁ ଆମେ ସମସ୍ତେ ଆମ ପୂର୍ବଜଙ୍କର ନୀତି ଆଦର୍ଶ ଓ ପରମ୍ପରାକୁ ସ୍ୱାଗତ ଦେଇ ପହିଲା ବୈଶାଖ ଓ ଅପ୍ରିଲ୍ ମାସର ଆରମ୍ଭକୁ ନୂଆ ବର୍ଷ ଭାବରେ ମାନିବା । ନିଜ ସଂସ୍କୃତିକୁ ଭୁଲି ନ ଯାଇ ପାଶ୍ଚାତ୍ୟ ସଂସ୍କୃତି କୁ ଭୁଲି ଯିବା । ତଥାପି ଇଂରାଜୀ ନବ ବର୍ଷକୁ ମାନୁଥିବା ସମସ୍ତ ସଜ୍ଜନ ବୃନ୍ଦକୁ ହୃଦୟରୁ ତ କହି ପାରିବିନି ଏମିତି କହିବି ଶୁଭେଚ୍ଛା ଓ ଅଭିନନ୍ଦନ । ଆମ ପରମ୍ପରା ଆମ ସଂସ୍କୃତି ପୂର୍ବ ଏସିଆ ଯୁଗେ ଯୁଗେ ମହାନ୍ । ଆପଣ ମାନଙ୍କୁ ଇଂରାଜୀ ନବ ବର୍ଷର ବହୁତ ବହୁତ ସମ୍ମାନ । ଏହି ମୋ ଭାରତ ମହାନ୍


ଭାରତୀୟ ସାମରିକ ସେବା
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪


## ନୂଆବର୍ଷର ଅନୁଚିନ୍ତା

### ପ୍ରଦେଶ ପ୍ରତ୍ୟୁଷ



କାନ୍ଥରେ କ୍ୟାଲେଣ୍ଡର ବଦଳିଲେ ବଦଳେ ସମୟ, ଦିନ। ଆଉ ଏମିତି ଭାବେ କ୍ୟାଲେଣ୍ଡରର ସବୁ ପୃଷ୍ଠା ଓଲିଟ ପଡିଲେ, ଦିନ ମାସ ବର୍ଷ ବି ନୂଆ ରୂପ ନିଅନ୍ତି,ଏହା ପରେ ଆସେ ଆଉ ଏକ ବର୍ଷ, ନୂଆବର୍ଷ । ମନରେ ଯେମିତି ନୂତନତାର ଅନୁଭବ ହୁଏ । ସ୍ୱପ୍ନରେ ନୂଆ ଆଶାର ଡ଼େଣା ଲାଗିଯାଏ। ପୁରୁଣାକୁ ଭୁଲି ମନ ପୁଣି ନୂଆ ପ୍ରତିଶ୍ରୁତି ଓ ଲକ୍ଷ୍ୟ ସ୍ଥିର କରେ । ଯାହାକୁ କୁହାଯାଏ ନୂଆବର୍ଷର ରିଜୋଲୁସନ ବା ନୂଆବର୍ଷର ସଂକଳ୍ପ।

ଲୋକେ ଏହି ନୂଆବର୍ଷର ସଂକଳ୍ପକୁ ନୂଆ ବର୍ଷର ଆରମ୍ଭରେ ନେଇଥାନ୍ତି । ଏହି ନୂଆ ବର୍ଷର ସଂକଳ୍ପର ପରମ୍ପରା ପ୍ରାଚୀନ ବେବିଲୋନିଆଙ୍କ ଠାରୁ ଚାଲି ଆସିଛି, ଯେଉଁମାନେ ଆସନ୍ତା ବର୍ଷ ଗୁଡ଼ିକରେ ଦେବତାଙ୍କ ଅନୁଗ୍ରହ ପାଇବାକୁ ତାଙ୍କ ପାଖରେ ଶପଥ କରିଥାନ୍ତି। ରୋମାନର ଲୋକେ ମଧ୍ୟ ବର୍ଷର ଶେଷରେ ଏକ ନୂଆ ପ୍ରାରମ୍ଭ ପାଇଁ ଓ ଶତ୍ରୁଙ୍କୁ କ୍ଷମା କରିବାକୁ ସଂକଳ୍ପ କରୁଥିଲେ। ଏହିପରି ନୂଆବର୍ଷରେ ସଂକଳ୍ପର ପର୍ବ ଆରମ୍ଭ ହୋଇ ଆସିଛି।

କଥା ଉଠେ ବର୍ଷଟିଏ ଆସେ ପୁଣି ଚାଲିଯାଏ, ପୁଣି ଆଉ ଏକ ବର୍ଷ ନୂଆ ବର୍ଷ ହୋଇ ଆସେ। ପ୍ରତି ବର୍ଷରେ ଲୋକେ ନେଉଥିବା ସଂକଳ୍ପକୁ କଣ ପୂରା କରନ୍ତି । ଜୀବନକୁ ସେହି ଦିଗ ବା ରାସ୍ତାରେ ନିଅନ୍ତି। ଯାହା ସେମାନେ ନୂଆ ବର୍ଷର ଅବ୍ୟବହିତ ପୂର୍ବରୁ ପ୍ରତିଶ୍ରୁତିବଦ୍ଧ ହୋଇଥାନ୍ତି। ହଁ ଏମିତି ନଜିର ଅଛି କିଛି ଲୋକ ନିଜର ସଂକଳ୍ପକୁ ପାଳନ କରୁଥିବା ବେଳେ ଆଉ କିଛି ସେଥିରୁ ଓହରି ଯାଆନ୍ତି। ଯଥା ପୂର୍ବଂ ତଥା ପରଂ ପରି ଜୀବନକୁ ବିତାଇଥାନ୍ତି। ବାସ୍ତବିକତା ଏହା ଯେ ପ୍ରତି ବର୍ଷ ନୂଆ ସଂକଳ୍ପ ନେଉଥିବା ୪୧ ପ୍ରତିଶତ ଆମେରିକୀୟ ବ୍ୟକ୍ତିଙ୍କ ମଧ୍ୟରେ ୯୧ ପ୍ରତିଶତ ଲୋକ ନିଜର ସଂକଳ୍ପ ପୂରଣ କରି ପାରନ୍ତି ନାହିଁ। ଅଧିକାଂଶ ଲୋକ ଜାନୁୟାରୀ ୧୫ ସୁଦ୍ଧା ନିଜର ନୂଆବର୍ଷର ସଂକଳ୍ପକୁ ଭୁଲି ଯାଆନ୍ତି।

୨୦୧୪ର ଏକ ରିପୋର୍ଟରେ, ନିଜର ନୂଆବର୍ଷର ସଂକଳ୍ପ ଗୁଡ଼ିକରେ ବିଫଳ ରହିଥିବା ୩୫ ଜଣ ଅଂଶଗ୍ରହଣକାରୀ ସ୍ୱୀକାର କରିଥିଲେ ଯେ ତାଙ୍କ ପାଖରେ ଅବାସ୍ତବ ଲକ୍ଷ୍ୟ ଥିଲା, ୩୩ ପ୍ରତିଶତ ଅଂଶଗ୍ରହଣକାରୀ ନିଜର ପ୍ରଗତି ଉପରେ ନଜର ଦେଇ ନଥିଲେ ଏବଂ ୨୩ ପ୍ରତିଶତ ଅଂଶଗ୍ରହଣକାରୀ ତାଙ୍କ ସଂକଳ୍ପ ବିଷୟରେ ଭୁଲି ଯାଇଥିଲେ, ଆଉ ଶେଷ ଉତ୍ତର ଦାତାମାନେ ଦାବି କରିଥିଲେ ଯେ, ସେମାନେ ବହୁତ ଅଧିକ ସଂକଳ୍ପ କରି ଥିଲେ। ଯାହାକି ପୂରଣ କରିବା ତାଙ୍କ ପକ୍ଷେ ଅସମ୍ଭବ ହୋଇ ପଡ଼ିଲା।

ଏଣୁ ଏଥିରୁ ଆମେ ଗୋଟିଏ କଥା ଶିଖିବା ଯେ, ଆମେ ଆମର ସାମର୍ଥ୍ୟ ଅନୁସାରେ ଏବଂ ଆମର କାର୍ଯ୍ୟ ଓ ସମୟ ନିଘଣ୍ଟକୁ ଦେଖି ସାରଣୀ ପ୍ରସ୍ତୁତ କରିବା। ଯାହାକି ଆମରୁ ହତୋତ୍ସାହିତ କରିବା ନାହିଁ।

ନୂଆବର୍ଷର ଆରମ୍ଭ ଲକ୍ଷ୍ୟ ନିର୍ଦ୍ଧାରିତ କରିବା, ନିଜର ବ୍ୟକ୍ତିଗତ ଓ ବ୍ୟବସାୟିକ ବିକାଶର ଯୋଜନା ପ୍ରସ୍ତୁତ କରିବା ଓ ନିଜକୁ କିଛି ନୂଆ କରିବା (ବା କିଛି ପୁରୁଣାକୁ ତ୍ୟାଗ) ପାଇଁ ଚ୍ୟାଲେଞ୍ଜ ଦେବାର ଉପଯୁକ୍ତ ସମୟ।

ପ୍ରଭାବିତ ସଂକଳ୍ପ ନିର୍ଦ୍ଧାରଣ କରିବା ଓ ବାସ୍ତବରେ ଏହା ଉପରେ ତିଷ୍ଠି ରହିବା ଏକ ଚ୍ୟାଲେଞ୍ଜ। କିନ୍ତୁ ଆପଣ ଏକ ଉତ୍ତମ ପ୍ରତିଶ୍ରୁତିବଦ୍ଧ ଯୋଜନା ସହ ସଫଳତାର ସମ୍ଭାବନାକୁ ସାକାର କରି ପାରିବେ। ଆଉ ଦୈନିକ ଜୀବନର ଗାଡ଼ିକୁ ଯୋଜନା ମୁତାବକ ମାର୍ଗରେ ପରିଚାଳିତ କରି ପାରିବେ। ଯେମିତି ଆମେରିକୀୟ ମନୋବୈଜ୍ଞାନିକ, ଲେଖକ ତଥା ଶିକ୍ଷକ ଫିଟଜୁଗ ଡୋଡସନ ଥରେ କହିଥିଲେ - ବିନା କୌଣସି ଯୋଜନାରେ ଲକ୍ଷ୍ୟ ଗୁଡ଼ିକୁ ପ୍ରାପ୍ତ କରିବା ଯାହା, ବିନା ଗନ୍ତବ୍ୟ ସ୍ଥଳରେ ଜାହାଜ କୂଳରୁ ପ୍ରସ୍ଥାନ କରିବା ସେୟା।

ଏଣୁ ଆପଣ ନିଜର ନୂଆବର୍ଷର ସଂକଳ୍ପକୁ ପ୍ରାପ୍ତ କରିବା ଯୋଗ୍ୟ ଲକ୍ଷ୍ୟରେ କେମିତି ବଦଳାଇବେ ? ତାହା ଆପଣଙ୍କର ନୂଆ ସ୍ୱାସ୍ଥ୍ୟାଭ୍ୟାସ ଆପଣାଇବାକୁ ଚେଷ୍ଟା କରିବା ହେଉ କି ଏହିବର୍ଷ କାର୍ଯ୍ୟରେ ନିଜର ଉତ୍ପାଦକତାକୁ ବଢାଇବା ହେଉ। ଆପଣ ନିଜର ସଂକଳ୍ପର ଲକ୍ଷ୍ୟକୁ କଳ୍ପନା କରନ୍ତୁ।

ପ୍ରଥମ ପଦକ୍ଷେପ ଏହା ସ୍ପଷ୍ଟ କରିବାକୁ ଯେ, ଆପଣ ୨୦୨୫ରେ କଣ ଚାହାନ୍ତି। ଏହି କଥା ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତୁ ଯେ,

୧- ଆପଣ ବର୍ଷ ଆରମ୍ଭ କେମିତି କରିବାକୁ ଚାହାନ୍ତି ।

୨- ବର୍ଷର ଶେଷ କେମିତି କରିବାକୁ ଚାହାନ୍ତି ।

୩- ଏଥିପାଇଁ ୨୦୨୫ ଶେଷ ସୁଦ୍ଧା ଏକ ଦୃଷ୍ଟିଭଙ୍ଗୀର ସାରାଂଶ ଲେଖନ୍ତୁ।

୪-ନିଜର ଦୈନିକ କାର୍ଯ୍ୟକୁ ଅନୁଶୀଳନ କରନ୍ତୁ ।

୫- ନିଜର ପ୍ରତିବଦ୍ଧତାରେ ପ୍ରେରିତ ହୁଅନ୍ତୁ। ଏମିତି ସାଙ୍ଗ ବାଛନ୍ତୁ ଯିଏ ଆପଣଙ୍କୁ ନିତି ପ୍ରେରଣା ଦେଉଥିବେ। କାମରେ ଉତ୍ସାହିତ କରୁଥିବେ।

୬- ସକାରାତ୍ମକ ପରିବେଶ ତିଆରି କରନ୍ତୁ । ଆଉ ସେହିଭଳି ଲୋକଙ୍କ ସହ ମିଶନ୍ତୁ । ବହି ପଢନ୍ତୁ।

୭- ନିଜର ବ୍ୟକ୍ତିଗତ ବା ବ୍ୟବସାୟିକ ଅନ୍ତିମ ଲକ୍ଷ୍ୟ ଗୁଡ଼ିକ ବିଷୟରେ ବର୍ତ୍ତମାନ କାଳରେ ଲେଖନ୍ତୁ, ଯେମିତି କି ଆପଣ ପୂର୍ବରୁ ପ୍ରାପ୍ତ କରିଛନ୍ତି। ଏଥିପାଇଁ ସୁସ୍ଥ ରହିବା ର ଅସ୍ପଷ୍ଟ ସଂକଳ୍ପ ପରିବର୍ତ୍ତେ, ଲେଖ କି ଆପଣ ପ୍ରତିଦିନ କଣ ସୁସ୍ଥତା ନେଇ ପଦକ୍ଷେପ ନେଉଛନ୍ତି।ଉଦାହରଣ ସ୍ୱରୂପ - ମୁଁ ପ୍ରତିଦିନ ସକାଳେ ଦୌଡ଼ିବାକୁ ଯାଉଛି, ନିଜ ଦିନର ଆରମ୍ଭ ସକାରାତ୍ମକ ଭାବନାରେ କରୁଛି।

କୌଣସି ଜିନିଷ ହଠାତ୍ ଯେ ରାତାରାତି ହୋଇଯିବ ତାହା ଭାବନ୍ତୁ ନାହିଁ। ଆପଣଙ୍କ ପାଖେ ୩୬୫ ଦିନ ଅଛି, ଏଣୁ ଧିର ପାଣି ପଥର କାଟେ ପରି ସବୁକୁ ଧିରସ୍ଥିର ଭାବେ ଆରମ୍ଭ କରନ୍ତୁ। ଆଉ ଅଭ୍ୟାସ ପୂର୍ବକ ନିତି ସଂକଳ୍ପ ଦିଗରେ ଅଗ୍ରସର ହୁଅନ୍ତୁ। ମନେରଖନ୍ତୁ ପରିବର୍ତ୍ତନରେ ସମୟ ଲାଗିଥାଏ ,ପ୍ରଗତି ବେଳେ ନିଜ ପାଖରେ ଧୈର୍ଯ୍ୟ ରଖନ୍ତୁ ଏବଂ ଯଦି ଜାନୁୟାରୀର ମଧ୍ୟ ଭାଗ ଯାଏ ଆପଣ ନିଜ ସଂକଳ୍ପ ପୂରା ଦିଗରେ କିଛି ମାତ୍ରାରେ ପଛେଇ ଗଲେ ତ ଏଥିରେ ନିରାଶ ହେବେ ନାହିଁ। ଆରମ୍ଭଟା ଅଳ୍ପ ଅଳ୍ପ ଭାବେ କରନ୍ତୁ। କିନ୍ତୁ ନିରନ୍ତରତା ମହତ୍ତ୍ୱପୂର୍ଣ୍ଣ। ଆସନ୍ତୁ ଏମିତି ଭାବେ ଆମେ ଆମର ନୂଆବର୍ଷକୁ ସ୍ୱାଗତ କରିବା । ଆଉ ନିଜର ଅଧୁରା କାର୍ଯ୍ୟକୁ ଦକ୍ଷତାର ସହ ସଂପୂର୍ଣ୍ଣ କରିବା।


କୁରୁମଟାଙ୍ଗର, ମହୁଲପଡ଼ା,
ଢେଙ୍କାନାଳ
ମୋ:-୭୦୦୮୪୩୧୨୫୭


## ନବବର୍ଷ ପରଶେ

### ଜଗଦୀଶ ସାହୁ



ଏଇ ଆମ ଦେଶରେ
ଡିସେମ୍ବର ଶେଷରେ
ନୂଆବର୍ଷ ଆସିଥାଏ
ଜାନୁୟାରୀ ମାସରେ ।
ସାଙ୍ଗ ସାଥି ମେଳରେ
ଗାଆଁ ତୋଟା ମାଳରେ
ନାଚ ଗୀତ ଭୋଜି ଭାତ
ହୁଏ ଦିନ ବେଳରେ ।
ମଣ୍ଡପକୁ ସଜାଇ
ବାଦ୍ୟଯନ୍ତ୍ର ବଜାଇ
ମାନ ଅଭିମାନ ଭୁଲି
ନାଚୁମନ ମଜାଇ ।
ନବବର୍ଷ ପରଶେ
ଦିନକଟେ ହରଷେ
ଅପେକ୍ଷାରେ ରହିବାକୁ
ଲାଗେ ପୁଣି ବରଷେ ।


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ : ୯୦୭୮୧୮୫୬୧୬


## ନୂଆବର୍ଷ ଆସିଛି

### ଜୟକୃଷ୍ଣ ସାହୁ



ନୂଆ ବରଷରେ ଶୀତ ସକାଳରେ
ଚୁନା ଚୁନା ସୁନାଖରା
ଖରା ନୁହେଁ ସେତ ସୁନାର ମୁରୁଜ
ତା'ର ଶୋଭା ଅପାଶୋରା
ସବୁଜ ଘାସରେ ବିଛେଇ ଦେଇଛି
କିଏସେ ମୁକୁତା ରାଜି
ପାଦ ଥୋଇ କେଉଁ ଅତିଥି ସତେକି
ଓହ୍ଲେଇ ଆସିବେ ଆଜି
ସେ ଅତିଥି ନୁହେଁ କେହି,
ସେ ଅଟନ୍ତି ଆମ ଅତିଥି ପଚିଶି
ଆସୁଛନ୍ତି ଆଜି ସେଇ।
ସେ ଆସିଲେ ଆମ କାନ୍ଥରେ ଝୁଲିବ
କ୍ୟାଲେଣ୍ଡର ଏକ ନୂଆ
ଜାତି ଜାତି ମିଠା ପିଠାପଣା ଆଜି
ହେବ ଘରେ ଖିଆପିଆ
ଭାଇ ଆଣିଦେବେ ନୂଆ
ଡାଇରୀଟେ
ମୋ ପାଇଁ ବଜାରୁ କିଣି
ବାବା ଆଣିଦେବେ ନୂଆ କଲମଟେ
ମୋର ମନକଥା ଜାଣି
ଲେଖିବି ଡାଇରୀ ବସି,
ହାପି ନିଉ ଇୟର କହି ସମସ୍ତଙ୍କୁ
ମନାଇବି ମୁଁ ଖୁସି।


କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭


## ହସ

### ଗୋଲୋକବିହାରୀ ବେହେରା



ହସ ବିଶଲ୍ୟକରଣୀ
ଯା' ଓଠରେ ଥାଏ,
ଅଧା ରୋଗ ଶୋକ ଦୁଃଖ
ଦୂର ହୋଇ ଯାଏ ।
ପ୍ରିୟା ଓଠେ ମିଠା ହସ
ଜଗାଏ ଶୀତ୍କାର,
ପ୍ରେମିକ ହୃଦୟେ ବହେ
ମଳୟ ସମୀର ।
କୁନି ପିଲା ଓଠେ ହସ
ଅମୃତର ଝର,
ଭୋକ ଶୋଷ ଭୁଲିଯାନ୍ତି
ପିତା ମାତା ତା'ର ।
ବାପାଙ୍କ ଓଠରେ ହସ
ବିଶ୍ୱାସର ନୀର,
ମା' ହସି ଦେଲେ ବହେ
ସେନେହର ଧାର ।
ହସ ଅମୂଲ୍ୟ ରତନ
ଓଠରେ ରଖିବ,
ମାନସିକ ସୁଖ ଶାନ୍ତି
ସବୁ ପାଇଯିବ ।


ପ୍ରାକ୍ତନ ପ୍ରଧାନଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡ଼ଙ୍ଗୀ, ଢେଙ୍କାନାଳ -୧୬
ମୋ : ୯୯୩୮୩୦୩୦୪୬



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୪୮



ଡ.ସିନ୍ଧୁ ସେନ୍

ଏ ସମ୍ବାଦ ମୋତେ କିଛିଟା ଆଶ୍ୱାସନା ଦେଲା । ମନରେ ଭରିଦେଲା ସାହସ ଓ ଦମ୍ଭ । ନାଗଭଦ୍ର ଯକ୍ଷ ପକ୍ଷରେ ଥିଲେ ମଧ ସାଧାରଣ ଯୋଦ୍ଧା ନୁହଁନ୍ତି । ବହୁ ଦିବ୍ୟାସ୍ତ୍ରର ଅଧିକାରୀ ଯକ୍ଷ ସେନାପତିଙ୍କ ଭାଇ ରାକ୍ଷସ ସେନା ଦୁର୍ବଳ ହୋଇ ପଡ଼ିଥିଲେ । ମାତ୍ର ସେଇ ରାକ୍ଷସ ସେନା ମାନଙ୍କ ମଧ୍ୟରେ ରାକ୍ଷସବୀର ଧୂମ୍ରାକ୍ଷଙ୍କ ପାଖରେ ନାଗଭଦ୍ରଙ୍କ ପରାଜୟ । ଆଃ କି ଚମତ୍କାର, ଧୂମ୍ରାକ୍ଷଙ୍କ ପାଇଁ ଆମର ମାନ, ସମ୍ମାନ ବଞ୍ଚିଗଲା । ଆମ ସେନାପତି କହୁଥିଲେ କାଲି ହୁଏତ କୁବେର ନିଜେ ଯୁଦ୍ଧକ୍ଷେତ୍ରକୁ ଆସିବେ । ଆଉ ମୋ ସହ ଯୁଦ୍ଧ କରିବେ । କୁବେରଙ୍କ ପରାଜୟ ଆଉ ପୁଷ୍ପକ ବିମାନ ଯେ ମୋ ହାତମୁଠାକୁ ଆସିଯିବ । ଏହା ନିଶ୍ଚିତ ଜାଣି ଆନନ୍ଦରେ କୁରୁଳି ଉଠୁଥିଲି ।

ମୋର ଆଶା ଆଉ ସ୍ୱପ୍ନକୁ ସାର୍ଥକ କରି ସେଦିନର ଯୁଦ୍ଧରେ ଯକ୍ଷରାଜ ମୋ ଠାରୁ ପରାଜିତ ହୋଇଥିଲେ । ଲଜ୍ଜା ଓ ଅପମାନରେ ମୋର ଅଧୀନତା ସ୍ୱୀକାର କରିଥିଲେ । ପୁଷ୍ପକଯାନ ସ୍ୱତଃ ମୋ ନିକଟକୁ ଆସି ଯାଇଥିଲା । ଅତିଶୟ ଆନନ୍ଦରେ ସେଦିନ ମୋର ଅଟ୍ଟହାସ୍ୟରେ ଅଳକାପୁରୀ ଥରି ଉଠିଥିଲା । ଏହାର ପରିଣାମ ଭବିଷ୍ୟତରେ କ'ଣ ହେବ ସେ ଚିନ୍ତା କରିବାକୁ ମୋ ନିକଟରେ ସମୟ ନଥିଲା । କୁବେର ମୋର ଜ୍ୟେଷ୍ଠଭ୍ରାତା । ସମ୍ମାନୀୟ, ପୂଜନୀୟ, ଗୁରୁଜନ ଭାବେ ନମସ୍ୟ ମଧ । ସେ କେବେ ମୋ ପ୍ରତି ଅନ୍ୟାୟ କରି ନଥିଲେ । ବରଂ କନିଷ୍ଠ ବୋଲି ମୋ ଆଚରଣର ପରିବର୍ତ୍ତନ ପାଇଁ ଅନେକ ଚେଷ୍ଟା କରିଥିଲେ । ମୁଁ କିନ୍ତୁ କ'ଣ କଲି ତାଙ୍କ ଠାରୁ ତାଙ୍କର ଲଙ୍କା ଛଡ଼ାଇ ନେଲି । ପୁଣି କଳେବଳେ କୌଶଳେ ଛଡ଼ାଇନେଲି ତାଙ୍କର ପ୍ରିୟ ପୁଷ୍ପକଯାନ । ମୁଁ ଯଦି ତାଙ୍କ ଜାଗାରେ ଥାଆନ୍ତି ଏସବୁ ସହ୍ୟ କରିପାରନ୍ତି ନାହିଁ । ଅଥଚ ଜ୍ୟେଷ୍ଠଭାଇ ବେଶ୍ ନିର୍ବିକାର, ସତରେ ମେଯିତି ମୋ ଠାରୁ ସେ ପରାଜୟ ଗ୍ଲାନିରେ ଜର୍ଜରିତ ନହୋଇ ବରଂ ଉଦାର ହୃଦୟରେ ମୋତେ ସବୁକିଛି ଦାନ କରି ଦେଇଥିଲେ । ଅଥଚ ମୁଁ ତାଙ୍କୁ କ୍ରୁର ଅଟ୍ଟହାସ୍ୟ କରୁଛି ।

ଏବେ ମୋ ଜୀବନର ଅନ୍ତିମ କ୍ଷଣରେ ଏସବୁ ଭାବିଲା ବେଳକୁ ମୁଁ ଯେ କେତେ ନିଷ୍ଠୁର ଥିଲି କେତେ ପାପୀ ଥିଲି ସେସବୁ ବୁଝି ମଧ ସେଦିନ ବୁଝିପାରୁ ନଥବଲି । ସେଦିନର ବିଜୟ ପଛରେ ନିଶ୍ଚିତ ଭାବେ ଛପି ରହିଥିଲା ଭବିଷ୍ୟତ ପାଇଁ ପରାଜୟର ଗ୍ଲାନି, ସେ ତାହା ମୁଁ ଏବେ ବେଶ୍ ଉପଲବ୍ଧି କରିପାରୁଛି । ପୁଷ୍ପକଯାନ ପାଇବା ପରେ ମୋର ଗର୍ବ ଅନେକ ବଢ଼ି ଯାଇଥିଲା । ଆଉ ମୁଁ କାଳବିଳମ୍ବ ନକରି ଗୋଟିଏ ପରେ ଗୋଟିଏ ରାଜ୍ୟକୁ ଜୟ କରିବାରେ ଲାଗି ପଡ଼ିଥିଲି । ଧୀରେଧୀରେ ସପ୍ତଦ୍ୱୀପ ମୋ ଅଧୀନକୁ ଆସିଗଲା । ଭୁଲିଗଲି ବାଲିଦ୍ୱୀପରେ ବିତୁଥିବା ମୋର ପୂର୍ବ ଜୀବନର ଅବସ୍ଥା । ସତରେ କେତେ ଦୟନୀୟ ଥିଲା ସେଦିନର ଜୀବନ । ସେଇଠି ତ ମୁଁ ଭୁଲ୍ କରିଥିଲି ବାସ୍ତବରେ ବର୍ତ୍ତମାନର ଜୀବନଚର୍ଯ୍ୟାକୁ ନେଇ ଉତ୍ଫୁଲ୍ଲିତ ହେଉଥିବାବେଳେ ଅତୀତକୁ ଯେ ଭୁଲିଯାଏ ପରବର୍ତ୍ତୀ ସମୟରେ ସେ ନିଶ୍ଚିତ କଷ୍ଟପାଏ । ଏହି ସତ୍ୟକୁ ମୁଁ ସେଦିନ ଗ୍ରହଣ କରିପାରି ନଥିଲି । ମୁଁ ହୋଇପଡ଼ିଥିଲି ବର୍ତ୍ତମାନ ସର୍ବସ୍ୱ ।

ମୁଁ ଲଙ୍କାଧିପତି ରାବଣ । ସପ୍ତଦ୍ୱୀପର ଅଧୀଶ୍ୱର । ଦ୍ୱୀପସମୂହର ଗଛବୃଛ, ନଦୀନାଳ, ପାହାଡ଼ପର୍ବତ ସାରା ଭୂମି ମୋ ଅଧୀନରେ । ଖାଲି କ'ଣ ସେତିକି ମାଟି ତଳେ ପୋତା ହୋଇଥିବା ସକଳ ଧନରତ୍ନ ମଧ୍ୟ ମୋର । ସେଇ ମୋର ମୋର ଧ୍ୱନିରେ ଚଉଦିଗ ପ୍ରକମ୍ପିତ । ମୋ କଣ୍ଠପଟହରେ କେବଳ ବାଜୁଥିଲା ମୋର ଜୟଜୟକାର । ସେଇ ଜୟଗାନ ମୋତେ ସେଦିନ ପାଗଳ କରି ତୋଳିଥିଲା । ମୋର ଯେତିକି ମନେ ହେଉଥିଲା ମୁଁ କେବଳ ସପ୍ତଦ୍ୱୀପକୁ ଜୟ କରିନି । ତ୍ରିଭୁବନକୁ ମଧ ଜୟ କରିପାରିଛି । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ସତରେ ଯେମିତି ମୋର ଅଧୀନ । ସବୁଠି ଯେମିତି ପ୍ରତିଧ୍ୱନିତ ହେଉଛି ମୋର ଜୟଜୟକାର ।

ଏବେ କିନ୍ତୁ ସେ ସବୁ ଭାବିଲେ ନିଜ ପ୍ରତି ଘୃଣା ଆସୁଛି । ନିଜ କଳାକୃତକର୍ମ ପାଇଁ କ୍ଷୋଭ ଜାଗୁଛି ମନରେ । କ'ଣ ଦରକାର ଥିଲା ବିଶ୍ୱବିଜୟୀ ହେବାର ନିଶା । କଣ ଦରକାର ଥିଲା ଯୁଦ୍ଧ ଖୋର ପ୍ରବୃତ୍ତିକୁ ଆପଣେଇ ନେବା । କିଛି ତ ମୋର ଅଭାବ ନଥିଲା । ଲଙ୍କା ତ ମୋ ହତାମୁଠାକୁ ଆସି ଯାଇଥିଲା । ଆସି ଯାଇଥିଲା ମଧ ପୁଷ୍ପକଯାନ । ସେସବୁକୁ ନେଇ ମୁଁ ତ ବେଶ୍ ଲଙ୍କାର ରାଜା ହୋଇ ପ୍ରଜାମାନଙ୍କୁ ସୁଶାସନ ଦେଇପାରିଥାନ୍ତି । ରାକ୍ଷସ ସଂସ୍କୃତିର ବାନ ଉଡ଼ାଇ ପାରିଥାନ୍ତି । ତା ପରିବର୍ତ୍ତେ ଯୁଦ୍ଧ କରି ଏତେ ରକ୍ତପାତ, ସୈନ୍ୟକ୍ଷୟ ଆବଶ୍ୟକତା କ'ଣ ଥିଲା । ମୋ ନିଜସ୍ୱ ଜିଦି ପାଇଁ ମୁଁ ସିନା ଏତେ ସବୁ କରିଗଲି ଆଉ ନିରୀହ ପ୍ରଜାଗଣ ମୋ ଠାରୁ ଅତ୍ୟାଚରିତ ହୋଇ ମଧ ମୁହଁ ଖୋଲି ପ୍ରତିବାଦ କରିବାକୁ ସାହସ କରି ପାରି ନଥିଲେ । ହେଲେ ଏବେ ଭାବୁଛି, ମୁଁ ଯାହା କିଚି କରିଥିଲି, କିଛି ଠିକ୍ କରି ନଥିଲି । ମୁଁ କେବଳ ଆତ୍ମୀୟସ୍ୱଜନ ମାନଙ୍କୁ କଷ୍ଟ ଦେଇନି ନିରୀହ ପ୍ରଜାମାନଙ୍କ ପ୍ରତି ଘୋର ଅନ୍ୟାୟ ମଧ କରିଥିଲି । ଏପରିକି ରାଣୀ ମନ୍ଦୋଦରୀ, ପୁତ୍ର ମେଘନାଦକୁ ମଧ ଆଡ଼େଇ ଦେଇଥିଲି । ମୋ ପାଇଁ ସେଦିନ ମୋର ବିଶ୍ୱବିଜୟୀ ହେବାର ଜିଦି ପ୍ରବଳ ଥିଲା । ପ୍ରତିଟି ଯୁଦ୍ଧପରେ ମୁଁ ତେଣୁ ଅନ୍ୟକିଛି ରାଜ୍ୟ ଜୟ କରିବା ପାଇଁ ଯୋଜନା କରୁଥିଲି । ପରିସ୍ଥିତି ଏମିତି ଅଣାୟତ୍ତ ହୋଇପଡ଼ିଥିଲା ଯେ, ମୋତେ ବିରୋଧ କରୁଥିବା ସମସ୍ତଙ୍କୁ ହତ୍ୟା କରିବାକୁ ମଧ ପଛାଉ ନଥିଲି । ସେ ପାପର ପ୍ରାୟଶ୍ଚିତ୍ତ ଯେ ସହଜରେ ହୋଇପାରିବ।

ଏବେ ମୋ ସମ୍ମୁଖରେ ସ୍ୱୟଂ ପ୍ରଭୁ ଶ୍ରୀରାମ। ମୋର ରକ୍ତପ୍ଲୁତ ଶରୀର ତାଙ୍କର ପଦତଳେ ଲୋଟିପଡ଼ିଛି । ମାନୁଛି ମୋର ଔଦ୍ଧତା ଅକ୍ଷମଣୀୟ । କିନ୍ତୁ ତୁମେ ହିଁ କୁହ ପ୍ରଭୁ, ମୋର ଏତେସବୁ ପାପ ପୋର ମଧ ତୁମେ ମୋ ନିକଟକୁ ଆସିଲ କେମିତି ? ମୋ ଉପରକୁ ବ୍ରହ୍ମଶର ପ୍ରୟୋଗ କଲ କେମିତି ? ସେ ସବୁ ଦୃଷ୍ଟିକୋଣରୁ ବିଚାର କଲେ ମୁଁ କ'ଣ ଭାଗ୍ୟବାନ ନୁହେଁ? ମୋର ଅଟଳ ଜିଦି ପାଇଁ ମୁଁ ଯାହା ସବୁ କରିଥିଲି ସେଥିରେ ପାପର ମାତ୍ର ଯେତେ ଥାଉନା କାହିଁକି ତୁମର ସାକ୍ଷାତ ଦର୍ଶନ ପାଇବା କ'ଣ ମୋ ଜୀବନର ପୁଣ୍ୟ ନୁହେଁ । ମୁଁ ତ କେବେ ଭାବି ନଥିଲି । ତୁମେ ଦିନେ ମୋ ପାଖକୁ ଆସିବ । ନିଜ ହାତରେ ମୋତେ ମାରି, ମୋତେ ମୋକ୍ଷ ଦେବ । ତେଣୁ ଯିଏ ଯେତେ ଯାହା କହୁନା କାହିଁକି, ଯେତେ ଯାହା ଆକ୍ଷେପ କରନ୍ତୁ ନା କାହିଁକି ମୁଁ ତ ଜାଣେ ତୁମେ ମୋର ଡାକ ଶୁଣିଛ । ଶତ୍ରୁ ରୂପରେ ହେଉ ପଛେ ମୋ ପାଇଁ କେତେ କଷ୍ଟ କରିଛ । ସଶରୀରେ ମୋତେ ଦର୍ଶନ ଦେଇଛ । ତୁମରି ପଦଧୂଳି ସ୍ପର୍ଶରେ ଲଙ୍କାର ମାଟିକୁ ଧନ୍ୟ କରିଛ ଲଙ୍କାରେ ତୁମର ଉପସ୍ଥିତି କେବଳ ମୋତେ କାହିଁକି ଅନେକଙ୍କୁ ମୋକ୍ଷତ୍ୱ ପ୍ରଦାନ କରିବାରେ ସମର୍ଥ ହୋଇପାରିଛି । ମୋ ଶରୀରରୁ ଏବେ ରକ୍ତ ସରିସରି ଆସୁଛି । ତଥାପି ମୋର କଥା ସରିନି । ଏବେ ତ ମାତ୍ର ମୋର ଜୟଯାତ୍ରା କଥା କହିଛି । ଆହୁରି ଅନେକ ବାକି ଅଛି । ଅନ୍ତତଃ ପକ୍ଷେ ମୋ ଜୀବନ କାହାଣୀର ଶେଷକଥା କହିବା ପାଇଁ ମୋତେ ବଞ୍ଚି ରହିବାକୁ ଅନୁମତି ଦିଅ । ହେ ପ୍ରଭୁ ତୁମକୁ ଏମିତି ଗୁହାରି ଗୁହାରି ବାକି କଥାତକ କହିବାକୁ ସୁଯୋଗ ଦିଅ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫


ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୭୪ ॥

' ଅଦିତି, ବ୍ରହ୍ମ, ବା ଆତ୍ମାର ଶକ୍ତି ମଣିଷକୁ ଅତି ମାନବରେ ପରିଣତ କରି ଥାଏ, କିନ୍ତୁ ସାଧାରଣ ମଣିଷ ପାଇଁ ଏହି ଆତ୍ମା, ବ୍ରହ୍ମ, ଧର୍ମ ବା ପୁନର୍ଜନ୍ମ, ଏହା ସବୁ ଅତି ଜଟିଳ କଥା । ତେଣୁ ବିଜ୍ଞାନ ମାର୍ଗରେ ମୁଁ ତୁମକୁ ଏହା ସରଳ ଭାବରେ ବୁଝାଇ ଦେବି । ଏହି ଆଦିତ୍ୟ ଆଦିମ ସୂକ୍ଷ୍ମ ଉପାଦାନ ଓ ଅଦିତି ଜ୍ୟୋତିରେ ଗଠିତ । ଜାଣ, ଜଳ, ବାୟୁ, ଉତ୍ତାପ, ମୃତ୍ତିକା ଏବଂ ମଞ୍ଜିଟିଏ ନଥିଲେ, ଗଛଟିଏ ହୁଏ ନାହିଁ । ଗଛରୁ ପ୍ରାଣୀ ମାନବ ଏପରିକି ଉଦ୍ଭିଦକୁ ମଧ ଖାଦ୍ୟ ମିଳିଥାଏ । ଖାଦ୍ୟ ଜୀବନ ରକ୍ଷା କରେ । ତେବେ ଏହି ଜୀବନ କେଉଁଠାରେ ଥିଲା ? ମାଟିରେ, ନାଁ ପାଣି ରେ ନାଁ ମଞ୍ଜିରେ ? ଏହି ଜୀବନ ଏହି ସମସ୍ତ ଉପାଦାନ ମଧ୍ୟରେ ଥିଲା । ଜୀବନ ହେଉଛି ପ୍ରତ୍ୟେକ ପ୍ରାଣୀର ସବୁଠାରୁ ପ୍ରିୟ । ତେଣୁ ଏହି ପାଞ୍ଚ ଭୂତ ମଧ୍ୟରେ ଥିବା ଜୀବନକୁ ମଧ ଆମେ ସୁରକ୍ଷିତ ରଖିବା ଉଚିତ୍ । ପିତା ଓ ମାତା ଉଭୟଙ୍କ ମିଳନରେ ଅନ୍ତାନଟିଏ ଜନ୍ମ ହୁଏ । ତେବେ ଜୀବନ ବା ଆତ୍ମା ମାତାଠାରୁ ମିଳି ଅଛିନାଁ ପିତାଙ୍କଠାରୁ ? ଉଭୟଙ୍କ ଠାରୁ । ଜଳ ଦୁଇ ପ୍ରକାର ଅଣୁରୁ ସୃଷ୍ଟି ହୋଇଅଛି । କିନ୍ତୁ ଜଳ କେଉଁ ଅଣୁ ରେ ଅଛି ? ଉଭୟ ରେ ଅଛି ।କିନ୍ତୁ ଗୋଟିଏ ପ୍ରକାର ଅଣୁରୁ ଏହାର ସତ୍ତା ମିଳେ ନାହିଁ । ସେହିପରି ବିଷ୍ଣୁ ବା ବ୍ରହ୍ମ, ଜୀବ ଓ ଜଡ ପ୍ରତ୍ୟେକ ରୂପରେ ଅଛନ୍ତି, ଜୀବନ ଉଭୟ ରେ ଅଛି । କିନ୍ତୁ ଆମେ ତାହା ଦେଖି ପାରୁ ନାହେଁ । ଆକାଶର ଜଳ ମଧ୍ୟରେ ଥିବାରୁ,ଦିଗ ମାନଙ୍କ ରେ ଅଗ୍ରଗତି କରୁଥିବାରୁ ବା ସମ ଦର୍ଶୀ ହୋଇଥିବାରୁ ସେ ସୂର୍ଯ୍ୟ । ପ୍ରଥମେ ସୂର୍ଯ୍ୟଙ୍କ ପ୍ରଥମ କିରଣ ବିଷୁବବୃତ୍ତ ଅଞ୍ଚଳ ରେ ହିଁ ପଡ଼ିଥିଲା ଏବଂ ସେହି ଦିନରୁ ପୃଥିବୀକୁ ଆସୁଅଛି । ସୂର୍ଯ୍ୟଙ୍କ ବ୍ୟତୀତ ପୃଥିବୀର କୌଣସି ସତ୍ତା ନାହିଁ । ସମସ୍ତ ଗ୍ରହ ନକ୍ଷତ୍ର ମଧ୍ୟରେ ସୂର୍ଯ୍ୟ ହିଁ ଜଳ, ବାୟୁ, ଆଲୋକ ଉତ୍ତାପ ଆଦି କୁ ପ୍ରଦାନକର ପୃଥିବୀକୁ ପାଳନ କରନ୍ତି । ଅଦିତି, ସୂର୍ଯ୍ୟଙ୍କର ନିଜର କୌଣସି ସତ୍ତ୍ୱ, ତା ବା ତ୍ୱ ବା ଅର୍ଯ୍ୟ ନାହିଁ । ଏହି ପୃଥିବୀର ସମସ୍ତ ସତ୍ତା ପାଞ୍ଚ ଭୂତରୁ ତିଆରି । କିନ୍ତୁ ସୂର୍ଯ୍ୟଙ୍କ ଠାରେ ପାଞ୍ଚ ଭୂତ ନାହାନ୍ତି । ନାଁ ଏହା ଜଳ ନାଁ ସ୍ଥଳ,ନାଁ ଅଗ୍ନି, ନାଁ ବାୟୁ ନାଁ ଆକାଶ ? ତେଣୁ ତାଙ୍କର ଅନ୍ୟ ନାମ ଅର୍ଯ୍ୟମା । ଆଦିମ ମାନବ ମଧ୍ୟରୁ ସେହି ସୂର୍ଯ୍ୟ ଙ୍କ ସମାନ ପୃଥିବୀର ବାରଟି ଶ୍ରେଷ୍ଠ ରାଜବଂଶୀମାନେ ହିଁ ତୁମଠାରୁ ଜନ୍ମ ହେବାକୁ ଯାଉଛନ୍ତି !!'

' ଏହା କିପରି ସଂଭବ ହେବ ପ୍ରଜାପତି ? ମୁଁ କିପରି ଜଣେ ନାରୀ ହୋଇ ବାରଟି ଶ୍ରେଷ୍ଠ ରାଜବଂଶକୁ ଜନ୍ମ ଦେବି ?'

' ତୁମେ ପ୍ରଥମେ ସମୁଦାୟ ଅତୀତ ଘଟଣା ଗୁଡ଼ିକ ଶୁଣି ଯାଅ । ଯଜ୍ଞେଶ୍ୱର ବ୍ରହ୍ମା ମୋର ପ୍ରପିତା ମହଙ୍କ ସମୟରୁ ଜନ୍ମ ହୋଇଏବେ ମଧ ଯୋଗ ବଳରେ ଜୀବିତ ଅଛନ୍ତି । ତାଙ୍କର ବୟସ ଏବେ ଶହେ କୋଡ଼ିଏ ବର୍ଷ । ସେ ଏହି ଦୁର୍ଦ୍ଧାନ୍ତ ଶିକାରୀ ଏବଂ ଅବି ବାହିତ କଠିନ ଯୋଗ ସାଧକ ମାନଙ୍କ ମଧ୍ୟବର୍ତ୍ତୀ ଏକ ନୂତନ ମାନବ ଜାତି ସୃଷ୍ଟି କଲେ । (ଶ୍ରୀମଦ୍ ଭାଗବତରେ ଏହିମାନ୍‌ଙ୍କୁ ଅଙ୍ଗରୁ ବ୍ରହ୍ମା କଲେ ଜାତ ଓ ଅନ୍ୟତ୍ର ମନରୁ ବ୍ରହ୍ମା କଲେ ଜାତ ବୋଲି ଲେଖାଯାଇଛି ।) ସେ ସଠିକ୍ କିପରି ବିଜ୍ଞାନ ପଦ୍ଧତି ପ୍ରୟୋଗ କରିଥିଲେ, ତାହା ଜାଣେନାହିଁ କାରଣ ଏପରି ପ୍ରତି ରୂପ ସୃଷ୍ଟି ରେ ବଂଶାନୁଗତ ଗୁଣ ସୂତ୍ର ଠିକ୍ ନଥିବାରୁ ଶିଶୁ ସ୍ୱାଭାବିକ ହୁଏନାହିଁ । ବିଜ୍ଞାନଜ ଶିଶୁ ଜନ୍ମ ରେ କେତେକ ନକରାତ୍ମକ ପ୍ରଭାବ ମଧ ରହିଥାଏ । କିନ୍ତୁ ମୁଁ ନିଶ୍ଚିତ ଯେ ବ୍ରହ୍ମାଙ୍କର୍ କୌଣସି ନାରୀଙ୍କ ସହ ଦୈହିକ ସମ୍ପର୍କ ନଥିଲା ଏବଂ ସେ ଏହି ସପ୍ତ, (ଦଶ)ଋଷି ବା ସ୍ୱୟଂ ଭୁବ ଓ ଶତରୂପାଙ୍କୁ ବିଜ୍ଞାନ ପଦ୍ଧତିରେ ହିଁ ସୃଷ୍ଟି କରିଥିଲେ ଓ ସେମାନେ ତାଙ୍କର ଉଭୟ ମନୋଜ ତଥା ଅଙ୍ଗଜ ପୁତ୍ର ଥିଲେ । ସେମାନଙ୍କୁ ବ୍ରହ୍ମାଙ୍କ ଆୟୋଜିତ ବ୍ରହ୍ମ ଓ ବିଷ୍ଣୁଙ୍କ ସଭାରେ ଯୋଗଦେବାକୁ ହେଉଥିଲା ଓ ସନାତନ ଧର୍ମର ପ୍ରସାର କରାଯାଉଥିଲା । ଏମାନେ ସମସ୍ତେ ବିବାହିତ ଥିଲେ ଓ ପରସ୍ପର ବଂଶରେ ବୈବାହିକ ସମ୍ପର୍କ ସ୍ଥାପନ କରିଥିଲେ । ଏମାନଙ୍କ ମଧ୍ୟରୁ କେତେକ ଜନ୍ମ ହୋଇ ନାହାନ୍ତି ତ କେତେକ ପୁନଃ ଜନ୍ମ ଗ୍ରହଣ କରି ସାରିଲେଣି । ଏହି ସମୟରେ ସେମାନେ ଶ୍ରୁତି ମାଧମ ରେ ବେଦ ରଚନା କରିଥିଲେ । ବ୍ରହ୍ମା ଯେତେବେଳେ ତୁମର ପୂର୍ବଜ ସ୍ୱୟଂଭୂ ଏବଂ ଶତ ରୁପାଙ୍କୁ ସୃଷ୍ଟି କଲେ, ସେତେବେଳେ ବ୍ରହ୍ମାଙ୍କ ସନ୍ତାନ ମାନେ ପରସ୍ପର ବଂଶ ସହ ବୈବାହିକ ସମ୍ପର୍କ ସ୍ଥାପନ କରି ଉତ୍ତର ଭାରତର ପୂର୍ବ, ପଶ୍ଚିମ ଦିଗରେ ବ୍ୟାପି ଯାଇଥିଲେ । ମୋର ପୂର୍ବଜ ମାନେ ତାଙ୍କ ପ୍ରତି କ୍ରୋଧରେ ଅଗ୍ନିବର୍ଷା କରୁଥିଲେ । ଶକ୍ରମାନେ ଯୁଦ୍ଧ ଆରମ୍ଭ କରିଦେଲେ । ଦ୍ରାବିଡ଼ ଓ ଅନ୍ୟ ଜନ ଜାତି ମାନେ ପଥର ଓ ତୀର ମାରି ତାଙ୍କୁ ବିତାଡିତ କରିବାକୁ ଉଦ୍ୟମ କଲେ । ବର୍ଷ, ବର୍ଷ ଧରି ଶୀତଳ ଲଢେଇ ଚାଲିଲା । କିନ୍ତୁ ପ୍ରିୟବ୍ରତଙ୍କ ପୁତ୍ର ଇନ୍ଦ୍ରଜିତ ଶକ୍ର ମାନଙ୍କୁ ପରାଜିତ କରି ପ୍ଲକ୍ଷ ଦ୍ୱିପ ଅଧିକାର କଲେ । ଏହି ବଂଶ ରେ ଦ୍ୱିତୀୟ ଇନ୍ଦ୍ର ଦମନ ମଧ ପ୍ରଦେଶରେ ରାଜା ଥିଲେ । ରାଜସ୍ଥାନରୁ ଆମକୁ ବିତାଡିତ କରି ଅଗ୍ନିଧ୍ର ଜମ୍ବୁଦ୍ୱିପର ରାଜା ହେଲେ । ତଥାପି ଆମର ବିଦ୍ରୋହ ଥମି ନଥାଏ । କିନ୍ତୁ ଏହିସମୟରେ ପ୍ରବଳ ବନ୍ୟା ଓ ସମୁଦ୍ର ଜୁଆରରେ ବାଲିଚର ମାଡ଼ିଗଲା । ଅନ୍ୟମାନଙ୍କୁ ରକ୍ଷା କରିବାକୁ ଯାଇ ଆମର ବଂଶ ଲୋପ ପାଇଲା । ଯାହା ପାଖରେ ଖାଦ୍ୟ ଥିଲା, ସେମାନେ ପଥର ମାରି ଅନ୍ୟ ମାନଙ୍କୁ ଘଉଡାଇ ଦେଲେ । ଶକ୍ରମାନେ ଏକ ଯାଯାବରଜାତି ରୂପେ ପଶ୍ଚିମ ଆଡ଼କୁ ଚାଲିଗଲେ । ଅନ୍ୟମାନେ କିଏ ବା ଦାସ, କିଏ ବା ଦସ୍ୟୁରେ ପରିଣତ ହେଲେ । ........ସେହି ଧୀବର ଦାସ ବଂଶର ରାଜ କନ୍ୟା ସତ୍ୟ ବତୀଙ୍କଠାରୁ ଦିନେ ବ୍ୟାସ ଦେବଙ୍କର ଜନ୍ମ ହେବ ।'

' କିନ୍ତୁ, ପ୍ରଜାପତି, ଯେଉଁ ମାନେ ଭାରତରେ ସନାତନ ଧର୍ମ ପ୍ରସାର କରି ଆମକୁ ଉନ୍ନତ ମାନବ ଜାତିରେ ପରିଣତ କଲେ, ବେଦ ରଚନା କଲେ, ଆପଣ ମାନେ ତାଙ୍କ ସହିତ କାହିଁକି ଯୁଦ୍ଧ କଲେ ? କାହିଁକି ସେମାନଙ୍କୁ ବିତାଡ଼ିତ କରିବାକୁ ଇଚ୍ଛା କଲେ ?'

'ସେ ଆହୁରି ବିସ୍ମୟ କର କାହାଣୀ ଅଦିତି । ଭବିଷ୍ୟତରେ ମାନବ ମାନେ ଏହା ଶୁଣିଲେ ଇତିହାସ ର ଗତି ପଥ ପରିବର୍ତ୍ତନ କରିଦେବେ । ଆର୍ଯ୍ୟ ମାନଙ୍କର ଠିକଣା ବଦଳି ଯିବ । ଆଜକୁ ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବେ( ୧୧ ହଜାର ବର୍ଷ)ସ୍ଥଳ ପଥରେ କ୍ରୌଞ୍ଚ ଦ୍ୱୀପ (ଅବଶ୍ୟ କେତେକ ତୁର୍କୀଠାରୁ ପଞ୍ଜାବ ପର୍ଯ୍ୟନ୍ତ ସ୍ଥାନକୁ କ୍ରୌଞ୍ଚ ଦ୍ୱିପ କହି ପାରିବେ । ଏଠାରେ ଶୁକ୍ଳ ନଦୀ, ଆର୍ଯ୍ୟକା ( ଆର୍କ୍ୟକା )' ଏବଂ ପଞ୍ଜାବ ଠାରେ ଅମୃତ ଦୌ ନଦୀ ଏବଂ ଶୁକ୍ଳ ପର୍ବତ ଅଛି । ସର୍ପ ମାନେ ରହନ୍ତି । ଚୀନ ପ୍ଲକ୍ଷ ଦ୍ୱିପ (ଅରୁଣା ନଦୀ)ରେ ଥିଲା) ସହ ( ଆମେରିକା) ଉଭୟ ପଟରୁ ପ୍ଲକ୍ଷର ଯୋଗ । ଯୋଗ ଥିଲା । ଏବେ ସମୁଦ୍ର ମାଡ଼ି ଯାଇଛି । ସେତେବେଳେ ବିଶ୍ୱର ସମସ୍ତ କଥିତ ଭାଷା ମାନ ପୂର୍ଣ୍ଣ ପ୍ରକାଶିତ ହୋଇଯାଇଥିଲା । ସେହି ସମୟରେ (ଆଲେକ୍ସା) ପର୍ବତରେ ଦଳେ ଆଦି ମାନବ ବାସ କରୁଥିଲେ । (ସୂଚନା ଅନୁସାରେ ଆମେ ସମସ୍ତେ କୁଆଡେ ଦିନେ ଆଲେସ୍କା ଓ ଆର୍କଟିକ ପର୍ବତ ମାନଙ୍କରେ ବାସ କରୁଥିଲେ ।)

କିନ୍ତୁ ଏହି ଉପନ୍ୟାସର ସମସ୍ତ ତଥ୍ୟ ଏକ ଶେଷ ସତ୍ୟ କି ??


+ ବାଲିଝରି, କାନପୁର, ବଡ଼ମ୍ବା, କଟକ


## ନିମନ୍ତ୍ରିତ
### କବିତା ପଣ୍ଡା



ନିମନ୍ତ୍ରିତ ଅତିଥିଟିଏ
ବୋଧେ ଆଜି ତୁମେ,

କିଛି ନୂଆ ନ ଥାଇବି
ସବୁ କିଛି ନୂଆ ଲାଗେ
ତୁମ ଆସିବାର ଆଗମନେ ।

ଯେମିତି କଥା ଦେଇଥିଲେ
ବହୁ ବର୍ଷ ପୂର୍ବରୁ ଆସିବ ବୋଲି ,
ଯେତିକି ତୋଳିଦେଇଥିଲ
ସଂପର୍କର ଦେଉଳଟି
ମୁଣ୍ଡି ମାରିବ ବୋଲି ।

ତୁମ ଆସିବାର ପହିଲି ସ୍ପର୍ଶରେ
ବଣଭୂମି ଠାରୁ ବେଳାଭୂମି ଯାଏ
ସବୁଠି ଭରିଛି ଖୁସିର ଲହରୀ ।

ଏଠି ଫୁଲ ବି ହସୁଛି
ପବନ ବି ବାତୁଳ ସାଜିଛି,
ଆଉ ବାକି ଲାଜେଇ ପ୍ରିୟତମା
ଆମନ୍ତ୍ରଣର ଗୀତଗାଇ
ବାଟ ଚାହିଁ ମୁରୁକି ହସୁଛି ।

ତୁମେ ଆସ,
ଶୀତର କାନ ବାସ୍‌ରେ
ପ୍ରୀତିର ମହ ଭରି
ରଚିଦିଅ ନୂଆ ଫର୍ଦ୍ଦ
ସ୍ମୃତି ହୋଇ ଝଲସୁ ଥାଅ ଚିରକାଳ
ହେ ପ୍ରିୟ ତମ ନବ ବର୍ଷ ।


+ ମଙ୍ଗଳପୁର, ସୋର,
ବାଲେଶ୍ୱର




## ନୂତନ ବର୍ଷର ଅଭିନନ୍ଦନ
### ପୂଜା ସା

ନୂତନ ବରଷରେ ସଭିଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ
ସ୍ୱାଗତ କରିବା ଆସ ଆମେ ଦେଇ ନିଜ ଦୃଢ଼ ମନ ।

ନୂଆ ଆଶା ନୂଆ ଉଦ୍ଦୀପନା ନେଇ ଆସିଛି ଏ ବରଷ
ସଭିଙ୍କ ଜୀବନରେ ଭରି ହେଇ ଯାଉ ହସ ଖୁସି ଉଲ୍ଲାସ ।

ଏ ନୂତନ ବର୍ଷ ହେଉ ସଭିଙ୍କ ପାଇଁ ମଙ୍ଗଳମୟ
ସ୍ୱାଗତ କର ଏହାକୁ ନ ରଖି ନିଜ ମନେ କିଛି ଭୟ ।

ଆସ ଭାଇ ବନ୍ଧୁ ସଭିଏ ନୂତନ ବରଷକୁ ନୂଆ କରି ଜିଇଁ
ରାଗ ଅଭିମାନ ଭୁଲି ଯାଇ ସବୁ ଜୀବନକୁ ନୂଆ ରୂପ ଦେବା ।

ବିଶୁଦ୍ଧ ଭାବନା ନିଃସ୍ୱାର୍ଥ କାମନା ଜାଗି ଉଠୁ ସଭିଙ୍କ ମନେ
କୁସଂସ୍କାର ଅନ୍ଧବିଶ୍ୱାସକୁ ଦୂରେଇ ଦେବା ଆମେ ଏ ଜୀବନେ ।

ଭେଦଭାବ ଭୁଲିଯାଇ ଆସ ଆଗେଇଯିବା ସୁକର୍ମର ପଥରେ
ଏକତ୍ର ହୋଇ ପାଳିବା ନୂଆ ବରଷକୁ ସାଙ୍ଗ ସାଥିଙ୍କ ମେଳରେ ।


+ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରଥମ ବର୍ଷ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭବାନୀପାଟଣା (କଳାହାଣ୍ଡି)


## ପ୍ରେମର ରଙ୍ଗ
### ଚିକୁନ୍ ପଣ୍ଡା



ମୁଁ ପଚାରିଲି ପ୍ରେମର ରଙ୍ଗ ଲାଲ୍ କାହିଁକି ?
ତୁମେ କହିଲ, ପ୍ରେମ ହୃଦୟରୁ ଆରମ୍ଭ
ଯୋଉଟା କି ଲାଲ୍ ରକ୍ତ ପିଣ୍ଡୁଳା ।
ମୁଁ ପଚାରିଲି ପ୍ରେମ ଆଖି ରୁ ଆରମ୍ଭ ହୁଏ କାହିଁକି ?
ତୁମେ କହିଲ ଆଖି ହେଉଛି ସତ ଆଉ ମିଛର ସୁନ୍ଦର ଦର୍ପଣଟିଏ ।

ପ୍ରେମ ପାଇଁ ଇତିହାସ ଆଉ ପ୍ରେମ ପାଇଁ ମହାଭାରତ
ପ୍ରେମ ତ ଯୁଗେ ଯୁଗେ ଅମର ।
ଜହ୍ନ ତ, ଯୁଗେ ଯୁଗେ କଇଁର
ହେଲେ କେତେ କିଏ ସ୍ୱପ୍ନ ସଜାଏ ରାତି ଉଜାଗର ରହି ।
ସବୁ ସ୍ୱପ୍ନ କଣ ସତ ହୁଏ !

ମୁଁ ପଚାରିଲି ପ୍ରେମର ରାସ୍ତା ଏତେ କଣ୍ଟକିତ କାହିଁକି ?
ତୁମେ କହିଲ, ପ୍ରେମର ହଜାରେ ଶତ୍ରୁ ।
ପ୍ରେମ କାହା ପାଇଁ ଫୁଲ ର ବିଛଣା ତ, କାହା ପାଇଁ କଣ୍ଟାର ଅଗଣା ।
ପ୍ରେମ ନୁହେଁ ଭିକ୍ଷୁକ ଥାଳିରେ ଭିକ
ମାଗିଲେ ସହଜେ ମିଳିଯିବ !
ପ୍ରେମତ, ଯୁଗ ଯୁଗ ତପସ୍ୟାର ଫଳ
ପ୍ରେମର ଆୟୁଧ ଅୟୁତ ଅୟୁତ ।

ପ୍ରେମର ରଙ୍ଗ ଅନେକ ହେଲେ ରୂପ ଏକ
ମିଳି ଗଲେ ଲାଗେ ହାତ ମୁଠାରେ ଅଛି ସରଗର ଚାନ୍ଦ
ନ ମିଳିଲେ ଜୀବନଟା ଲାଗେ ଅମାବାସ୍ୟାର ଅନ୍ଧାର ।


+କଟକ


## କେମିତି କାଳିଆ ?
### ଅପର୍ଣ୍ଣା ବେହେରା

ମୋ ବିଶ୍ୱାସରେ ଯଦି ତୁମେ ନରହିବ,
ମୁଁ ନିଶ୍ୱାସ ମାରିବି କେମିତି ?
ନିଶ୍ୱାସ ସାଥିରେ ବିଶ୍ୱାସକୁ ଯୋଡି,
ମୁଁ ବଞ୍ଚିବା ଶିଖିବି କେମିତି ?

ମୋ ଭାବନାରେ ଯଦି ତୁମେ ନରହିବ,
ମୁଁ ସପନ ଦେଖିବି କେମିତି ?
ସପନ ରାଜ୍ୟର ଭାବନା ଗୋଳିରେ,
ମୁଁ ନଅର ତୋଳିବି କେମିତି ?

ମୋ ନୟନରେ ଯଦି ତୁମେ ନରହିବ,
ମୁଁ ଦୁନିଆ ଦେଖିବି କେମିତି ?
ନୟନ ଅଶ୍ରୁର ସମାଜ ଛବିରେ,
ମୁଁ ନିଜକୁ ଖୋଜିବି କେମିତି ?

ମୋ ଜିଜ୍ଞାସାରେ ଯଦି ତୁମେ ନରହିବ,
ମୁଁ ନିଜକୁ ଜାଣିବି କେମିତି ?
ଜିଜ୍ଞାସା ସାଥିରେ ଆପଣାକୁ ଯୋଡି,
ମୁଁ ଜଗତ ଜିଣିବି କେମିତି ?

ମୋ କଳ୍ପନାରେ ଯଦି ତୁମେ ନରହିବ,
ମୁଁ କବିତା ଲେଖିବି କେମିତି ?
କଳ୍ପନା ଖଡିରେ କବିତାକୁ ଆଙ୍କି,
ମୁଁ ସିଲଟ ଭରିବି କେମିତି ?

ମୋ ଭକତିରେ ଯଦି ତୁମେ ନରହିବ,
ମୁଁ ଶକତି ପାଇବି କେମିତି ?
ଭକତି ଭାବରେ ଶକତିର ସହ,
ମୁଁ ମୁକତି ଲଭିବି କେମିତି ?


+ଧରଣୀଧର ବିଶ୍ୱବିଦ୍ୟାଳୟ,
କେନ୍ଦୁଝର


## ଜିତିବ ବାଜି
### ବନଶ୍ରୀ ଦାଶ

ନେବ ତ ନିଅ ମା ଝିଅ ମୀନାକୁ
ବୋଲଟି ମାନିବ ସବୁ କାମକୁ
ବାସନକୁସନ ମାଜି ଥୋଇବ
ପଇସା ନନେଇ ପାଠ ପଢିବ ।

ମୋ ପରି ହେବନି ଜମାରୁ କେବେ
ଅପାଠୁଆ ହୋଇ ସଢୁଛି ଏବେ
କଥା ନ ମାନିକି ପ୍ରେମ ମୁଁ କଲି
ବିବାହ ପୂର୍ବରୁ ସବୁ ସାରିଲି ।

କ୍ଷଣିକ ସୁଖରେ ମସଗୁଲ ହେଲି
ଆଗପଛ ନାବିଚାରି କି ବଢ଼ିଲି
ଘରଲୋକଙ୍କୁ ମୁଁ ଶତ୍ରୁ ଭାବିଲି
ମିଛ ପ୍ରେମର ମାୟାରେ ଭ୍ରମିଲି ।

ସମୟ ସରିଲା ବୟସ ଗଡ଼ିଲା
ପାଠପଢ଼ାରେ ମୋ ଡୋରି ବନ୍ଧାଗଲା
ଯାହା ଭରସାରେ ଘର ଛାଡ଼ିଥିଲି
ଅନ୍ୟ ପକ୍ଷୀ ଦେଖି ଉଡାନ ମାରିଲା ।

ନିଜ ଗୋଡ଼େ ଠିଆ ନ ଉଠି କଷ୍ଟି ମୁଁ ଆଜି
ଯାହାପଛେ ହେଉ ଝିଅମୋ ଜିତିବ ବାଜି।


+ବେତାର ଉଦଘୋଷିକା, ଆକାଶବାଣୀ,
ଭବାନୀପାଟଣା

## ୪ ଜଣ ଛାତ୍ରଙ୍କଠାରୁ ମୋବାଇଲ ଲୁଟ୍

ଜୟପୁର, ୧/୧ (ନି.ପ୍ର): ୪ ଜଣ ଛାତ୍ର ଙ୍କ ଠାରୁ ଛୁରି ଦେଖାଇ ମଙ୍ଗଳବାର ଲୁଟ ହୋଇଛି । ସୋମବାର ଯମୁନାଗୁଡା ନିକଟରେ ଆଇସ କ୍ରିମ ବିକାଳିକୁ ଖଣ୍ଡା ଦେଖାଇ ମୋବାଇଲ ଟଙ୍କା ଲୁଟ କରିଥିବା ବେଳେ ଆଜି ପୁଣି ଛୁରି ଦେଖାଇ ମୋବାଇଲ ଓ ଟଙ୍କା ଲୁଟ ହୋଇଛି । ସୂଚନା ଅନୁଯାଇ ବିକ୍ରମ ଦେବ ସ୍କୁଲର ୪ ଜଣ ଛାତ୍ର ଜଗଦିଶ ହରିଜନ, ସତ୍ୟଜିତ ଚୈଧୁରି, ଅଶୁଂମାନ ବିଷୋୟୀ ଓ ଆଲୋକ ସାଗର କ୍ଲାସ ସାରି ନିକଟରେ ଥିବା ପେନାଙ୍ଗି ପାହାଡରେ ବସିଥିଲେ । ୪ ଜଣ ଛାତ୍ର ବିକ୍ରମ ଦେବ ସ୍କୁଲରେ ଯୁକ୍ତ ଦୁଇ ବାଣିଜ୍ୟରେ ପ୍ରଥମ ବର୍ଷରେ ପଢୁଛନ୍ତି । ସେହି ପାହାଡରେ ଅନ୍ୟ ବାହାର ଯୁବକ ମାନେ ବସିଥିଲେ । ହଠାତ ୩ ଜଣ ଦୁର୍ବୃତ୍ତ ଆଜି ଦିନ ୧୨ ଟା ୪୫ ମିନିଟ ସମୟରେ ଆସି ଛୁରି ଦେଖାଇ ମାଡ ମାରିଥିଲେ । ୪ ଜଣ ଛାତ୍ରଙ୍କ ଠାରୁ ୪ଟି ମୋବାଇଲ ଓ ଶହେ ଟଙ୍କା ଲୁଟ କରିଥିଲେ । ଛାତ୍ର ମାନେ ଭୟଭିତ ହୋଇ ଅପରାହ୍ନ ୧ଟା ୩୦ ମିନିଟ୍ ସମୟରେ ଜୟପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ପାଲିଗୁଡାର ଜଗଦିଶ ହରିଜନ, ଜୟପୁର ନୁଆ ସାହିର ସତ୍ୟ ଜିତ ଚୈଧୁରି, କାଳିଆ ଗାଁର ଅଶୁଂମାନ ବିଷୋୟୀ ଓ ଘାସି ସାହିର ଅଶୋକ ସାଗର ବୋଲି ଜଣାପଡିଛି ।

## ବିଦ୍ୟାଳୟର ପରିଚାଳନା କମିଟି ଗଠନରେ ବାଧକ ସାଜିଲେ ବିଧାୟକ

ଘଟଗାଁ, ୧/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଜଳସୁଆଁ ପଂଚାୟତ ଜଳସୁଆଁ ଗ୍ରାମର ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଗଠନରେ ବାଧକ ସାଜିଲେ ବିଧାୟକ। ସୂଚନା ଅନୁଯାୟୀ ଦୀର୍ଘ ପାଂଚ ବର୍ଷ ଧରି ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟରେ ବୋହୁ ବାଦ ବିବାଦ ଲାଗି ରହିଥିବାବେଳେ ପରିଚାଳନା କମିଟି ଗଠନ ହୋଇପାରୁ ନାହିଁ। ତେବେ ଆନନ୍ଦପୁରର ପୂର୍ବତନ ବିଧାୟକ ଭାଗୀରଥି ସେଠୀ ଏବଂ ବର୍ତ୍ତମାନର ବିଧାୟକ ଅଭିମନ୍ୟୁ ସେଠୀ ମଧ୍ୟ ସହଯୋଗ କରୁନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଣୀ ଗୌରୀ ରାଣୀ ନାଏକଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଦିନ ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟ ସଭା ଗୃହ ଠାରେ ପରିଚାଳନା କମିଟି ଗଠନ ନିମନ୍ତେ ପ୍ରଧାନ ଶିକ୍ଷକ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ, ପଂଚାୟତ ସରପଂଚ ପ୍ରଶାନ୍ତି ମାଝୀ, ସମିତି ସଭ୍ୟ ସଂନ୍ଧ୍ୟାରାଣି ବିଶ୍ୱାଳ, ଅଭିଭାବକଙ୍କ ସମେତ ଗ୍ରାମର ଶତାଧିକ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଆରମ୍ଭ ପୂର୍ବରୁ ବିଧାୟକ ପ୍ରତିନିଧି କିଏ ବୋଲି ଗ୍ରାମବାସୀ ଓ ଅଭିଭାବକ ପ୍ରଧାନ ଶିକ୍ଷକଙ୍କୁ ପ୍ରଶ୍ନ କରିବାରୁ ପ୍ରଧାନ ଶିକ୍ଷକ ଜଗବନ୍ଧୁ ସାହୁ ପ୍ରତିନିଧି କାହାକୁ ଦିଆଯାଇ ନଥିବା କହିଥିଲେ। ତେବେ ପ୍ରତିନିଧି କେହି ନଥିବାରୁ ସଭାସଂଗ କରି ସମସ୍ତେ ଅସନ୍ତୋଷ ପ୍ରକାଶ କରି ସଭା ଗୃହ ଛାଡ଼ି ଚାଲି ଯାଇଥିଲେ। ଏହି ଘଟଣା ବିଷୟରେ ପ୍ରଧାନ ଶିକ୍ଷକ ଜିଲ୍ଲା ଶିକ୍ଷାଧିକାରୀଣୀଙ୍କୁ ଜଣାଇବା ପରେ ଆନନ୍ଦପୁର ଉପ ଜିଲ୍ଲାପାଳ ଫାଲଗୁନି ମାଝୀଙ୍କୁ ଲିଖିତ ଜଣାଇବାକୁ ପରାମର୍ଶ ଦେଇଥିଲେ। ପରେ ପ୍ରଧାନ ଶିକ୍ଷକ ଲିଖିତ ଦେଇଥିବା ଜଣା ପଡ଼ିଛି। ଏହି ଘଟଣା ବିଷୟରେ ଉପ ଜିଲ୍ଲାପାଳ କହିଛନ୍ତି ମୁଁ ବିଧାୟକ ଅଭିମନ୍ୟୁ ସେଠୀଙ୍କ ସହିତ କଥା ହୋଇଥିଲି ସେ ଭୁବନେଶ୍ୱରରେ ଅଛନ୍ତି ଆସନ୍ତା କାଲି ପହଂଚି ପ୍ରତିନିଧି ଦେବେ ବୋଲି କହିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଣୀଙ୍କ ସହିତ ମଧ କଥା ହୋଇଛି। ଏବଂ କାଲି କମିଟି କରିବାକୁ ମଧ ପ୍ରଧାନ ଶିକ୍ଷକ ଜଗବନ୍ଧୁ ସାହୁଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ।

## ଥାନା ଅଧିକାରୀଙ୍କ ବିରୋଧରେ ଅଭିଯୋଗ କଲେ ଅସହାୟ ମହିଳା

କେନ୍ଦ୍ରାପଡ଼ା, ୧/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନା ଅନ୍ତର୍ଗତ ବଡପଡା ଗ୍ରାମର ଅସହାୟ ମହିଳା ସ୍ନେହଲତା ସାହୁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ଥାନା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତାଙ୍କ ଘର ଆଗରେ ଥିବା କୁକୁଡା ଫାର୍ମ ବନ୍ଦ କରି ଫାର୍ମ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ସ୍ନେହଲତା ସାହୁଙ୍କ ଘର ଆଗରେ ମହାପ୍ରସାଦ ସାହୁ ଏକ ବଡ କୁକୁଡା ଫାର୍ମ କରିଥିବାରୁ ଫାର୍ମ ଗନ୍ଧରେ ସେ ଘରେ ବସବାସ କରିପାରୁ ନାହାଁନ୍ତି। ତାଙ୍କ ପରିବାର ଲୋକେ ଅସହ୍ୟ ଗନ୍ଧର ଶିକାର ହୋଇ ଯନ୍ତଣା ଅନୁଭବ କରୁଛନ୍ତି। ଏ ବିଷୟରେ ସ୍ନେହଲତା ଫାର୍ମ ମାଲିକ ବିରୋଧରେ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ପାଖରେ ଅଭିଯୋଗ କରିବା ଦ୍ୱାରା ଫାର୍ମ ମାଲିକ ଉତ୍କ୍ଷିପ୍ତ ହୋଇ ସ୍ନେହଲତାଙ୍କୁ ନିସ୍ଠୁକ ମାଡ ମାରିବା ସହିତ ରକ୍ତାକ୍ତ କରି ଦେଇଥିଲେ। ତାଙ୍କୁ ଘରେ ପୁରାଇ ଦେଉନଥିବା ଏବଂ ଘରକୁ ଆସିଲେ ତାଙ୍କୁ ଜୀବନରୁ ମାରି ଦେବେ ବୋଲି ସ୍ନେହଲତା ଜିଲ୍ଲାପାଳଙ୍କ ଆଗରେ ପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଉକ୍ତ ମହିଳାଙ୍କ ଅଭିଯୋଗ ଶୁଣିବା ପରେ ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇଥିଲେ।

## ଅନ୍ନପୂର୍ଣ୍ଣା ମହାରଣାଙ୍କ ପୁଣ୍ୟ ତିଥିରେ ଆଲୋଚନା ସଭା

କେନ୍ଦ୍ରାପଡ଼ା, ୧/୧ (ନି.ପ୍ର): କେନ୍ଦ୍ରାପଡ଼ା ଆଦର୍ଶ ହୀନ ମଣିଷ ଦିଶା ହୀନ ଜାହାଜ ପରି। ମାତ୍ର ସେହି ଆଦର୍ଶ ଯଦି ଦେଶ ଭକ୍ତି ଓ ମାନବ ପ୍ରେମର ହୋଇଥାଏ, ତେବେ ତାହା ବ୍ୟକ୍ତି ଓ ସମାଜକୁ ଉଚ୍ଚ ସୋପାନକୁ ଘେନିଯାଇଥାଏ। ଗାନ୍ଧୀ-ବିନୋବାଙ୍କ ସେହିପରି ଏକ ମାନବବାଦୀ ଉଚ୍ଚ ଆଦର୍ଶରେ ଅନୁପ୍ରାଣିତ ହୋଇ କେବଳ ଅନ୍ନପୂର୍ଣ୍ଣା ନୁହନ୍ତି, ସମଗ୍ର ଚୌଧୁରୀ ପରିବାର ଏ ଦେଶ ପାଇଁ ଯେଉଁ ଅନନ୍ୟ ସେବା ଓ ତ୍ୟାଗ କରିଯାଇଛନ୍ତି, ସେଥିଲାଗି ଏ ଜାତି ସେମାନଙ୍କୁ କାଳ କାଳ ପାଇଁ ମନେ ରଖିବ ବୋଲି ଜିଲ୍ଲା ଉତ୍କଳ ସମ୍ମିଳନୀ ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ପବ୍ଲିକ ରିଡିଂ ରୁମ୍ ପରିସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଭୂଦାନ କର୍ମୀ ଅନ୍ନପୂର୍ଣ୍ଣା ମହାରଣାଙ୍କ ତ୍ରୟୋଦଶ ପୁଣ୍ୟତିଥି ଅବସରରେ ଆୟୋଜିତ 'ଆଦର୍ଶବାଦର ସମାଜ ଜୀବନରେ ପ୍ରଭାବ' ଶୀର୍ଷକ ଆଲୋଚନା ସଭାରେ ଯୋଗଦେଇ ଆଲୋଚକମାନେ ମତବ୍ୟକ୍ତ କରିଛନ୍ତି। ସଭାପତି ପ୍ରାଧାପକ ନନ୍ଦକିଶୋର ପରିଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ସଚିବ ଡଃ ବାସୁଦେବ ଦାସ, ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ଆଦିକନ୍ଦ ରାଉଳ, ଅଧ୍ୟାପକ ଅଜୟ ସାମଲ, ଗାନ୍ଧିକା ଅବନ୍ତୀ ବେହେରା, ରବୀନ୍ଦ୍ର ପ୍ରସାଦ ଜେନା, ଶୁଭାଂଶୁ କୁମାର ଦାସ, ଆଇନଜୀବୀ ରମଣୀ ରଂଜନ ରାଉତରାୟ, ଗୟାଧର ଧଳ, ମୁକ୍ତାର ଖାଁ, ମହେନ୍ଦ୍ର ପଟ୍ଟନାୟକ, ରଣଧୀର ଜେନା, ଅବଧୂତ ରାଉତ, ଶ୍ରୀଧର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ ପ୍ରମୁଖ ପ୍ରୟାତ ନେତ୍ରୀ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆଜି ସମାଜ ଜୀବନରେ ଦେଖାଦେଉଥିବା ଅବକ୍ଷୟ ପାଇଁ ଚିନ୍ତା ପ୍ରକଟ କରିଥିଲେ। ପ୍ରାରମ୍ଭରେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଉଦ୍ଦେଶ୍ୟରେ ଶୋକ ସଭା କରାଯାଇଥିଲା।

## ନଦୀରୁ ବ୍ୟବସାୟୀଙ୍କ ମୃତ ଦେହ ଉଦ୍ଧାର

ଚମ୍ପୁଆ, ୧/୧ (ନି.ପ୍ର): ଚମ୍ପୁଆ ଓ ଝାଡଖଣ୍ଡକୁ ସଂଯୋଗ କରୁଥିବା ବୈତରଣୀ ନଦୀ ପୋଲ ତଳେ ଆଜି ପାଣିରେ ଭାସୁଥିବା ଅବସ୍ଥାରେ ଜଣେ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର ହୋଇଛି । ବ୍ୟବସାୟୀ ଜଣଙ୍କ ହେଲେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ତିନଦେଶ ଗ୍ରାମର ବାସିନ୍ଦା ବସନ୍ତ ପାତ୍ର। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସେ ଆତ୍ମହତ୍ୟା କରିଛନ୍ତି ଅଥବା ତାଙ୍କୁ ହତ୍ୟା କରାଯାଇଛି ସେ ନେଇ ସାଧାରଣରେ ନାନା ପ୍ରକାର କଳ୍ପନା ଜଳ୍ପନା ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁସାରେ ମୃତ ବସନ୍ତ ପାତ୍ର ପ୍ରଥମେ କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଅଂଚଳରେ ରହି ବ୍ୟବସାୟ କରୁଥିବା ବେଳେ ପ୍ରାୟ ୧୦/୧୫ ବର୍ଷ ତଳେ ଚମ୍ପୁଆରେ ବ୍ୟବସାୟ ଆରମ୍ଭ କରି ନିଜକୁ ପ୍ରତିଷ୍ଠିତ କରି ପାରିଥିଲେ । ମାଆ ଏଜେନ୍ସି ନାମରେ ଚମ୍ପୁଆ ବ୍ଲକ୍ ନିକଟରେ ଥିବା ଭଡା ଘରେ ତାଙ୍କର ଏକ ହୋଲସେଲ୍ ଦୋକାନ ଥିବା ବେଳେ ସେ ଚମ୍ପୁଆ ଏବଂ ଆଖପାଖ ଅଂଚଳରେ ବ୍ୟବସାୟ କରି ଆସୁଥିଲେ। ଜଣେ ନମ୍ର ଓ ଭଦ୍ରବ୍ୟକ୍ତି ଭାବେ ବ୍ୟବସାୟୀ ମହଲ ଓ ସାଧାରଣରେ ପରିଚିତ ଥିଲେ। ତାଙ୍କର ମାଆ, ସ୍ତ୍ରୀ ଓ ପୁଅ ସ୍କୁଲ ଛୁଟି ଓ ନବବର୍ଷ ପାଇଁ ପୈତୃକ ଗ୍ରାମକୁ ଯାଇଥିବା ବେଳେ ସେ ଚମ୍ପୁଆ ସ୍ଥିତ ଭଡା ଘରେ ଏକୁଟିଆ ଥିଲେ । ଗତ ରାତି ସେ ସ୍ଥାନୀୟ ଏକ ହୋଟେଲ ରେ ରାତ୍ରୀ ଭୋଜନ କରିଥିଲେ । ଏହା ପରେ ରାତି ପ୍ରାୟ ଏଗାର ଟା ସମୟରେ ଚମ୍ପୁଆ ଓ ଝାଡଖଣ୍ଡ କୁ ସଂଯୋଗ କରୁଥିବା ବୈତରଣୀ ନଦୀ ପୋଲ ଉପରେ ଏକ ବ୍ୟାଟେରୀ ଚାଳିତ ସ୍କୁଟି ଟି ପଡିଥିବା ଦେଖି ସ୍ଥାନୀୟ ଲୋକେ ଜୟନ୍ତୀଗଡ ପୁଲିସ୍ ଫାଣ୍ଡି କୁ ଖବର ଦେଇଥିଲେ । ଫାଣ୍ଡି କର୍ମଚାରୀ ମାନେ ଆସି ସ୍କୁଟି ଟିକୁ ଜବତ କରି ଫାଣ୍ଡି କୁ ନେଇଆସିଥିଲେ । ତାଙ୍କୁ ରାତି ସାରା ଘର ଓ ପରିଜନ ମାନେ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ ମଧ ତାଙ୍କର ମୋବାଇଲ ଲାଗି ନ ଥିଲା । ଆଜି ସକାଳୁ ବୈତରଣୀ ପୋଲ ତଳେ ଭାସୁଥିବା ଅବସ୍ଥାରେ ତାଙ୍କର ମୃତଦେହ ଠାବ ହୋଇଥିଲା । ଏହି ଖବର ପ୍ରଚାରିତ ହେବା ପରେ ପୋଲ ଉପରେ ଭିଡ ଜମିଥିଲା । ଝାଡଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନାଧିକାରୀ ଘଟଣାସ୍ଥଳ ରେ ପହଂଚି ଚମ୍ପୁଆ ଅଗ୍ନିଶମ ବିଭାଗ ସହାୟତା ରେ ନଦୀ ରୁ ଉଦ୍ଧାର କରିଥିଲେ । ତାଙ୍କର ମୃତଦେହ କୁ ବ୍ୟବଚ୍ଛେଦ କରିବା ପାଇଁ ଚାଇଁବସା ଜିଲ୍ଲା ଚିକିତ୍ସାଳୟ କୁ ପଠାଇ ଘଟଣା ର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ବସନ୍ତ ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ ପ୍ରକାଶ ପାଉଥିବା ବେଳେ ମୃତ୍ୟୁ ର ଅନ୍ୟ କାରଣ ଥାଇପାରେ ବୋଲି ଚମ୍ପୁଆ ଅଂଚଳରେ ଚର୍ଚ୍ଚା ହେଉଛି ।

## ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଦ୍ୱାରା କୃଷି ବିହନ ପ୍ରଦାନ

ଜୟପୁର, ୧/୧ (ନି.ପ୍ର): ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଜୟପୁର ଦ୍ୱାରା ମୁଖ୍ୟମନ୍ତ୍ରୀ ଜନଜାତୀ ଜୀବିକା ମିଶନ ମାଧମରେ କୃଷି, ଉଦ୍ୟାନ କୃଷି ଭିତିକ ବିହନ ଜୈବି ସାର, ଓ କୀଟନାଷକ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ବ୍ଲକ ଅନ୍ତର୍ଗତ ବଡ ଜିଉନାର ପୁଷପୁରି ଠାରେ ଅନୁଷ୍ଠିତ ହୋଇଛି । ଏଠାରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇଥିବା ବେଳେ ଆଇଟିଡିଓ ଜୀବନ ଜୀବିକା ବିଏଲଇ ଅବୟନ୍ତି ସାହୁ, କୃଷି ବିଭାଗର ସୌମ୍ୟ ରଞ୍ଜନ ସାହୁ, ଓାର୍ଡ ମେମ୍ବର ପାବତି ହରିଜନ ଉପସ୍ଥିତ ଥିଲେ ।

## ଚାନ୍ଦଲି ପାହାଡର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର

ବଲାଙ୍ଗୀର, ୧/୧ (ନି.ପ୍ର): ଆମର ସାମାଜ ଓ ସଂସ୍କୃତି ଜଙ୍ଗଲ,ଜମି ଓ ଜଳ ଉପରେ ପର୍ଯ୍ୟବେଶିତ। ଜଙ୍ଗଲରୁ ନେଇ କି ନଦୀକୂଳରେ ମଣିଷ ସଭ୍ୟତାଗୁଡିକ ଗଢିଉଠିଛି। ଲୋକଙ୍କ ଜୀବନ ଜୀବିକା ମଧ ଏହି ଜଙ୍ଗଲ,ଜମି ଓ ଜଳ ଉପରେ ନିର୍ଭରଶୀଳ। କିନ୍ତୁ ଆଜି ବିକାଶନାମରେ ଚାଲିଥିବା କଂକ୍ରୀଟଜଙ୍ଗଲ ସୃଷ୍ଟି ପରିବେଶ ସହିତ ଆମର ସାମାଜିକ ବ୍ୟବସ୍ଥାକୁ ଧ୍ୱଂଶ କରିଦେଉଛି। ତେଣୁ ଜଙ୍ଗଲ,ପାହାଡ ଓ ନଦୀଗୁଡିକର ସୁରକ୍ଷା କରାଯାଇ ଏହି ସାମାଜିକ ସଂସ୍କୃତିକୁ ସୁରକ୍ଷିତ କରାଯାଉ ବୋଲି ଦେଓଗାଁବ୍ଲକ ଦେଷଣ୍ଡ ନିକଟସ୍ଥ ଚାନ୍ଦଲିପାହାଡ ମହୋତ୍ସବ ଅବସରରେ ଅନୁଷ୍ଠିତ "ଚାନ୍ଦଲି ପାହାଡର ଅତିତ, ବର୍ତମାନ ଓ ଭବିଷ୍ୟତ ଶୀର୍ଷକ" ଆଲୋଚନାଚକ୍ରରେ ଅଲୋଚକଗଣ ମତବ୍ୟକ୍ତ କରିଛନ୍ତି। ଚାନ୍ଦଲିପାହାଡ ମହୋତ୍ସବର ସଭାପତି ଲକ୍ଷ୍ମଣକୁମାର ମେହେରଙ୍କ ଅଧକ୍ଷତା ଓ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଆଲୋଚକ ଭାବରେ ଆଦିବାସୀ ସଂସ୍କୃତିଗବେଷକ ରାଜୀବ ସଗରିଆ, ଅଧ୍ୟାପକ ଡ.ସଂଜୟ କୁମାର ମିଶ୍ର, ଭୀମପାହାଡ ମହୋତ୍ସବ କମିଟିର ସଭାପତି ପ୍ରମୋଦକୁମାର ବହିଦାର ଯୋଗଦେଇଥିଲେ। ଆଲୋଚକ ରାଜୀବ ସଗରିଆ ତାଙ୍କ ବକ୍ତବ୍ୟରେ ପାହାଡମାନଙ୍କର ଚାନ୍ଦଲି ନାମକରଣ ଉପରେ ବକ୍ତବ୍ୟ ରଖିବା ସହିତ ପାହାଡ ଓ ଜଙ୍ଗଲ ହେଉଛି ଆମର ଆଦିସଂସ୍କୃତି ବୋଲି କହିଥିଲେ। ଏହାସହିତ ପୃଥିବୀର ଯେତେ ଉନ୍ନତ ସଭ୍ୟତା ରହିଛି ତାଠାରୁ ଆମ ଅଂଚଳର ପୁରାତନ ସଭ୍ୟତା ଖୁବ ଉନ୍ନତ ବୋଲି କହିଥିଲେ। ଆଦିମଣିଷ ଜଙ୍ଗଲରେ ବସବାସ କରି ପ୍ରକୃତିପୂଜା କରୁଥିଲା। ପ୍ରକୃତିରୁ ଖାଦ୍ୟସଂଗ୍ରହ କରି ବଂଚୁଥିଲା ଓ ସେଥିପାଇଁ ସେହି ପାହାଡ,ପର୍ବତକୁ ପୂଜା କରି ସୁରକ୍ଷା କରୁଥିଲା। ଆଜି ମଧ୍ୟ ପ୍ରକୃତି ଓ ପରିବେଶକୁ ସୁରକ୍ଷା କରିବାକୁ ହେଲେ ସେହି ପାହାଡ ଓ ଜଙ୍ଗଲକୁ ସୁରକ୍ଷା କରିବାକୁ ହେବ। ଚାନ୍ଦଲିପାହାଡ, ଭୀମପାହାଡର ସୁରକ୍ଷା ପାଇଁ ଯେଭଳି ଆଜି ଲୋକ ଅଂଟା ଭିଡିଛନ୍ତି ଠିକ ସେଭଳି ଅନ୍ୟ ପାହାଡଗୁଡିକୁ ମଧ ସୁରକ୍ଷା କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଡ.ସଂଜୟକୁମାର ମିଶ୍ର ଆଲୋଚନା କରି କହିଲେ ଯେ,ଆଜି ବିକାଶନାମରେ କେବଳ ପରିବେଶକୁ ବିନାଶ କରାଚାଲିଛି। ବିକାଶ ପ୍ରକଳ୍ପ କଥା କହି ପାହାଡମାନଙ୍କୁ ଫଟାଇ ଦିଆଯାଉଛି। ଜଙ୍ଗଲସଫା କରିଦିଆଯାଉଛି। ଯାହାକି ଆମର ଭବିଷ୍ୟତ ପିଢୀକୁ ବିପଦ ଆଡକୁ ଟାଣିନେଉଛି। ଆମର ମୂଳସଭ୍ୟତା ପାହାଡ,ଜଙ୍ଗଲ ଓ ନଦୀକୁ ନେଇ ହୋଇଛି। ତେଣୁ ଏହାର ସୁରକ୍ଷା ପାଇଁ ଆମେ ସମସ୍ତେ ଚିନ୍ତା କରିବାର ସମୟ ଆସିଛି ବୋଲି ଡ.ମିଶ୍ର କହିଥିଲେ। ପ୍ରମୋଦ ବହିଦାର ତାଙ୍କ ବକ୍ତବ୍ୟରେ ଦେଓଗାଁ ବ୍ଲକ ଅଞ୍ଚଳରେ ଆଜି ଭୀମଡୁଙ୍ଗୁରୀ ଓ ଚାନ୍ଦଲି ଭଳି ପର୍ବତକୁ ପର୍ଯ୍ୟଟନକ୍ଷେତ୍ର କରାଯାଇ ପାରିଛି। ଏହା ଫଳରେ ପାହାଡ ଓ ଜଙ୍ଗଲର ସୁରକ୍ଷା ସହିତ ଲୋକଙ୍କ ଜୀବନଜୀବିକା ମଧ ସୁରକ୍ଷିତ ହେଉଛି ବୋଲି କହିଥିଲେ । ଠିକ ସେହିପରି କମିଟିର ଅଧକ୍ଷ ଲକ୍ଷ୍ମଣକୁମାର ମେହେର ପ୍ରଥମରେ ଅତିଥି ପରିଚୟ ଦେବା ସହିତ ଚାନ୍ଦଲି ଓ ଭୀମପାହାଡ ପର୍ଯ୍ୟଟନକ୍ଷେତ୍ର ଦେଓଗାଁ ବ୍ଲକ ସମେତ ବଲାଙ୍ଗୀର ଜିଲ୍ଲାର ଗୌରବ ବଢାଇଛି । ଆଜି ଏହି ଅଂଚଳର ଲୋକ ମହୋତ୍ସବ ମାଧମରେ ଏକତ୍ରିତ ହୋଇଛନ୍ତି। ଚାନ୍ଦଲିପାହାଡ ର ବିକାଶ ପାଇଁ ପୂର୍ବସରକାର ପର୍ଯ୍ୟଟନବିଭାଗରୁ ୧କୋଟି ଟଙ୍କା,ଗ୍ରାମ୍ୟଉନ୍ନୟନ ବିଭାଗରୁ ୩କୋଟି ଟଙ୍କା ଓ ଅନ୍ୟାନ୍ୟ ଯୋଜନାରୁ ଦେଇଥିବା ଲକ୍ଷାଧିକ ଟଙ୍କା ରୁ ବିକାଶ କାମ ଚାଲିଛି । ଏବେ ସ୍ଥାନୀୟ ବିଧାୟକ କଳିକେଶନାରାୟଣ ସିଂଦେଓ ଚାନ୍ଦଲିର ବିକାଶ ପାଇଁ ୧୦କୋଟି ଟଙ୍କା ଓ ଭୁଲିଆକଟା(ମେହେରକଟା)ର ଉନ୍ନତିକରଣ ପାଇଁ ୫କୋଟି ଟଙ୍କାର ଅନୁଦାନ ଦେବାକୁ ରାଜ୍ୟସରକାରଙ୍କ ପାଖରେ ଦାବି କରିଛନ୍ତି। ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ତାଙ୍କ ବକ୍ତବ୍ୟରେ ଦେଓଗାଁ ବ୍ଲକବାସୀଙ୍କ ଉଦ୍ୟମ ଯୋଗୁଁ ଆଜି ଦୁଇଟି ପର୍ଯ୍ୟଟନସ୍ଥଳିର ବିକାଶ ହୋଇଛି ଓ ଏହା ଆଗାମୀ ଦିନରେ ଦେଓଗାଁ ଅଂଚଳର ପରିଚୟ ହେବା ସହ ଦେଶବିଦେଶରେ ନାମ କରିବ। ଲୋକଙ୍କ ଜୀବନଜୀବିକା ଓ ଅର୍ଥନୈତିକ ଉନ୍ନତି ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଶେଷରେ ଦେଷଣ୍ଡର ସରପଂଚ ଯଶୋଦା ମେହେର ସମସ୍ତଙ୍କ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି ଆଲୋଚନାଚକ୍ରରେ କେଭି କଲେଜ କଂଟାବାଞ୍ଜିର ଅଧ୍ୟାପକ ଡ.ସଂଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଓଡିଆବିଭାଗର ୧୫ଜଣ ଛାତ୍ରଛାତ୍ରୀ, ଦେଷଣ୍ଡ ଅଂଚଳର ଶତାଧିକ ପୁରୁଷ/ମହିଳା ଯୋଗଦେଇଥିଲେ।

## ଚିରାଫଟା ପାଲିଥିନ ତଳେ ବିତୁଛି ଗରୀବର ଜୀବନ: ଯେଉଁଠି ମାଟି ତଳେ ରତ୍ନର ଭଣ୍ଡାର ସେଠାରେ ମାଟି ଉପରେ ଆବାସ ଯୋଜନାର ବିକଳ ଚିତ୍ର

କେନ୍ଦୁଝର, ୧/୧ (ନି.ପ୍ର): ଭୂମିହିନଙ୍କୁ ଭୂମୀ , ବାସହୀନ ଙ୍କୁ ବାସ ଯୋଗାଇ ଦେବାକୁ ସରକାର କରିଛନ୍ତି ଯୋଜନା ଉପରେ ଯୋଜନା । ହେଲେ ଏସବୁ ଯୋଜନା ଆଜି କେନ୍ଦୁଝରଗଡ ପୌରାଂଚଳର ଶହ ଶହ ଅସହାୟ ନିରୀହ ଗରୀବ ଲୋକଙ୍କଠାରୁ କେବଳ ଯୋଜନ ଯୋଜନ ଦୂରରେ ନୁ ହେଁ ବରଂ ଅଧିକନ୍ତୁ ସେମାନଙ୍କୁ ଯେପରି କରୁଛି ଉପହାସ । ଯେଉଁଥିପାଇଁ ବାଧ ହୋଇ ସେମୋନେ ଆପଣାଇ ନେଇଛନ୍ତି ସେହି ଛିଣ୍ଡା ଦଦରା ପଲିଥିନ୍ ଜୀବନକୁ । ଏମାାନଙ୍କ ଦୁଖଃ ବୁଝିବାକୁ ସେମାନଙ୍କ ପାଖରେ ନା ଅଛନ୍ତି ବିଧାୟକ ନା ଅଛନ୍ତି ୱାର୍ଡ ମେମ୍ବର। ଭାରତ ସ୍ୱାଧୀନ ହେବାର ୭୬ ବର୍ଷ ବିତି ଗଲାଣି । ତାପରେ ମଧ ଏହି ରତ୍ନଗର୍ଭା କେନ୍ଦୁଝର ଜିଲ୍ଲାରେ ଶହ ଶହ ଲୋକଙ୍କ ମୁଣ୍ଡ ଉପରେ ଆଜି ବି ଛାତ ଖଣ୍ଡେ ନାହିଁ । ଯେଉଁଥି ପାଇଁ ସେମାନଙ୍କୁ ଆଜି ବି ବାଧ ହୋଇ ଚିରାଫଟା ପାଲିଥିନ ତଳେ ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଇବାକୁ ପଡୁଛି । ଏଠି ମାଟି ତଳେ ରତ୍ନ ର ଭଣ୍ଡାର କିନ୍ତୁ ମାଟି ଉପରେ ଆବାସ ଯୋଜନାର ବିକଳ ଚିତ୍ର। ଯାହା କୁ ଜିଲ୍ଲା ବିକାଶ ର ନିଛକ ପ୍ରତିଛବି ବୋଲି କୁହାଯାଇପାରେ । ଏହି ବାସ୍ତବ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝରଗଡ଼ ପୌରପାଳିକାର ୧ ନମ୍ବର ୱାର୍ଡ ର ସୁଲେଇଖମାର ସାହୀ ରେ । କେନ୍ଦୁଝରଗଡ଼ ପୌରପାଳିକା ଦାୟିତ୍ୱହୀନତା ପାଇଁ ବର୍ଷ ବର୍ଷ ଧରି ଯମ ଯନ୍ତଣା ଭୋଗିବାକୁ ବାଧ ହେଉଛନ୍ତି ଏହି ସୁଲେଇଖମାର ବାସୀ। ସୁଲେଇଖମାର ଗାଁ ର ବିଧବା ମହିଳା ରୁବି ମୁଣ୍ଡା , ସ୍ୱାମୀ ପରିତ୍ୟକ୍ତା ରଚ ନାଏକ , କାର୍ତୀକ ମୁଣ୍ଡା , ବୁଧ ଓ ତାଙ୍କ ସ୍ତ୍ରୀ ଗୋଲାପି ମୁଣ୍ଡା । ଏମାନଙ୍କ ଘର ଅଛି କିନ୍ତୁ କାନ୍ଥ କେବଳ ପଲିଥିନ ରେ ଘେରା ହୋଇଛି । ହେଲେ କବାଟ ବି ନାହିଁ । ସେଭଳି ଅନ୍ୟ ମାାନଙ୍କ ମଧରେ କାହାର ସଂପୂର୍ଣ୍ଣ ତିନି ପଟ ଖୋଲା ମେଲା ଗୋଟେ ପଟ କେବଳ ଟିଣ ରେ ଛେକା ହୋଇଛି । ଆଉ ପୁଣି କାହାର ଝାଟି ମାଟି ରେ ମାତ୍ର ୪ ଫୁଟ ଉଚ୍ଚତାର କାନ୍ଥ ଅଛି ଆଉ ଚାଳ ପର୍ଯ୍ୟନ୍ତ ପୁରା ଖୋଲା ମେଲା । ସେମାାନଙ୍କ ସମ୍ପର୍କରେ ଟିକେ ଚିନ୍ତା କଲେ ଦେଖି ଏ ପ୍ରଚଣ୍ଡ ହାଡ ଭଙ୍ଗା ଶୀତ କାକର , ସାଙ୍ଗକୁ ମଝିରେ ମଝିର ଲଘୁ ଚାପ ବର୍ଷା ରେ ଏମାନେ କେମିତି ରହୁଥିବେ ଏହି ତଥାକଥିତ ବାସଗୃହରେ ଅନ୍ୟ ପକ୍ଷରେ ଏହା ମଧ ହେଉଛି ଏକ ହାତୀ ପ୍ରବଣ ଅଂଚଳ । ହାତୀ ଆସିଲେ କିମ୍ବା ଅଧିକ ବର୍ଷା ହେଲେ ଅନ୍ୟଙ୍କ ପିଣ୍ଡା ରେ ଆଶ୍ରୟ ନେବାକୁ ବାଧ ହୋଇ ଥାଆନ୍ତି ଏମାନେ ଓ ସୁଲେଇଖମାର ସାହି ଲୋକ ଙ୍କର ଏପରି ଅତି ଦୟନିୟ ଓ ଦୁଃଖଦ ଜୀବନ ଶୈଳୀ କୁ ନେଇ ପୌରପାଳିକାର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ ଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସେ ଅଂଚଳକୁ ଯାଇ ସ୍ଥିତି ପରଖିବାକୁ ମଧ ଅନୁରୋଧ କରିବାରେ ସେ ଏହାକୁ ଅତି ହାଲୁକା ଭାବେ ନେବା ସହ ସରକାରୀ ଆଇନ କାନୁନ ର ଗଳାବାଟ ଦେଇ ଖସି ଯିବାକୁ ଚେଷ୍ଟା କରିଛନ୍ତି ଢ଼ ଏଠାରେ ପ୍ରକାଶ ଥାଉ କି ଯେ ବର୍ତମାନ ଏହି କେନ୍ଦୁଝରଗଡ ମ୍ୟୁନିସିପାଲିଟିର ଚେୟାରମ୍ୟାନ ଶାସକ ଦଳର ରହିଛନ୍ତି । ତଥାପି ମ୍ୟୁନିସପାଲଟି ର ଅଧିବାସୀ ଙ୍କ ଏହି ଅବସ୍ଥା ଢ଼ ଯେଉଁ ଶାସକ ଦଳ ନିଜ ଦଳର ଚେୟାରମ୍ୟାନ ଥିବା ମ୍ୟୁନିସପାଲଟି ଅଧିବାସୀଙ୍କର ସର୍ବନିମ୍ନ ମୌଳିକ ସମସ୍ୟାର ସମାଧାନ କରିବାରେ ଅସମର୍ଥ ତେବେ ଜିଲ୍ଲାର ବିକାଶ କଣ କେବଳ କଥାରେ ସମ୍ଭବ? ଏହା କଣ ବିଚାରର ବିଷୟ ନୁହେଁ କି?

## ଗୁରୁ ସତ୍ୟନାରାୟଣ ବହିଦାରଙ୍କର ୪୪ ତମ ପୁଣ୍ୟତିଥି ପାଳିତ

ସମ୍ବଲପୁର, ୧/୧ (ନି.ପ୍ର): ଆଜିର ଦିନ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାରକ ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କର ୪୪ତମ ପୁଣ୍ୟତିଥି । ଏହି ଅବସରରେ ପଶ୍ଚିମାଲ୍ ଏକତା ମଂଚ ସଦସ୍ୟଙ୍କ ପକ୍ଷରୁ ସମ୍ବଲପୁର ଗୁରୁଶ୍ରୀ ସତ୍ୟ ନାରାୟଣ ସମ୍ବଲପୁରୀ ଡେରା ରେ ଥିବା ଗୁରୁ ଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କର ପୁଣ୍ୟ ତିଥି ରେ ଓଡିଶା ସାଂସ୍କୃତିକ ସମାଜ, ହୀରାଖଣ୍ଡ ସାମୁଖ୍ୟ, ଭାରତୀ ସମାଜ, ସମ୍ବଲପୁରୀ ଧନୁଯାତ୍ରା କମିଟି ପକ୍ଷରୁ ମଧ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା । ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ମଧ ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କର ଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାର ସମ୍ବଲପୁରୀ ଭାଷାରେ ଅନେକ ରଚନା କରିବା ସହ ଭାଷା ସଂସ୍କୃତିର ପ୍ରଚାର ଦିଗରେ ୫୦ ବର୍ଷ ଧରି ସଂଘର୍ଷ କରି ବହୁ ସମ୍ବଲପୁରୀ କବି ଲେଖକ ଏବଂ କଳାକାର ସୃଷ୍ଟି କରି ପାରିଥିଲେ। ତାଙ୍କର ଜନ୍ମଦିନକୁ ସମ୍ବଲପୁରୀ ଦିନ ଭାବରେ ପାଳନ କରାଯାଇଥାଏ । ଆଜି ର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିବା ବ୍ୟକ୍ତି ବିଶେଷ ଙ୍କ ମଧରେ ସମ୍ବଲପୁର ଲୋକ ମହୋତ୍ସବର ମୁଖ୍ୟ ସଂଯୋଜକ ପ୍ରଫୁଲ୍ଲ ହୋତା, ଓଡିଶା ସାଂସ୍କୃତିକ ସମାଜ ର ସଭାପତି ଡ଼.ପରେଶ ଚନ୍ଦ୍ର ଦାନୀ, ସାଧାରଣ ସମ୍ପାଦକ ଦୀନବନ୍ଧୁ ପଣ୍ଡା, ସମ୍ବଲପୁରୀ ଧନୁଯାତ୍ରା ନିର୍ଦ୍ଦେଶକ ବାବଲୁ ବାଗ, କଂସ ମହାରାଜ ଫଣିନ୍ଦ୍ର ପଣ୍ଡା, ସମଲେଶ୍ୱରୀ ଟ୍ରଷ୍ଟ ବୋଡ୍ର୍ ସଭାପତି ସଞ୍ଜୟ ବାବୁ, ସମ୍ବଲପୁର ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଶଙ୍କର ବେହେରା, ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ର ରାଜେନ୍ଦ୍ର ପଣ୍ଡା, ସମ୍ବଲପୁର ଲେଖକ ପରିଷଦ ର ସଭାପତି ଦେବାର୍ଚ୍ଚନ ଠାକୁର, ଜିଲା ବର୍ଷିଆନ କ୍ରୀଡ଼ା ସଂଘର ସୁରେନ୍ଦ୍ର ନାୟକ, ଐତିହାସିକ ଦୀପକ କୁମାର ପଣ୍ଡା, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ର ପ୍ରଶାନ୍ତ କୁମାର ପାଟଯୋଶୀ, ଓଡ଼ିଶା ଯାଦବ ପରିବାର ସୁରେନ୍ଦ୍ର ବର୍ଗର୍ତି, ସିଦ୍ଧେଶ୍ୱରୀ ଧର୍ମ ସଂସଦର ଗୋପୀନାଥ ଷଡ଼ଙ୍ଗୀ, ପଶ୍ଚିମାଂଚଳ ଏକତା ମଂଚର ଉପଦେଷ୍ଟା ଡ଼.ପ୍ରମୋଦ ରଥ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସୀ ପ୍ରମୁଖ ରହିଥିଲେ ।

## ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସମ୍ବଲପୁର ଧନୁଯାତ୍ରା କମିଟିର ପ୍ରୟାସ

ସମ୍ବଲପୁର, ୧/୧ (ନି.ପ୍ର): ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସମ୍ବଲପୁର ଧନୁଯାତ୍ରା କମିଟିର ପ୍ରୟାସ ପାଇଁ କର୍ନେଲ ପ୍ରଭାତ ପଣ୍ଡା ସଦସ୍ୟଙ୍କୁ କଲେ ସମ୍ମାନିତ। କର୍ନେଲ ପ୍ରଭାତ ପଣ୍ଡାଙ୍କ ଦ୍ୱାରା ସମ୍ବଲପୁରୀ ଧନୁଯାତ୍ରା କମିଟି ସଦସ୍ୟଙ୍କୁ ଦେଲେ ସମ୍ବର୍ଦ୍ଧନା। ଗତବର୍ଷ ସମ୍ବଲପୁର ସହରରେ ଆୟୋଜିତ ହୋଇଥିବା ସମ୍ବଲପୁରୀ ଧନୁଯାତ୍ରା। ସମ୍ବଲପୁର ଧନୁଯାତ୍ରା କମିଟି ଟ୍ରଷ୍ଟ ଆନୁକୂଲ୍ୟରେ ରେ ଆରମ୍ଭ କରାଯାଇଥିବା ସମ୍ବଲପୁରୀ ଧନୁଯାତ୍ରା ଆୟୋଜନ ର ଏକମାତ୍ର ଲକ୍ଷ୍ୟ ସମ୍ବଲପୁରୀ ଭାଷା ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର। ଏହି ବର୍ଷ ଆସନ୍ତା ଜାନୁଆରୀ ୧୫ ତାରିଖରୁ ୧୯ ତାରିଖ ଯାଏ ଆୟୋଜିତ ହେବାକୁ ଥିବା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରାରମ୍ଭିକ ସ୍ତରରେ ଥିବା ଏହି ସମ୍ବଲପୁରୀ ଧନୁଯାତ୍ରା ପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ସେହି ଦୃଷ୍ଟିରୁ ଗତ ବର୍ଷ ମଧ ବିଶିଷ୍ଟ ସମାଜସେବୀ କର୍ନେଲ ପ୍ରଭାତ କୁମାର ପଣ୍ଡା ଧନୁଯାତ୍ରା କମିଟିକୁ ଆର୍ଥିକ ସହାୟତା କରିବା ସହ କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିହିଲେ। ଆଜି ଦଳାଇପଡ଼ା ସ୍ଥିତ ତାଙ୍କର ବାସଭବନ ରେ ଆୟୋଜିତ ଏକ ଉତ୍ସବରେ ସମ୍ବଲପୁରୀ ଧନୁଯାତ୍ରା କମିଟିର ସଦସ୍ୟମାନଙ୍କ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧରେ କମିଟିର ସଭାପତି ସଞ୍ଜୟ କୁମାର ବାବୁ, ସମ୍ପାଦକ ଗୁଣରଞ୍ଜନ ସାଲିମା, ନାଟ୍ୟକାର ନିର୍ଦ୍ଦେଶକ ବବଲୁ ବାଗ, କଂସ ଚରିତ୍ରରେ ଅଭିନୟ କରୁଥିବା ଫଣିନ୍ଦ୍ର ପଣ୍ଡା, ଉପଦେଷ୍ଟା ସୂର୍ଯ୍ୟ ପାଣିଗ୍ରାହୀ, ଶଙ୍କର ବେହେରା, ସାଂସ୍କୃତିକ ସମ୍ପାଦକ କୃଷ୍ଣ ଚନ୍ଦ୍ର ବାଗ, କୋଷାଧକ୍ଷ ନିଶିକାନ୍ତ ବିଶ୍ୱାଳ, ସୌରୀ ନାରାୟଣ ପାଣିଗ୍ରାହୀ, ଯୋଗେଶ ନନ୍ଦ, ଚୈତନ୍ୟ ନାୟକ, ଲଳିତ ମୋହନ ବେବର୍ତା ପ୍ରମୁଖଙ୍କୁ କର୍ନେଲ ପଣ୍ଡାଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରଯାଇଥିଲା ।

## ଚୋରି ଘଟଣାରେ ଦୁଇ ନାବାଳକ ସମେତ ତିନି ଗିରଫ

ଜୟପୁର, ୧/୧ (ନି.ପ୍ର): କୋରାପୁଟ ଟାଉନ ପୋଲିସ ପକ୍ଷରୁ ଦୋକାନ ଚୋରି ଘଟଣାରେ କୋରାପୁଟ ପୌର ପରିଷଦର ଜାନିଗୁଡ଼ା ଗ୍ରାମରୁ ଦୁଇ ନାବାଳକ ସମେତ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁସାରେ, ଗତ ୨୬ ତାରିଖ ଦିନ କୋରାପୁଟ ମେଡିକାଲ କଲେଜ ନିକଟ ଏକ ଗ୍ରୋସେରି ଦୋକାନରୁ ଚୋରି ହୋଇଥିବା ଦୋକାନ ମାଲିକ ଟି. ବଂଶୀ କ୍ରୀଷ୍ଣା ଅଭିଯୋଗ କରିଥିଲେ। ଦୋକାନରୁ ୯୨ ହଜାର ନଗଦ, ୮ ଗ୍ରାମର ସୁନା ଚେନ, ସିସିଟିଭି ଡିଭିଆର ଚୋରି ହୋଇଥିବା ଅଭିଯୋଗ କରିଥିଲେ। କୋରାପୁଟ ଟାଉନ ଥାନାର କେସ ନମ୍ବର ୩୪୦ରେ ଏଏସଆଇ ସୁବାସ ଚନ୍ଦ୍ର ଶିଶା ଘଟଣାର ତଦନ୍ତ କରି ସ୍ଥାନୀୟ ଜାନିଗୁଡାରୁ ତିନି ଜଣଙ୍କୁ ଗିରଫ କରିଥିଲେ ।

## ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍‌ର ନିର୍ବାଚନ ଶେଷ, ଦ୍ୱିତୀୟଥର ଅଧକ୍ଷ ପଦ ବଜାୟୀ ରଖିଲେ ଆଇନଜୀବି ଜ୍ଞାନ ରଞ୍ଜନ ମହାନ୍ତି

ମାଲକାନଗିରି, ୧/୧ (ନି.ପ୍ର): ଅଲ୍ ଓଡିଶା ଲୟର୍ଷ ଆସୋସିଏସନ୍ ରଦୁଇ ଦିନିଆ ୫୩ ତମ ବାର୍ଷିକ ସମ୍ମିଳନୀ ମାଲକାନଗିରି ରେ ଅନୁଷ୍ଠିତ ହୋଇଥିଲା ଏହି ସମ୍ମିଳନୀ ରେ ସୁପ୍ରିମକୋର୍ଟ ର ଅବସର ପ୍ରାପ୍ତ ଜଷ୍ଟିସ ଭି ଗୋପାଳ ଗୌଡା, ହାଇକୋର୍ଟ ଜଷ୍ଟିସ ଶିବ ଶଙ୍କର ମିଶ୍ର,ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ନ୍ୟାୟିକ ବ୍ୟବସ୍ଥା ରେ ଆଇନଜୀବୀ ଙ୍କ ସ୍ଥାନ ଗୁରୁତ୍ୱପୂର୍ଣ୍ଣ। ନ୍ୟାୟ ମାଗୁଥିବା ଓ ନ୍ୟାୟ ପ୍ରଦାନ କାରୀ ଙ୍କ ମଧ ରେ ସେମାନେ ସେତୁ ଭାବରେ କାର୍ଯ୍ୟ କରନ୍ତି। ତେଣୁ ଆଇନଜୀବୀ ଙ୍କ ଦକ୍ଷତା ଉପରେ ଆମର ନ୍ୟାୟ ପ୍ରଦାନ କାରୀ ବ୍ୟବସ୍ଥା ନିର୍ଭରଶୀଳ ବୋଲି ମୁଖ୍ୟଅତିଥି ମାନେ ପ୍ରକାଶ କରିଥିଲେ। ସମ୍ମିଳନୀ ଶେଷ ଦିନରେ ଅଲ୍ ଓଡିଶା ଲୟର୍ସ ଆସୋସିଏ ସେନ୍ ର ସାଂଗଠାନିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନ ସାମ୍ବିଧାନିକ ବିଧିବଦ୍ଧ ଭାବରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନ ରେ ପୁନର୍ବାର ଦ୍ୱିତୀୟ ଥର ପାଇଁ ଅଲ୍ ଓଡିଶା ଲୟର୍ଷ ଆସୋଷିଏସେନ୍ ଅଧକ୍ଷ ପଦରେ ଆଇନଜୀବୀ ଜ୍ଞାନ ରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ଭାବରେ ଆଇନଜୀବୀ ସଞ୍ଜୀବ ମହାନ୍ତି, ସଭାପତି ଭାବରେ ଆଇନଜୀବୀ ବିଭୁ ପ୍ରସାଦତ୍ରିପାଠୀ, ୱର୍କିଂ ସଭାପତି ଭାବରେ ଆଇନଜୀବୀ ମନୋରଞ୍ଜନ ମହାନ୍ତି, ଉପ ସଭାପତି ଭାବରେ ପ୍ରଦୀପ କୁମାର ବେହେରା ନିର୍ବାଚିତ ହୋଇଛନ୍ତି।

# ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ: ସବୁଜ ପତାକା ଦେଖାଇ ଶୁଭାରମ୍ଭ କଲେ ଜିଲ୍ଲାପାଳ



ବାରିପଦା, ୧/୧ (ନି.ପ୍ର): ଜାନୁୟାରୀ ୧ ରୁ ଜାନୁୟାରୀ ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ବୁଧବାର ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ, ଜିଲ୍ଲା ପୁଲିସ ପ୍ରଶାସନ ଓ ଜିଲ୍ଲାସଡକ ସୁରକ୍ଷା ସମିତିଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ଏହି ଉପଲକ୍ଷେ, ନବବର୍ଷର ପ୍ରଥମ ଦିନ ସକାଳେ କଲେକ୍ଟରେଟ୍‌ଠାରେ ସଡକ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ରଥକୁ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପଲ୍ଲୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବା ସହିତ ସପ୍ତାହ ବ୍ୟାପୀ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ମଧ ଶୁଭାରମ୍ଭ କରିଥିଲେ। ସମସ୍ତ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନ ମାନେ ପ୍ଲାକାର୍ଡ ସହିତ ସଚେନତା ଶୋଭାଯାତ୍ରାରେ ରଥ ସହିତ ସହର ପରିକ୍ରମା କରିଥିଲେ । ଏହି ଉପଲକ୍ଷେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଲିଫଂଲେଟ୍ ବଣ୍ଟନ କରାଯାଇ ଦୁଇ ଚକିଆ ଯାନ ଚଳାଇବା ସମୟରେ ହେଲମେଟ୍ ?ର ବ୍ୟବହାର, ଚାରି ଚକିଆ ଯାନରେ ସିଟ୍ ବେଲ୍ଟର ବ୍ୟବହାର, ନିଶାଶକ୍ତ ଅବସ୍ଥାରେ ଗାଡି ଚାଳନା ନ କରିବା ଏବଂ ଟ୍ରାଫିକ୍ ନିୟମ ମାନି ଗାଡି ଚଳାଇବା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଯମରାଜା-ଚିତ୍ରଗୁପ୍ତ ସମ୍ବାଦ। ସ୍ଥାନୀୟ କଳାକାର ମାନେ ଯମରାଜ ଏବଂ ଚିତ୍ରଗୁପ୍ତ ବେଶ ଧରି ପଥପ୍ରାନ୍ତ ସଚେତନତା ନାଟକ କରିବା ସହିତ ରାସ୍ତାରେ ଯେଉଁମାନେ ହେଲମେଟ ନ ପିନ୍ଧି ଗାଡି ଚଳାଉଥିଲେ ସେମାନଙ୍କୁ ସଚେତନ କରିବା ସହିତ ପୁଲିସ ସହାୟତାରେ ଦଣ୍ଡବିଧାନ ମଧ କରୁଥିଲେ। ଏଥିସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ବିନା ହେଲମେଟ ଗାଡି ଚାଳନା କରୁଥିବା ଚାଳକଙ୍କୁ ମାଗଣାରେ ହେଲମେଟ ମଧ ପ୍ରଦାନ କରାଯାଉଥିଲା। ଆଜିର ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ସହକାରୀ ପରିବହନ ଅଧିକାରୀ ସାଲକୋ ମୁର୍ମୁ , ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ନାୟକ, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ପୋଲିସ ପ୍ରଶାସନ ଓ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏହି ମାସ ପାଳନ ଅବସରରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଜିଲ୍ଲାର ବିଭିନ୍ନ ବ୍ଲକ ଓ ସବଡ଼ିଭିଜନରେ ସଚେତନତା ର୍ୟାଲି ଆୟୋଜନ କରାଯିବା ସହ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଜାତୀୟ ସଡକ ସୁରକ୍ଷା ସମ୍ବନ୍ଧୀୟ ୱାଲ ପେଣ୍ଟିଂ ପ୍ରତିଯୋଗିତା, ସଚେତନତା ଶୋଭାଯାତ୍ରା, ଡ୍ରାଇଭରମାନଙ୍କ ନିମନ୍ତେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଦି ଆୟୋଜନ କରାଯିବ। ଏହି ଅବସରରେ ଜିଲାର ବିଭିନ୍ନ ସ୍ଥାନରେ ସଡକ ସୁରକ୍ଷା ସଚେତନତା ସହିତ ଏନଫୋର୍ସମେଣ୍ଟ କାର୍ଯ୍ୟକ୍ରମ ମଧ ଜାରି ରହିବ। ଟ୍ରାଫିକ ନିୟମ ମାନି ଗାଡି ଚଳାଇ ଜିଲ୍ଲାରେ ଦୁର୍ଘଟଣାହାର ହ୍ରାସ କରିବାରେ ସହଯୋଗ ନିମନ୍ତେ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

# ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ




ବାସୁଦେବପୁର, ୧/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡ଼ା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା ଶିବିର ଆରୁହା ପଞ୍ଚାୟତର କାଶିଶ୍ୱର ସଂସ୍କୃତ ବିଦ୍ୟାପୀଠ ପରିସରରେ ଉଦଯାପିତ ହୋଇଯାଇଛି । ଏହି ସ୍ୱତନ୍ତ୍ର ଶିବିରରେ ଉଦଯାପନ ଦିବସରେ ମହାବିଦ୍ୟାଳୟ ର ବରିଷ୍ଠ ଓଡିଆ ବିଭାଗ ଅଧାପକ ବେଣୁଧର ପରିଡା ସଭାପତିତ୍ୱ କରିଥିଲେ । ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡ଼ା ମୁଖ୍ୟ ଅତିଥି ଓ ବିଶିଷ୍ଟ ପାଲା ଗାୟକ ସନାତନ ପୁରି ମୁଖ୍ୟ ବକ୍ତା ଭାବେ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷକ ପରମାନନ୍ଦ ଓଝା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପରିବେଶ ସଫେଇ କାର୍ଯ୍ୟକ୍ରମ ଓ ବୃକ୍ଷ ରୋପଣ କାର୍ଯ୍ୟ କରାଯାଇଥିଲା । ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କୁ ଯୋଗ ଓ ପ୍ରାଣାୟାମ ଶିକ୍ଷା ପ୍ରଦାନ କରାଯାଇଥିଲା । ଏହି ସ୍ୱତନ୍ତ୍ର ଶିବିର ଡିସେମ୍ବର ୨୫ ତାରିଖ ରୁ ଆରମ୍ଭ ହୋଇ ଥିଲା ଓ ଡିସେମ୍ବର ୩୧ , ୨୦୨୪ ରେ ଶେଷ ହୋଇ ଥିଲା । ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ କୃତିତ୍ୱ ଓ ଦକ୍ଷତା ପାଇଁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଏହି ସଭାରେ ମହାବିଦ୍ୟାଳୟର ବ୍ୟାକରଣ ବିଭାଗ ଅଧାପକ ତଥା ପ୍ରୋଗ୍ରାମ ଅଫିସର ବ୍ରଜ ମୋହନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଚିତ୍ତ ରଞ୍ଜନ ପଣ୍ଡା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପିକା କାନ୍ତା ରାଣୀ ଦାସ, ଅଧାପିକା ସସ୍ମିତା ଦାସ, ଅଧାପିକା ମଞ୍ଜୁଳା ପ୍ରଭା ପଣ୍ଡା, ଅଧାପିକା ସ୍ୱର୍ଣ୍ଣ ପ୍ରଭା ମହାପାତ୍ର, ଜଗବନ୍ଧୁ ପଣ୍ଡା, ଚନ୍ଦ୍ରକାନ୍ତ ବେହେରା, ଭଗବାନ ଲେଙ୍କା, ରମାକାନ୍ତ ଶଙ୍ଖୁଆ, ଗଜେନ୍ଦ୍ର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ବାପାନି ମହାନ୍ତି ଓ ନଳିନୀ ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ବିଶ୍ୱହିନ୍ଦୁ ପରିଷଦର ଧର୍ମରକ୍ଷା ନିଧି ସମର୍ପଣ ଅଭିଯାନ ଶୁଭାରମ୍ଭ

ଘଟଗାଁ, ୧/୧ (ନି.ପ୍ର): ବିଶ୍ୱହିନ୍ଦୁ ପରିଷଦ ର ଧର୍ମରକ୍ଷା ନିଧି ସମର୍ପଣ ଅଭିଯାନ ଶୁଭାରମ୍ଭ ହୋଇଯାଇଛି । ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଆନନ୍ଦପୁର ଜିଲ୍ଲା ର ଧର୍ମରକ୍ଷା ନିଧି ସମର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦର ଆନନ୍ଦପୁର ଜିଲ୍ଲା ସଭାପତି ଚିତରଞ୍ଜନ ଦାସଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସମର୍ପଣ ଉତ୍ସବ ରେ ଅତିଥି ଭାବେ କ୍ଷେତ୍ରୀୟ ସଂଗଠନ ସଂଯୋଜିକା ଝରଣା ଜେନା ପ୍ରାନ୍ତ କାର୍ଯ୍ୟ କାରିଣୀ ସଦସ୍ୟ ଗଣେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଧର୍ମରକ୍ଷା ନିଧି ସଂଗ୍ରହର ଶୁଭାରମ୍ଭ କରିଥିଲେ । ପ୍ରଥମେ ବିଶ୍ୱହିନ୍ଦୁ ପରିଷଦର ସଦସ୍ୟ ମାନେ ଧର୍ମରକ୍ଷା ନିଧି ସମର୍ପଣ ଉତ୍ସବ ରେ ଯୋଗଦେଇଥିଲେ । ଆସନ୍ତା ଏକ ମାସ ଯାଏ ଏହି ଧର୍ମରକ୍ଷା ନିଧି ସଂଗ୍ରହ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବ ବୋଲି ସୂଚନା ମିଳିଛି । ଏହି ଉତ୍ସବରେ ଅର୍ଜୁନ ଚରଣ ବେହେରା, ହଳଧର ସାହୁ, ଅକ୍ଷୟ କୁମାର ସାହୁ, ରବିନ୍ଦ୍ର ପ୍ରସାଦ ଚାନ୍ଦ, କାତିକଶ୍ୱର ଚକ୍ର , ସଂଜୟ କୁମାର ବେହେରା, ଭିମସେନ ବେହେରା ,ଦଶରଥ ସାହୁ, ନିରଞ୍ଜନ ସାହୁ, ଦୁର୍ଯ୍ୟୋଧନ ମହାନ୍ତ, ସଂନ୍ଧ୍ୟା ରାଣି ସା, ମୋନାଲିସା ଦାସ, ଦିବ୍ୟ ଦର୍ଶନୀ ଦାଶ, ଅନନ୍ତ କୁମାର ବାରିକ, ସୁରେନ୍ଦ୍ର କୁମାର ବେହେରା, ପ୍ରଶାନ୍ତ କୁମାର ସେନାପତି ,ଉମେଶ କୁମାର ଘଢ଼େଇ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଆସନ୍ତା ଏକ ମାସ ଯାଏ ଧର୍ମରକ୍ଷା ସମର୍ପଣ ନିଧି ସଂଗ୍ରହ ଅଭିଯାନ ହେବା ନେଇ ଜଣାପଡିଛି ।


Office of the Superintending Engineer,
Baisinga Canal Division, Laxmiposi, PIN-757107, Dist. - Mayurbhanj
Email ID: sebaisinga2022@gmail.com
***

TENDER CALL NOTICE NO.13/2024-25 OF SE, BCD, LAXMIPOSI

| | | |
|---|---|---|
| 1 | No. of Work | Total 19 nos. of work |
| 2 | Tender Amount | Ranging from Rs. 1,60,150.00 to Rs. 4,97,941.10 |
| 3 | E.M.D. | Ranging from Rs.1700.00 to Rs. 5000.00 |
| 4 | Period of Completion | 01(One) Month from the date of issue of work order. |
| 5 | Class of Contractor | "D" Class or "C" Class Contractor / Registered Agencies having expertise in Survey/ mechanical / Same nature of work / Equivalent/ Registered Electrical Contractor of HT/LT Class/ Registered Firm with MSME/ Contractor. |
| 6 | Date & Time of availability of bid document in the office of the undersigned | From 10.30 AM of 03.01.2025 to 5.00 PM of 13.01.2025 |
| 7 | Last date/time for receipt of bid in the office of the undersigned. | Upto 5.00 PM of 13.01.2025 |
| 8 | Date of opening of bid | 15.01.2025 at 11.30AM |
| 9 | Name & Address of the O.I. T. | Office Of the Superintending Engineer, Baisinga Canal Division, Laxmiposi, Mayurbhanj-757107 |

Superitending Engineer,
Baisinga Canal, Division,
Laxmiposi

OIPR: 32281/11/0010/2425


## ପାୱାର ଲିଙ୍କିଙ୍ଗରେ ଆନନ୍ଦପୁରକୁ ୧ ସ୍ୱର୍ଣ୍ଣ ୪ ରୌପ୍ୟ ପଦକ

ଘଟଗାଁ , ୧/୧ (ନି.ପ୍ର): ଆନନ୍ଦପୁର ଇଣ୍ଡୋର ଷ୍ଟାଡିୟମର ତାଲିମପ୍ରାପ୍ତ ପାଓର ଲିଙ୍କିଙ୍ଗ ୫ ଖେଳାଳୀ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିବା ଜଣାଯାଇଛି । ରାଉରକେଲାଠାରେ ଆୟୋଜିତ ରାଜ୍ୟସ୍ତରୀୟ ପାୱାର ଲିଫିଙ୍ଗରେ କେନ୍ଦୁଝର ଜିଲ୍ଲା ସମେତ ୧୧ଟି ଜିଲ୍ଲାର ଖେଳାଳୀ ମାନେ ଅଂଶଗ୍ରହଣ କରିଥିଲେ । ଆନନ୍ଦପୁର ଇଣ୍ଡୋର ଷ୍ଟାଡିୟମର କୋର୍ ରେଶନ କୁମାର ମୁଖୀଙ୍କ ତତ୍ତ୍ୱାବଧାନରେ ତାଲିମ ନେଉଥିବା ୧୪ ଜଣ ଖେଳାଳୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ବିଶ୍ୱଜିତ ସାମଲଙ୍କୁ ସର୍ଣ୍ଣ ପଦକ. ସୁରଜ କୁମାର ବିଶାଳ, ଆକାଶ କୁମାର ପାଲ, ଅନ୍ଦିତା ସିଂ. ପ୍ରଦ୍ୟୁମ୍ନ ଜେନ। ପାରଦର୍ଶୀତାପ୍ରଦର୍ଶନ କରାଇ ରୌପ୍ୟ ପଦକ ହାସଲ କରିଥିଲେ । ଏପରି କୃତିତ୍ୱ ପାଇଁ ଆନନ୍ଦପୁର କ୍ରୀଡା ପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

## ଜିଲ୍ଲା କାର୍ଯ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା, ୧/୧ (ନି.ପ୍ର): ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ସଂଘ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଇଂରାଜୀ ନବବର୍ଷ ୨୦୨୫ ଉପଲକ୍ଷେ ଜିଲ୍ଲାବାସୀ ତଥା ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ଜୀବନ ସୁଖମୟ ଓ ମଙ୍ଗଳଦାୟକ ହେଉ ଏହି କାମନାରେ ଶିବିର ଆୟୋଜନ କରାଯାଇଥିଲା। ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନ ଏହାକୁ ଉଦ୍‌ଘାଟନ କରିବା ସହ ଏଭଳି ମହତ୍‌କାର୍ଯ୍ୟ ପାଇଁ କର୍ମଚାରୀ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସଭାପତି, ସଂପାଦକ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ମୋଟ୍ ୫୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ ସଂଘର ସଭାପତି ଶୈଳେନ୍ଦ୍ର ନାରାୟଣ ପ୍ରଧାନ, ଉପସଭାପତି ଦୈତାରୀ ସାହୁ, ସଂପାଦକ ସୌଭାଗ୍ୟ ରଂଜନ ଦାସ, ସହକାରୀ ସଂପାଦକ ସୂର୍ଯ୍ୟନାରାୟଣ ବେହେରା, ଉମେଶ ଚନ୍ଦ୍ର ବେହେରା, ରାଜକିଶୋର ରାଉତ, ଦେବାଶିଷ ପଣ୍ଡା, ପ୍ରଦୀପ କୁମାର ଦାସ, ବିଭୁତି ଭୂଷଣ ପରିଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ନୂଆ ବର୍ଷରେ ୩ ଆଇପିଏସ୍‌ଙ୍କୁ ...

ଅଫିସର ଯତୀନ୍ଦ୍ର କୋୟଲ ଓ ପ୍ରତୀକ ମହାନ୍ତଙ୍କୁ ଏଡିଜି ପାହ୍ୟାକୁ ପଦୋନ୍ନତି ମିଳିଥିଲା। ସେହିପରି ୨୦୦୭ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅବିନାଶ କୁମାର, ସାର୍ଥକ ଷଡ଼ଙ୍ଗୀ ଓ ନିତି ଶେଖରଙ୍କୁ ଆଇଜି ପାହ୍ୟାକୁ ଏବଂ ୨୦୧୧ ବ୍ୟାଚ୍‌ର ଆଇପିଏସ୍ ଅଫିସର ପିନାକ ମିଶ୍ର, ବି. ଯୁଗୋଳ କିଶୋର କୁମାର ଓ ବି. ଗଙ୍ଗାଧରଙ୍କୁ ଡିଆଇଜି ପାହ୍ୟାକୁ ପଦୋନ୍ନତି ମିଳିଥିଲା।

## ତଥାଗତଙ୍କ ଲେଖାକୁ ...

ନବୀନ କହିଥିଲେ, ଭାଜପାର ନକାରାତ୍ମକ ପ୍ରଚାରକୁ କାଉଣ୍ଟର କରିପାରିଲୁ ନାହିଁ। ବାସ୍ତବରେ ଦେଖିବାକୁ ଗଲେ ଏହି ପରାଜୟ ପାଇଁ ପାଣ୍ଡିଆନ୍ ନୁହନ୍ତି କି ଭାଜପା ନୁହେଁ, ନିଜେ ନବୀନ ଦାୟୀ ବୋଲି ଶ୍ରୀ ସତପଥୀ ଲେଖିଛନ୍ତି। ସେ ଆହୁରି ଲେଖିଛନ୍ତି, ସାଧାରଣତଃ ପ୍ରଶାସନିକ ବ୍ୟବସ୍ଥାରେ ଜଣେ ଆଇଏଏସ୍ ଅଧିକାରୀ ସରକାରୀ ଚାକିରିରୁ ଅବସର ନେବା ପରେ ନିଜ ଜନ୍ମସ୍ଥାନକୁ ଫେରିବାର ଲକ୍ଷ୍ୟ କରାଯାଏ। କିନ୍ତୁ ପାଣ୍ଡିଆନ୍‌ଙ୍କୁ ଦଳର ମଙ୍ଗ ଧରାଇ ନବୀନ ନିଜେ ଓଡ଼ିଆ ଲୋକଙ୍କୁ ତାଚ୍ଛଲ୍ୟ କରିଥିଲେ। ନବୀନ ଭାବିଥିଲେ ଯେ ସେ ଛେଳି, ମେଣ୍ଢା, ବଳଦ, ବିଲୁଆ ଯାହାକୁ ନାହିଁ ତାକୁ ଛିଡ଼ା କରିଦେଲେ ସେ ଜିତିଯିବ। ଓଡ଼ିଶାକୁ ନିଜ ଜାଗିରି ବୋଲି ଧରି ନେଇଥିଲେ ବୋଲି ଶ୍ରୀ ସତପଥୀ ଲେଖିଥିଲେ। ଏଥିସହ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୫ ବର୍ଷ ଶାସନ ଅବସାନ ଓ ବିଜେଡିର ଆବିର୍ଭାବ ବିଷୟରେ ମଧ ଲେଖିଛନ୍ତି ତଥାଗତ।

## ଆଜି ଆସିବ ...

ଭୁବନେଶ୍ୱରର ଜନତା ମଇଦାନରେ 'ପ୍ରବାସୀ ଭାରତୀୟ ଦିବସ' ସମାରୋହ ପାଳିତ ହେବ। ଉକ୍ତ ସମୟରେ ପ୍ରବାସୀ ଭାରତୀୟଙ୍କ ଉଦ୍ଦେଶ୍ୟରେ ଏହାକୁ ପ୍ରଥମେ ବ୍ୟବହାର କରାଯିବ। ତାହା ପୂର୍ବରୁ ରାଜଧାନୀର ରାଜରାସ୍ତାରେ ଟ୍ରାଏଲ ରନ୍ କରିବ ଡବଲ ଡେକର୍ ବସ୍। ପରେ ସାଧାରଣ ଲୋକଙ୍କ ପାଇଁ ଏହା ବ୍ୟବହୃତ ହେବ। ପ୍ରଥମ ପର୍ଯ୍ୟାୟରୁ ରାଜ୍ୟକୁ ଦୁଇଟି ଡବଲ ଡେକର ବସ୍ ଆସୁଛି। ପରେ ଆଉ ଦୁଇଟି ବସ୍ ଆସିବ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଡବଲ ଡେକର ବସ୍ ଚାଲିବାକୁ ଥିବରୁ ଏହାକୁ ନେଇ ରାଜଧାନୀବାସିନ୍ଦାଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି। ମୁମ୍ବାଇର ଏକ ସଂସ୍ଥା ଏହି ବସ୍ ତିଆରି କରୁଛି। ପ୍ରଥମ ପର୍ଯ୍ୟାୟରେ ୨ଟି ବସ୍ ଆସୁଛି। ପରବର୍ତ୍ତୀ ସମୟରେ ଆଉ ୨ଟି ବସ୍ ଆସିବ ବୋଲି ଜଣାପଡ଼ିଛି। ଗେରୁଆ ରଙ୍ଗରେ ତିଆରି ହୋଇଥିବା ଏହି ବସ୍‌ରେ ରହିଛି ଓଡ଼ିଶା କଳା ଓ ସଂସ୍କୃତି ଛାପ। ବସ୍‌ରେ କୋଣାର୍କ ଚକ, ଧୌଳି ଶାନ୍ତିସ୍ତୁତ, ଗୋଟିପୁଅ ନୃତ୍ୟ ଓ ଅନ୍ୟାନ୍ୟ କଳାକୃତିର ଛାପ ରହିଛି। ସୂଚନାଯୋଗ୍ୟ, ଆସନ୍ତା ୮ରୁ ୧୦ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଭୁବନେଶ୍ୱରର ଜନତା ମଇଦାନରେ 'ପ୍ରବାସୀ ଭାରତୀୟ ଦିବସ' ସମାରୋହ ପାଳିତ ହେବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତ୍ରିନିଦାଦ ଓ ଟୋବାଗୋ ରାଷ୍ଟ୍ରପତି କ୍ରିଷ୍ଟାଇନ୍ କାର୍ଲ କାଙ୍ଗାଲୁଙ୍କ ସମେତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ପ୍ରମୁଖ ଯୋଗ ଦେବେ । ଏହି ସମାରୋହରେ ଦେଶବିଦେଶରୁ ପ୍ରାୟ ୭ହଜାର ଅତିଥି ଯୋଗଦେବେ ।

## ଭାରତ ଆସିବ...

ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ରାଣାକୁ ଭାରତ ପଠାଇବାକୁ ଆମେରିକାର ଏକ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆମେରିକୀୟ କୋର୍ଟଙ୍କ ନିର୍ଦ୍ଦେଶ ପରେ ରାଣାକୁ ଭାରତ ପ୍ରତ୍ୟର୍ପଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ପ୍ରକାଶ ଥାଉ, ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଡେଭିଡ କୋଲେମାନ ହେଡଲିକୁ ଆକ୍ରମଣ କରିବାରେ ସାହାଯ୍ୟ କରିଥିଲା ତହବୁର ରାଣା। ଆମେରିକା ଅଦାଲତରେ ଚାଲିଥିବା ୨୬/୧୧ ମୁମ୍ବାଇ ଆକ୍ରମଣ ମାମଲାରେ ଭାରତ ରାଣା ବିରୋଧରେ ଶକ୍ତିଶାଳୀ ପ୍ରମାଣ ଉପସ୍ଥାପନ କରିଥିଲା। ତେବେ ଏହି ମାମଲାରେ ଘଲ୍ଟଭ ଇସହ୍ୱ ଓୟରଙ୍କ (ସମାନ ଅପରାଧ ପାଇଁ ଦ୍ୱିତୀୟ ଥର ଦଣ୍ଡ ନିଷେଧ) ନିୟମ ଲାଗୁ ହେବ ନାହିଁ। ଆମେରିକୀୟ କୋର୍ଟ କହିଛନ୍ତି ଯେ ଭାରତରେ ରାଣାଙ୍କ ବିରୋଧରେ ଥିବା ଅଭିଯୋଗ ଭିନ୍ନ, ତେଣୁ ଏହି ନିୟମ ଲାଗୁ ହେବ ନାହିଁ। ଅନ୍ୟପଟେ ଏହି ପ୍ରତ୍ୟର୍ପଣ ପ୍ରକ୍ରିୟାକୁ ରୋକିବା ଆତଙ୍କବାଦୀ ରାଣା ଆମେରିକାର କୋର୍ଟରେ ଏକ ଆବେଦନ କରିଥିଲା। ଯାହାକୁ ଖାରଜ କରିଦେଇଛନ୍ତି କୋର୍ଟ।

## କ୍ରିୟାନୁଷ୍ଠାନ କମିଟିର ...

ନାୟକ, କମଲ ଚକ୍ରବର୍ତ୍ତୀଙ୍କ ସମେତ ନିରଞ୍ଜନ ରାଉତ, ଇଂ. ହୃଷିକେଶ ସାହୁ, ଭାରତୀ ପଣ୍ଡା, ସୀତାରାମ ପ୍ରଧାନ, ପଦ୍ମଲୋଚନ ଦତ୍ତ, ପ୍ରଭାକର ସାହୁ, ଡ. କେଶବ ଚରଣ ପଣ୍ଡା, ଅନିଲ କୁମାର ପଟ୍ଟନାୟକ, ଦୀନବନ୍ଧୁ ଲେଙ୍କା, ସରସ୍ୱତୀ ପଣ୍ଡା, ରମେଶ ଚନ୍ଦ୍ର ଜେନା, କଲ୍ୟାଣୀ ନନ୍ଦ, କୋଷାଧକ୍ଷ ଶ୍ୟାମସୁନ୍ଦର ଜେନା, ପ୍ରଫୁଲ୍ଲ କୁମାର ଦାସ, ଡ. କ୍ଷିତିଶ୍ୱର ଦାଶ, କେଶବ ଚନ୍ଦ୍ର ଆଚାର୍ଯ୍ୟ, ଅଗସ୍ତି ନାୟକ, ଯଶୋଦା ନନ୍ଦନ ଆଶ୍ ଓ ପ୍ରତିମା ପଣ୍ଡା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଡା. ଜେନାଙ୍କ ସ୍ମୃତିଚାରଣ ସହ କ୍ରିୟାନୁଷ୍ଠାନ କମିଟିର ପ୍ରସ୍ତାବିତ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଜନସଂପର୍କ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ସ୍ୱର୍ଗତ ଡା. ଜେନାଙ୍କ ନାତି ଆଶୀଷ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ରିୟାନୁଷ୍ଠାନ କମିଟିର ବହୁ ସଦସ୍ୟ ଓ ଡା. ଜେନାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ୧୫ ସୁଦ୍ଧା ସରିବ...

ହୋଇସାରିଲାଣି । ଏପର୍ଯ୍ୟନ୍ତ ଆଉ ପ୍ରାୟ ୫୦ଲକ୍ଷ ବ୍ୟକ୍ତିଙ୍କ ଇ-କେୱାଇସି ଯାଂଚ ବାକି ରହିଛି । ଭୂତ ରାସନକାର୍ଡଧାରୀଙ୍କୁ ଚିହ୍ନଟ କରିବା ଓ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ସହ ସାଧାରଣ ବଂଟନ ବ୍ୟବସ୍ଥାରେ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମକୁ ଅଧିକ ପାରଦର୍ଶୀ କରିବା ନିମନ୍ତେ ବିଜେପି ସରକାର ଏହି ପଦକ୍ଷେପ ନେଇଛନ୍ତି । ରାସନକାର୍ଡଧାରୀଙ୍କୁ ନିକଟସ୍ଥ ରାସନ୍ ଡିଲରଙ୍କ ପାଖକୁ ଯାଇ ଇ-ପିଓଏସ୍ ମେସିନ୍ ସହାୟତାରେ ନିଜର ଆଧାର ଲିଙ୍କ୍ ଓ କେୱାଇସି ଯାଂଚ ଶେଷ କରିବାକୁ ପରାମର୍ଶ ଦିଆଯାଇଛି । ନଚେତ୍ ସେମାନଙ୍କର କାର୍ଡ ଅକାମୀ ହୋଇଯିବ । ଏହି ଇ-କେୱାଇସି ଯାଂଚ ମାଧ୍ୟମରେ ଏବେସୁଦ୍ଧା ରାଜ୍ୟରୁ ପ୍ରାୟ ୪୦ଲକ୍ଷ ଭୂତ ହିତାଧିକାରୀ ଚିହ୍ନଟ ହୋଇସାରିଲେଣି । ପ୍ରତ୍ୟେକ ଜିଲ୍ଲାରେ ପ୍ରାୟ ୧ଲକ୍ଷରୁ ଦେଢ଼ ଲକ୍ଷ ଭୂତ ରାସନକାର୍ଡଧାରୀ ଚିହ୍ନଟ ହୋଇଛନ୍ତି । ସରକାରୀ କର୍ମଚାରୀମାନଙ୍କୁ ଇ-କେୱାଇସି ଯାଂଚରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୃଦ୍ଧବୃଦ୍ଧା ଅବା ଅସୁସ୍ଥ ହିତାଧିକାରୀ ଥିଲେ ସରକାରୀ କର୍ମଚାରୀମାନେ ତାଙ୍କ ନିକଟକୁ ଯାଇ ଏହି ଇ-କେୱାଇସି ପ୍ରକ୍ରିୟା ଶେଷ କରିବେ । ସେହିପରି ଦେଶ ଭିତରେ ଥିଲେ ସେମାନଙ୍କ ନିକଟକୁ ବି ଯିବା ପାଇଁ ସରକାର ଅଫିସରମାନଙ୍କୁ କୁହାଯାଇଛି । ନିକଟରେ ଗୋଆରୁ କିଛି ଶ୍ରମିକମାନେ ବିଭାଗକୁ ଫୋନ୍ କରିବା ପରେ ସେଠାରୁ ସରକାରୀ କର୍ମଚାରୀଙ୍କ ଏକ ଟିମ୍ ପଠାଯାଇଥିଲା । ଏହି ରାସନକାର୍ଡ ଇ-କେୱାଇସି ଯାଂଚ ନିମନ୍ତେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

## ବଡ଼ଦାଣ୍ଡରେ ଅସମ୍ଭାଳ ...

ଏଥିନିମନ୍ତେ ରାତି ଅଧରୁ ଧାଡ଼ିରେ ଛିଡ଼ା ହୋଇଥିଲେ ଭକ୍ତ। ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି, ଗତକାଲି ରାତି ସାଢ଼େ ୧୨ରେ ଶ୍ରୀମନ୍ଦିରରେ ଦ୍ୱାରଫିଟା ନୀତି ସଂପନ୍ନ ହୋଇ ଦର୍ଶନ ଆରମ୍ଭ ହୋଇଥିଲା। ସେପଟେ ଭିଡ଼କୁ ଦୃଷ୍ଟିରେ ରଖି ପୁରୀ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏହାସତ୍ତ୍ୱେ ଭିଡ଼ ଅସମ୍ଭାଳ ହେବାରୁ ଲୋକେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଭିଡ଼ ଦେଖି ପୁଲିସ୍ ପ୍ରାୟ ନିରୂପାୟ ହୋଇ ଯାଇଥିଲା। ଫଳରେ ଲୋକେ ମନ୍ଦିର ଭିତରକୁ ପ୍ରବେଶ କରି ଯାଇଥିଲେ। । ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏବେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଥିବା ଜଣାଯାଇଛି। ନୂଆବର୍ଷରେ ଅସମ୍ଭାଳ ଭିଡ଼କୁ ଲକ୍ଷ୍ୟ କରି ପୁରୀରେ ୬୦ ପ୍ଲାଟୁନ ଫୋର୍ସ ଓ ୩୫୦ ଅଧିକାରୀ ମୁତୟନ ହୋଇଛନ୍ତି । ଏହାସତ୍ତ୍ୱେ ଏପରି ସ୍ଥିତି ଉପୁଜିବାରୁ ପୁଲିସ୍ ମୁତୟନକୁ ଆହୁରି କଡ଼ାକଡ଼ି କରାଯାଇଛି।

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଘୋଷଣା...

ଡବଲ ଇଞ୍ଜିନ ସରକାରର ଲାଭ ପାଇବେ ରାଜ୍ୟବାସୀ । ଏନେଇ ବିଭାଗୀୟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ । କେନ୍ଦ୍ରୀୟ ଟିମ୍ ମଧ ଏନେଇ ଓଡ଼ିଶା ଆସି ଅନୁଧ୍ୟାନ କରି ସାରିଛି । ତେଣୁ ଫେବ୍ରୁଆରୀରୁ ଏହି ଫ୍ଲାଗସିପ୍ ଯୋଜନା ଲାଗୁ କରିବାକୁ ମୋହନ ସରକାର ପ୍ରସ୍ତୁତ ହେଉଥିବା ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ । ମନ୍ତ୍ରୀ କହିଛନ୍ତି ନୂଆ ବର୍ଷରୁ ଏହି ଯୋଜନା ସ୍ୱାସ୍ଥ୍ୟ କ୍ଷେତ୍ରରେ ବଡ଼ ବିକଳ୍ପ ଆଣିବ । ଆୟୁଷ୍ମାନ ଭାରତ ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ମିଶାଯିବ । ସେଥିପାଇଁ ନିୟମାବଳି ବି ଏକ ପ୍ରକାର ଚୂଡାନ୍ତ ପର୍ଯ୍ୟାୟରେ । ରାଜ୍ୟରେ ଏକ କୋଟି ପରିବାରର ସାଢେ ୩ କୋଟି ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ପ୍ରତ୍ୟେକ ହିତାଧିକାରୀଙ୍କୁ ମିଳିବ ଗୋଟିଏ କାର୍ଡ । ଆୟୁଷ୍ମାନ ଭାରତରୁ ଯେମିତି କେହି ବଞ୍ଚିତ ହେବେ ନାହିଁ ତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି ମନ୍ତ୍ରୀ ।

## ବିଜେପି ବିରୋଧରେ...

ଏକ ଚିଠି ଲେଖାଯାଇଛି ଓ ନୂଆ ବର୍ଷରେ ୫ଟି ସଂକଳ୍ପ ନେବାକୁ ପରାମର୍ଶ ଦିଆଯାଇଛି। ଗତ ଡିସେମ୍ବର ୩୦ ତାରିଖରେ କେଜ୍ରିୱାଲ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ ନିକଟକୁ ପଠାଇଥିବା ଚିଠିରେ ଲେଖିଛନ୍ତି, "ଗଣମାଧ୍ୟମରେ ଖବର ଆସୁଛି ଯେ ଦିଲ୍ଲୀ ନିର୍ବାଚନରେ ବିଜେପି ପାଇଁ ଭୋଟ୍ ମାଗିବ ଆରଏସଏସ। ଏହା କ'ଣ ଠିକ୍? ଏହା ପୂର୍ବରୁ ଲୋକେ ଆପଣଙ୍କଠାରୁ ଜାଣିବାକୁ ଚାହୁଁଛନ୍ତି ଯେ ଅତୀତରେ ବିଜେପି ଯେଉଁ ଭୁଲ୍ କାମ କରିଛି, ଆରଏସଏସ୍ କ'ଣ ସେଗୁଡ଼ିକୁ ସମର୍ଥନ କରୁଛି? ବିଜେପି ନେତାମାନେ ଖୋଲାଖୋଲି ଭାବେ ଟଙ୍କା ଦେଇ ଭୋଟ୍ କିଣୁଛନ୍ତି। ଆରଏସଏସ କ'ଣ ଏହାକୁ ସମର୍ଥନ କରୁଛି? ବ୍ୟାପକ ସଂଖ୍ୟକ ଗରିବ, ଦଳିତ, ପୂର୍ବାଞ୍ଚଳ ଲୋକ ଓ ବସ୍ତିବାସିନ୍ଦା ଯେପରି ଭୋଟ୍ ନଦେଇ ପାରିବେ, ସେ ନେଇ ପ୍ରୟାସ କରୁଛି ବିଜେପି। ସେମାନେ ବହୁ ବର୍ଷ ଧରି ଦିଲ୍ଲୀରେ ରହୁଥିଲେ ହେଁ ସେମାନଙ୍କ ଅଧିକାର ଛଡ଼ାଇ ନେବାକୁ ପ୍ରୟାସ କରାଯାଉଛି।

# ବେତନଟୀରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ




ବେତନଟୀ , ୧/୧ (ନି.ପ୍ର): ବେତନଟୀ ସହର ଉତ୍ସବ ମୁଖର ପ୍ରତେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ବେତନଟୀ ର ଅଗ୍ରଣୀ ସଂଗଠନ ୟଙ୍ଗ ମ୍ୟାନ ଆସୋସୀସନ ପାଳିଛି ବେତନଟୀ ଧମାକା ମହୋତ୍ସବ । ପ୍ରଥମ ରାତି ରେ ଏହି ଉତ୍ସବ କୁ ବେତନଟୀ ବ୍ଲକ ଚେୟାରମ୍ୟାନ ଶ୍ରୀମତି କୌଶଲ୍ୟା ମାଝୀ ଜିଲ୍ଲା ,ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ ,ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ସେମାନଙ୍କ ସହିତ ୟଙ୍ଗ ମ୍ୟାନ ଆସୋସିଏସନ ର ଚ଼ିୟାରମ୍ୟାନ ପ୍ରଦୀପ କୁମାର ସାମଲ, ଭାଇସ ଚେୟାରମ୍ୟାନ ପ୍ରମୋଦ କୁମାର ପାଢ଼ୀ, ସଭାପତି ରାଜେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ଉତ୍ସବ କୁ ଉଦଘାଟନ କରିଥିଲେ ପ୍ରଥମ ରାତ୍ରି ରେ କୁନି କୁନି ପିଲା ଙ୍କୁ ନେଇ ବେବି ଡଲ, ବେବି ପ୍ରିନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ସହିତ ପୁରୁଣା ବର୍ଷକୁ ବିଦାୟ ଦେଇ ନୂତନ ବର୍ଷକୁ ସ୍ୱାଗତ କରାଯାଇଥିଲା । ନୂତନ ବର୍ଷ ରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ବଦାନ୍ୟ ବ୍ୟକ୍ତିମାନେ ରକ୍ତଦାନ କରି ଏକ ମୋହତ କାର୍ଯ୍ୟ କରିଥିଲେ, ଏହି ରକ୍ତଦାନ ଶିବିର ରେ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଏହି ପ୍ରୋଗ୍ରାମ ଆହୁରି ୩ ଦିନ ଚାଲିବ ବଲି ଉପସଭାପତି ସୁଶାନ୍ତ କୁମାର ବଳା ପରିପ୍ରକାଶ କରିଛନ୍ତି ଏବଂ ବିଭିନ୍ନ ରାଜ୍ୟ ଏବଂ ଜିଲ୍ଲା ରୁ କୁନି କୁନି ପିଲା ମାନେ ଭାଗ ନେବେ ବଲି ପରି ପ୍ରକାଶ କରିଛନ୍ତି ।

# ‘ପୂଜା ପେଣ୍ଡାଲରେ ନାଚୁଥିବା ଝିଅ’ କବିତା ପୁସ୍ତକ ଉନ୍ମୋଚିତ




କେନ୍ଦ୍ରାପଡା , ୧/୧ (ନି.ପ୍ର): ଆଜି କେନ୍ଦ୍ରାପଡାର ସଞ୍ଜିବନୀ ବିଦ୍ୟା ମନ୍ଦିର ପରିସରରେ ରାଜନଗର ବନଫୁଲ ସାହିତ୍ୟ ସଂସଦ ଆନୁକୁଲ୍ୟରେ ବିଶିଷ୍ଟ ଜନବାଦୀ କବି ଡ. ସମୀର ରଂଜନଙ୍କ କବିତା ସଂକଳନ ‘ପୂଜା ପେଣ୍ଡାଲରେ ନାଚୁଥିବା ଝିଅ‘ ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମ ବିଶିଷ୍ଟ କବି ଓ ବନଫୁଲର ସଂଯୋଜକ ପ୍ରେମାନନ୍ଦ ଖଣ୍ଡୁଆଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା ବେଳେ ବନଫୁଲର ପ୍ରତିଷ୍ଠାତା ଅଧ୍ୟାପକ ରତ୍ନାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନୂଆବର୍ଷର ଏହି ଶୀତୁଆ ସନ୍ଧ୍ୟାରେ ପୁସ୍ତକ ଉନ୍ମୋଚନ ଉତ୍ସବର କବିତା ପାଠ କାର୍ଯ୍ୟକ୍ରମରେ କବୟିତ୍ରୀ ରଶ୍ମିତା ସେନାପତି ଏବଂ କବି ମନୋଜ ସତପଥୀ କବିତା ଗୁଡ଼ିକ ସଂଯୋଜନା କରିଥିଲେ । ମଞ୍ଚାସିନ ମୁଖ୍ୟ ଅତିଥୀଭାବେ ପ୍ରାକ୍ତନ ପ୍ରାଧାପକ ନନ୍ଦକିଶୋର ପରିଡା, ମୁଖ୍ୟବକ୍ତା ଡ. ଶ୍ରୀଧର ସାମଲ, ସମ୍ମାନିତ କବି ବୃନ୍ଦାବନ ଦାସ, ଶିକ୍ଷାବିତ ଭରତ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ । ପଲକ ପତ୍ରିକାର ସମ୍ପାଦକ କବି ଶଶିକାନ୍ତ ଦାସ, କବି ପ୍ରେମାନନ୍ଦ ଜେନା, କବୟିତ୍ରୀ ଚାରୁଲତା ଭୂୟାଁଙ୍କ ସମେତ କବୀ ସ୍ୱର୍ଣ୍ଣମୟୀ ଷଡଙ୍ଗୀ, କବି ଅଶୋକ କୁମାର ସାହୁ, କବି ସ୍ୱପ୍ନାସୁ ଦାସ, କବି ନାରାୟଣ ପତି, କବୟିତ୍ରୀ ଗୋଲାପ ରାଉତ, କବି ଶରତ ଚନ୍ଦ୍ର ରାଉତ, କବିୟିତ୍ରୀ କବିତା ମୁଦୁଲି, କବି ରଂଜନ ବାଇ, କବି ବାପି ମଲ୍ଲ, କବୟିତ୍ରୀ ଲିଜା ପଣ୍ଡା, ନିରୂପମା ଦାସ, କବି ରଞ୍ଜନ ବାଇ, କବି ଅଜୟ ପାତ୍ର, କବି ଭରତ ଚନ୍ଦ୍ର ଜେନା, କବି କୃଷ୍ଣଚନ୍ଦ୍ର ମହାପାତ୍ର, କବୀ ସୌଭାଗ୍ୟ ଦାସ, ଯୋଗଗୁରୁ ସଞ୍ଜୟ ମଥାନ, କବୀ ଡ. ନଳିନୀ ବେହେରା, କବୀ ଲିଜା ପଣ୍ଡା ପ୍ରମୁଖ ଶତାଧିକ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ କବି ଅଜୟ କୁମାର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ନୂତନ ବର୍ଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୧/୧ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ ବର୍ଷରେ ନୂଆଦିଲ୍ଲୀ ସ୍ଥିତ ହଜଖାସ୍ ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ନବବର୍ଷ-୨୦୨୫ର ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି ଯେ ଇଂରାଜୀ ନବବର୍ଷ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଦିନ ଆରମ୍ଭ କରିବା ମୋର ସୌଭାଗ୍ୟ । ଆମେ ସମସ୍ତେ ୨୦୨୫ରେ ପ୍ରବେଶ କରିଛେ । ଏହି ସମୟରେ ଆମେ ସମସ୍ତେ ଉଭୟ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକ ପରିଶ୍ରମ କରିବା । ସମାଜରେ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରାଥମିକତା ଦେବା ପାଇଁ ବଦ୍ଧପରିକର ହେବା । ଏହି ଅବସରରେ ଶ୍ରୀ ପ୍ରଧାନ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ପାଇଁ ଅଧିକ ପରିଶ୍ରମ କରିବା ପାଇଁ ସେ ଆହ୍ୱାନ କରିଛନ୍ତି । ଶ୍ରୀ ପ୍ରଧାନ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା’ସମଲେଇଙ୍କ ପାଖରେ ଦେଶବାସୀଙ୍କ ସୁଖ, ଉତ୍ତମ ସ୍ୱାସ୍ଥ୍ୟ ଓ ସମୃଦ୍ଧି କାମନା କରିଛନ୍ତି ।

# ନବବର୍ଷରେ ବାଘା ଯତୀନ ସ୍ମୃତି ପରିଷଦର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ



କାଳିପଦା, ୧/୧ (ନି.ପ୍ର): ପ୍ରାପ୍ତ ସୂଚନାନୁସାରେ ଟିଭି ଇଂରାଜୀ ନବ ବର୍ଷ ୨୦୨୫ର ଶୁଭାଗମନକୁ ସ୍ୱାଗତ ଜଣେଇ ଅନେକ ସ୍ଥାନରେ ଅନେକ ସାର୍ବଜନୀନ ତଥା ବ୍ୟକ୍ତିଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ସମୟରେ ବାଲେଶ୍ୱର ଜିଲ୍ଲା ବାଲିଆପାଳର ‘ବାଘା ଯତୀନ ସ୍ମୃତି ପରିଷଦ‘ ଏକ ସମାଜୋପଯୋଗୀ କାର୍ଯ୍ୟକ୍ରମରେ ନିଜକୁ ଉତ୍ସର୍ଗ କରିଛି । ୨୦୨୫ ସମାଜ ପାଇଁ ମଙ୍ଗଳମୟ ଓ ସ୍ୱାସ୍ଥ୍ୟପ୍ରଦ ହେଉ ଏହି ଉଦ୍ଦେଶ୍ୟ ନେଇ ପରିଷଦ ଦ୍ୱାରା ବୃହତ୍ତର ସଫେଇ ଅଭିଯାନ ଆରମ୍ଭ କରାଯାଇଛି । ‘ଗାଁ ପରିମଳ ଧୋବା ତୁଠରୁ‘ ଭଳି ‘ସ୍ୱାସ୍ଥ୍ୟ ପାଇଁ ଡାକ୍ତରଖାନା ଓ ଡାକ୍ତରଖାନା ପାଇଁ ସ୍ୱଚ୍ଛ ପରିବେଶ‘ ନୀତିରେ ପ୍ରଥମ ଦିନ ଡାକ୍ତରଖାନା ମାନଙ୍କର ପରିସର ସଫେଇ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି । ନବ ବର୍ଷର ପ୍ରଥମ ଦିନ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାଘା ଯତୀନ ସ୍ମୃତି ପରିଷଦର କର୍ମକର୍ତ୍ତାଗଣ ବଡ଼ାସ୍ ଗ୍ରାମର ବଟେଶ୍ୱର ମହାଦେବଙ୍କ ଦର୍ଶନ କରି ପ୍ରଥମେ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଘଣ୍ଟୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସଫେଇ କାର୍ଯ୍ୟ କରିଥିଲେ । ପରିଷଦର ସଭାପତି ଅରବିନ୍ଦ ବେହେରାଙ୍କ ସମେତ ଅନ୍ୟ ସଭ୍ୟ ମନୋରଞ୍ଜନ ବେହେରା, ମନ୍ମଥ ପାତ୍ର, ସୁଦାମ ଚରଣ ଦାସ, ସାଧବ ବେହେରା, ଜୟନ୍ତ ଜେନା, ସୁବାସ ସି, ସରୋଜ କର, ମନ୍ମଥ ଦାସ, ରବୀନ୍ଦ୍ର କର, ଗଙ୍ଗାଧର ମହାନ୍ତି, ମନ୍ମଥ ନାୟକ, ବସନ୍ତ ବାରିକ ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରିଥିଲେ । ଏମାନଙ୍କ ସହ ପ୍ରତାପ ପୁରରେ ନୀକଟସ୍ଥ ଜଗଦୀଶ କର, ଲମ୍ବୋଦର ଦାସ, ବିକ୍ରମ ବେହେରା ଓ ଜନ୍ମେଜୟ ରାଉତ ସମେତ ଡାକ୍ତରଖାନାର କର୍ମଚାରୀମାନେ ସହଯୋଗ କରିଥିବା ସ୍ଥଳେ ଘଣ୍ଟୁଆରେ ସ୍ଥାନୀୟ ସରପଞ୍ଚ ସୁଶୀଲ କୁମାର ପ୍ରଧାନ ସହ ସ୍ୱାସ୍ଥ୍ୟ କେନ୍ଦ୍ରର ରତୀନ୍ଦ୍ର ପରିଡ଼ା ଓ କର୍ମଚାରୀଗଣ ସହଯୋଗ କରିଥିଲେ । ନବ ବର୍ଷର ପ୍ରଥମ ଦିନରେ ସମସ୍ତେ ମଉଜ ମଜଲିସରେ ବୁଡ଼ି ରହିଥିବା ସମୟରେ ବାଘା ଯତୀନ ସ୍ମୃତି ପରିଷଦର ସମାଜ ହିତକାରୀ ଏହି ପଦକ୍ଷେପକୁ ସମସ୍ତେ ଭୂୟସୀ ପ୍ରଶଂସା କରିଛନ୍ତି ।

# ପୋଖରୀରୁ ମୃତଦେହ ଉଦ୍ଧାର: ହତ୍ୟା ଅଭିଯୋଗ

କେନ୍ଦ୍ରାପଡ଼ା, ୧/୧ (ନି.ପ୍ର): କେନ୍ଦ୍ରାପଡା ସଦରଥାନା ଅଧିନ ବିରସ୍ୱତୀ ଗ୍ରାମ ପାଟ ମଝିରେ ଥିବା ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ବୁଧବାର ସକାଳୁ ସ୍ଥାନୀୟ ଲୋକେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ । ମୃତ ବ୍ୟକ୍ତିଙ୍କ ନାମ କାହ୍ନୁ ଚରଣ ନାଥ (୫୨) । ସେ ବିରସତୀ ଗ୍ରାମର ବାସିନ୍ଦା । ଗତ ମଙ୍ଗଳବାର ରାତି ୧୨ଟାରେ କାହ୍ନୁଙ୍କର କିଛି ବନ୍ଧୁ ଭୋଜି କରିବା ପାଇଁ ତାଙ୍କୁ ଘରୁ ଡାକି ନେଇଥିଲେ । ଆଜି ସକାଳୁ ତାଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା । ତେବେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରି ତାଙ୍କ ପୁତୁରା ସଦରଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି ।

# ହଂସକରା ମୁହାଣରେ ସାହିତ୍ୟିକ – ସାମ୍ବାଦିକଙ୍କ ସାରସ୍ୱତ ବନ୍ଧୁ ମିଳନ



ବାଲିଆପାଳ , ୧/୧ (ନି.ପ୍ର): ବାଲିଆପାଳ ବ୍ଲକ ଜମ୍ପୀରାଇ ପଞ୍ଚାୟତ ଚାଉଳତି ନିକଟ ହଂସ କରା ମୁହାଁଣ ସମୁଦ୍ର ବେଳାଭୂମିରେ ସାହିତ୍ୟ ଅନୁଷ୍ଠାନ ସୃଜନିକା, ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ଓ ସୁବର୍ଣ୍ଣ ରେଖା ପ୍ରେସ କ୍ଲବ ପକ୍ଷରୁ ସାହିତ୍ୟିକ - ସାମ୍ବାଦିକଙ୍କ ସାରସ୍ୱତ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବତନ ଡି ଆଇ ସୁବାସ ଚନ୍ଦ୍ର ଚୌଧୁରୀ ଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ଆବାହକ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି ସ୍ୱାଗତ ଭାଷଣ, ସାମ୍ବାଦିକା ପ୍ରତିମା ଜେନା ବିବରଣୀ ପାଠ କରିଥିଲେ । ଅତିଥି ଭାବରେ ଶିକ୍ଷାବିତ ମନ୍ମଥ କୁମାର ସାହୁ, ସ୍ୱେଚ୍ଛାସେବୀ ସଂଗଠନ ରାହା ସମ୍ପାଦିକା ଆରତୀ ପାତ୍ର, ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ସଭାପତି ସତ୍ୟକାମ ମହାନ୍ତି, ସମାଜସେବୀ ଗୋପି କୃଷ୍ଣ ମହାନ୍ତି, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ବସ୍ତା କଳା ସାହିତ୍ୟ ସଂସ୍କୃତି ପରିଷଦ ସମ୍ପାଦକ ବିଜୟ କୁମାର ପରିଡା ପ୍ରମୁଖ ଯୋଗ ଦେଇ ନବ ବର୍ଷକୁ ସ୍ୱାଗତ କରିଥିଲେ । ଏହି ଅବସରରେ କବୟିତ୍ରୀ ମାହେଶ୍ୱରୀ ଗିରି, କବିତା ପ୍ରଧାନ, ବସୁମତୀ ପରିଡା,ଯବନ କବି ସେକ ନିମାଜୀ, ଭୀଷ୍ମ ଚରଣ ମଲ୍ଲିକ, ସଞ୍ଜୟ କୁମାର ଗିରି, ଜ୍ୟୋତି ରଞ୍ଜନ ପଟ୍ଟାୟତ, ରିଙ୍କୁ ରଞ୍ଜନ କର, ସାମ୍ବାଦିକ କୃପାସିନ୍ଧୁ ପଣ୍ଡା, ଦିଲ୍ଲିପ କୁମାର ଦାସ ପ୍ରମୁଖ ନବ ବର୍ଷ କବିତା ପାଠ କରିଥିଲେ । ଅଭିଜିତ ଜେନା, ଅଭିମନ୍ୟୁ ଜେନା, କାହ୍ନୁ ଚରଣ ପ୍ରଧାନ, ଟିକନ କୁମାର ପ୍ରଧାନ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ଶିକ୍ଷକ ରାମଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ଇସ୍ପାତ କାରଖାନାର ବରିଷ୍ଠ ଅଧିକାରୀଙ୍କୁ ‘ସେଲ୍ ସାବାସ’ ପୁରସ୍କାର ପ୍ରଦାନ



ରାଉରକେଲା, ୧/୧ (ନି.ପ୍ର): ସେଲ ଆରଏସପିର ‘ମନ୍ଥନ’ ସମ୍ମିଳନୀ ହଲରେ ଡିସେମ୍ବର ୩୦ ତାରିଖ ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତତ୍କାଳୀନ ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ଆରଏସପିର ପାଞ୍ଚଜଣ ବରିଷ୍ଠ ଅଧିକାରୀଙ୍କୁ ନିଜ ନିଜ ବିଭାଗରେ ପ୍ରଶଂସନୀୟ କାର୍ଯ୍ୟ ପାଇଁ ‘ସେଲ ସାବାସ ଯୋଜନା’ ଅଧୀନରେ ପୁରସ୍କାର ପ୍ରଦାନ କରିଥିଲେ । ଏହି ପୁରସ୍କାର ମଧ୍ୟରେ ୧୦ ହଜାର ଟଙ୍କାର ଗିଫ୍ଟ ଭାଉଚର୍ ସହିତ ଏକ ସାର୍ଟିଫିକେଟ୍ ଥିଲା । ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଅଭୟ କୁମାର ବେହୁରିଆ, ଅପରେସନ୍ସ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ବିଶ୍ୱରଂଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ମୁନ୍ନା ପ୍ରସାଦ ସିଂ ଏବଂ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୁଦୀପ ପାଲ ଚୌଧୁରୀ ଉପସ୍ଥିତ ଥିଲେ । ପୁରସ୍କାର ପ୍ରାପ୍ତ ଅଧିକାରୀମାନେ ହେଉଛନ୍ତି ଏମ ଏମ ସଟ୍ରୋରସ ବିଭାଗର ଜି ଏମ ଇନ ଚାର୍ଜ ଶ୍ରୀ ଏନ ଆର ରାୟ ଚୌଧୁରୀ, ଡିଜାଇନ ମେକାନିକାଲ ସପ ଏଣ୍ଡ ଫାଉଣ୍ଡ୍ରି ବିଭାଗର ଜି ଏମ ଇନ ଚାର୍ଜ, ଶ୍ରୀ ଶେଖର ନାରାୟଣ, ପ୍ରୋଜେକ୍ଟ ବିଭାଗର ଜି ଏମ , ଶ୍ରୀ କେ କେ ପାତ୍ର, ବିଏଫ ବିଭାଗର ଜି ଏମ ଶ୍ରୀ ଏସ୍ କେ ଦାଶ, ଏବଂ ବିଆଇଏମର ଡିଜିଏମ ଶ୍ରୀ ଉତ୍କର୍ଷ ଗୌରବ । ଶ୍ରୀ ଭୌମିକ ନିଜର ଅଭିଭାଷଣରେ ପୁରସ୍କାର ବିଜେତାମାନଙ୍କୁ ପ୍ରଶଂସା କରିବା ସହିତ ଏଭଳି ଉତ୍ସର୍ଗୀକୃତ ଉତ୍ତମ କାର୍ଯ୍ୟଧାରା ଆଗକୁ ଜାରି ରଖିବାକୁ ସେମାନଙ୍କୁ ଉତ୍ସାହିତ କରିଥିଲେ । ସେ ଅଖଣ୍ଡତା, ଦଳଗତ କାର୍ଯ୍ୟ ଓ ପରିବର୍ତ୍ତନ ଆଣିବା ପାଇଁ ଦକ୍ଷତା ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ସଂଗଠନକୁ ସ୍ଥାୟୀ ଗଢିପାରିବ । ଏହି କାର୍ଯ୍ୟକ୍ରମ କୁ ଏଚ ଆର –ଓ ଡି ବିଭାଗ ର ଜି ଏମ ଶ୍ରୀ ସୋମଜିତ୍ ବଡପଣ୍ଡା ସଂଯୋଜନା କରିଥିଲେ ।

# ଆସନ୍ତା ୧୬ ତାରିଖରେ ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କ ଦେଶବ୍ୟାପୀ ଆନ୍ଦୋଳନକୁ ସଫଳ କରିବାକୁ ବୈଠକ




ବାଲେଶ୍ୱର, ୧/୧ (ନି.ପ୍ର): କେନ୍ଦ୍ରସରକାରଙ୍କ ଦ୍ୱାରା ପରିଚାଳିତ ଇପିଏଫ୍ (କର୍ମଚାରୀ ଭବିଷ୍ୟନିଧି ସଂସ୍ଥା)ର ଉପଭୋକ୍ତା ତଥା ଶ୍ରମିକମାନଙ୍କ ପ୍ରତି ଅବିଚାର ବିରୁଦ୍ଧରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇଟିୟୁସି ନେତୃତ୍ୱରେ ଦେଶବ୍ୟାପୀ ଚଳିତମାସ ୧୬ ତାରିଖ ଦିନ ଶ୍ରମିକ କର୍ମଚାରୀମାନେ ଇପିଏଫ୍ ସଂସ୍ଥାର ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ । ବାଲେଶ୍ୱର, ମୟୁରଭଂଜ ଓ ଭଦ୍ରକ ଜିଲ୍ଲାରେ ଇପିଏଫ୍ ସଂସ୍ଥାରୁ ପେନ୍‌ସନ୍ ପାଉଥିବା ଉଠାଜଳସେଚନ ନିଗମର ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ଓ କାର୍ଯ୍ୟରତ କର୍ମଚାରୀମାନେ ଆସନ୍ତା ୧୬ ତାରିଖ, ଗୁରୁବାର ଦିନ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଇପିଏଫ୍ କାର୍ଯ୍ୟାଳୟ ସମ୍ମୁଖରେ ପ୍ରସ୍ତାବିତ ବିକ୍ଷୋଭରେ ଯୋଗଦେବାକୁ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି । ବିଭିନ୍ନ ସରକାରୀ ଉଦ୍ୟୋଗ ଓ ଘରୋଇ ଶିଳ୍ପ ତଥା ବ୍ୟବସାୟ ସଂସ୍ଥାର ଶ୍ରମିକମାନେ ଏହି ବିକ୍ଷୋଭ ସମାବେଶରେ ଯୋଗଦେବାକୁ ବୈଠକରେ ଆହ୍ୱାନ ଦିଆଯାଇଛି । ଗୁରୁବାରଦିନ ଅପରାହ୍ଣରେ ପଡୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଆୟୋଜିତ ବୈଠକରେ ଉଠାଜଳସେଚନ ନିଗମ କର୍ମଚାରୀ ସଂଘର ସଭାପତି ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତାକରିଥିଲେ । ସାଧାରଣ ସଂପାଦକ ଶ୍ୟାମସୁନ୍ଦର ଜେନା ଇପିଏଫ୍‌ରୁ ମାସିକ ପେନସନ୍ ୯ ହଜାର ଟଙ୍କା ସହ ମହଙ୍ଗାଭତ୍ତା, ମାନ୍ୟବର ସୁପ୍ରିମ କୋର୍ଟଙ୍କ ଆଦେଶ ଅନୁଯାୟୀ ଅଧିକ ବେତନ ପାଇଥିବା କର୍ମଚାରୀମାନଙ୍କୁ ଆନୁପାତିକ ହାରରେ ବର୍ଦ୍ଧିତ ପେନସନ୍ ପ୍ରଦାନ ସହ ରାଜ୍ୟ ଓ କେନ୍ଦ୍ରସ୍ତରରେ ଇପିଏଫ୍ ପରିଚାଳନା ବୋର୍ଡ଼ରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନର ପ୍ରତିନିଧିଙ୍କୁ ସଦସ୍ୟଭାବେ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେବାକୁ ଏବଂ ପେନସନ୍ ପ୍ରଦାନରେ ସରଳୀକରଣ ପଦ୍ଧତି ଅବଲମ୍ବନ କରିବା ପାଇଁ ଦାବି କରାଯାଇଥିବାର ଜଣାଇଥିଲେ । ଭାଗବତ ପ୍ରତିହାରୀ, ମାୟାଧର ନାୟକ, ରତ୍ନାକର ପଣ୍ଡା, ଶ୍ୟାମସୁନ୍ଦର ଦାସମହାପାତ୍ର, ମଧୁସୂଦନ ଜେନା, ନିରଞ୍ଜନ ପରିଡ଼ା, ଶରତ ଚନ୍ଦ୍ର ଦଳାଇ, ଶଶଧର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମନ୍ମଥ ପରିଡ଼ା ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇ ଧନ୍ୟବାଦ ଦେଇଥିଲେ ।

# ରାଜଧାନୀରେ ବଢ଼ିଛି ସିନ୍ଧି ଚୋରୀ

ଭୁବନେଶ୍ୱର, ୧/୧ (ନି.ପ୍ର): ରାଜଧାନୀରେ ବଢ଼ିଛି ସିନ୍ଧି ଚୋରୀ । ୨୦୨୩ ଅପେକ୍ଷା ୨୦୨୪ରେ ବଢ଼ିଛି ଚୋରୀ । ୨୦୨୩ରେ ୧୦୦୫ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ଏହା ୧୩୧୪ଟି ମାମଲା ରୁଜୁ ହୋଇଛି ବୋଲି ପୋଲିସ କମିଶନର ଏସ. ଦେବଦତ୍ତ ସିଂ ସୂଚନା ଦେଇଛନ୍ତି । ସେହିପରି ପାରିବାରିକ କଳହ ମାମଲା ୨୦୨୪ରେ ବୃଦ୍ଧି ପାଇଛି । ୨୦୨୩ରେ ୬୯୨୬ ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ୯୩୭୯ଟି ମାମଲା ରୁଜୁ ହୋଇଛି । ସେହିପରି ହତ୍ୟାକାଣ୍ଡ ୨୦୨୩ରେ ରାଜଧାନୀରେ ୫୨ଟି ହତ୍ୟାକାଣ୍ଡ ଜନିତ ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ୬୬ଟି ହତ୍ୟାକାଣ୍ଡ ମାମଲା ରୁଜୁ ହୋଇଛି । ତେବେ ୨୦୨୪ରେ ଡକାୟତି, ଚୋରୀ କମିଥିବା ବାର୍ଷିକ ରିପୋର୍ଟରେ ସ୍ପଷ୍ଟ କରିଛି ପୋଲିସ ।

# ଆଳୁ, ପିଆଜରେ ଆତ୍ମ ନିର୍ଭର ହେବ ଓଡ଼ିଶା: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୧/୧ (ନି.ପ୍ର): ଆଳୁ, ପିଆଜରେ ଆତ୍ମ ନିର୍ଭର ହେବ ଓଡ଼ିଶା । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡିକରେ ଆତ୍ମ ନିର୍ଭରଶୀଳ ହେବ ଆମ ରାଜ୍ୟ । କୃଷି, ଯୋଗାଣ ଓ ସମବାୟ ବିଭାଗର ମିଳିତ ସହଯୋଗରେ ଏହା କରାଯିବ । ଖୁବଶୀଘ୍ର ଏଥିପାଇଁ ବୈଠକ ଡକାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଆଗକୁ ବଢିବା ପାଇଁ ଲକ୍ଷ୍ୟ । ଧାନ ମଣ୍ଡି ଗୁଡିକରେ କୌଣସି ଭିତ୍ତିଭୂମି ନାହିଁ । ତେଣୁ ମଣ୍ଡି ଗୁଡିକରେ ଭିତ୍ତିଭୂମି ସୁଦୃଢ଼ କରିବ ପାଇଁ ସରକାର ଅର୍ଥ ବ୍ୟବସ୍ଥା କରିଛନ୍ତି । ଏଠି ପାଇଁ ଦୁଇ ତିନି ବର୍ଷ ଲାଗିବ ବୋଲି ମନ୍ତ୍ରୀ କହିଛନ୍ତି ।

# ଓଡ଼ିଶାରେ ହେବ ବାୟୋ ଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୧/୧ (ନି.ପ୍ର): ଓଡ଼ିଶାରେ ହେବ ବାୟୋ ଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟ । ଆପ୍ଲାଏଡ ମ୍ୟାଥମେଟିକ୍ସ ବିଶ୍ୱବିଦ୍ୟାଳୟ ମଧ୍ୟ ଓଡ଼ିଶା ପ୍ରତିଷ୍ଠା ହେବ । ଇନଷ୍ଟିଚ୍ୟୁଡ ଅଫ୍ କେମେଷ୍ଟ୍ରି ମଧ୍ୟ ସ୍ଥାପନ କରିବେ ରାଜ୍ୟ ସରକାର । ଜିଲ୍ଲା ଗୁଡ଼ିକରେ ପ୍ଲାନେଟୋରିୟମ, ସାଇନ୍ସ ପାର୍କ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ।

# ଜିଲ୍ଲା ସ୍ତରରେ ପୂରଣ ହେବ ଖାଉଟି କଲ୍ୟାଣ ବିଭାଗର ଖାଲି ଥିବା ପଦବୀ

ଭୁବନେଶ୍ୱର, ୧/୧ (ନି.ପ୍ର): ଜିଲ୍ଲା ସ୍ତରରେ ଖାଉଟି କଲ୍ୟାଣ ବିଭାଗର ଖାଲି ଥିବା ପଦବୀ ଗୁଡ଼ିକୁ ପୂରଣ କରାଯିବ । ରାଜ୍ୟ ସ୍ତରୀୟ ଖାଉଟି କଲ୍ୟାଣ କମିଟି ତିଆରି ହେବ । କମିଟିରେ ୬ ଜଣ ବିଧାୟକ, ୨ ଜଣ ସାଂସଦ ଓ ଅନ୍ୟ ସଦସ୍ୟ ମାନେ ରହିବେ । ପୂର୍ବ ସରକାର ବେଳେ ଜିଲ୍ଲା ସ୍ତରରେ ସୁପ୍ତ ଅବସ୍ଥାରେ ଥିବା କମିଟି ଗୁଡ଼ିକୁ ଆକ୍ଟିଭ କରାଯିବ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଆହୁରି କଂଜ୍ୟୁମର କୋର୍ଟ ସ୍ଥାପନ କରାଯିବ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida